DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୧/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, July 11/2025 | Page 16 | ₹ 7.00 | BALASORE

୫୧ଶ ଭାଗ ୨୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 226 | ମୂଲ୍ୟ ₹୭/-



### ଫାଇନାଲରେ ଆନିସିମୋଭା

ୱିମ୍ବଲଡନ ଟେନିସ ଚାମ୍ପିୟନଶିପ୍ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଆମେରିକାର ଆମାଣ୍ଡା ଆନିସିମୋଭା।

୧୬

୦୨

### ଅକ୍ଟୋବର ୩୧ରେ 'ବାହୁବଳୀ ଦି ଏପିକ୍'

ଆସନ୍ତା ଅକ୍ଟୋବର ୩୧ରେ ଅଭିନେତା ପ୍ରଭାସଙ୍କ 'ବାହୁବଳୀ ଦି ଏପିକ୍' ରିଲିଜ୍ ହେବା ଏନେଇ ନିର୍ଦ୍ଦେଶକ ଏସ୍. ଏସ୍. ରାଜମୌଳୀ ସୂଚନା ଦେଇଛନ୍ତି।



# ଗଡୁନି ଗାଡ଼ି, ବଢୁଛି ଦୁର୍ଦ୍ଦଶା

## ଡ୍ରାଇଭର ମହାସଂଘ ଆନ୍ଦୋଳନ: ତୈଳ ସଙ୍କଟ, ତେଜିଲା ରାଜନୀତି

ଡ୍ରାଇଭର ମହାସଂଘର ଆନ୍ଦୋଳନ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ରିପୋର୍ଟ ଲେଖାହେବା ସୁଦ୍ଧା ଆନ୍ଦୋଳନ ଜାରି ରହିଥିଲା। ଏଥିଯୋଗୁ ରାଜ୍ୟରେ ଯାତ୍ରୀ ଓ ମାଲ୍ ପରିବହନ ସମେତ ଅନେକ ଜରୁରୀ ସେବା ଗୁରୁତର ପ୍ରଭାବିତ ହୋଇ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବସ୍‌ଷ୍ଟାଣ୍ଡଗୁଡ଼ିକରୁ ଘରୋଇ ବସ୍ ଚଳାଚଳ କରୁ ନ ଥିବାରୁ ଲୋକେ ଯାତାୟାତ କରି ନ ପାରି ଯନ୍ତ୍ରଣା ଭୋଗୁଛନ୍ତି। ମେଡିକାଲ ଭଳି ଜରୁରୀ କାର୍ଯ୍ୟରେ ଅନ୍ୟତ୍ର ଯାଉଥିବା ଲୋକମାନେ ବିଶେଷ ଭାବେ ହଇରାଣ ହେଉଛନ୍ତି। ବର୍ତ୍ତମାନ ବିଭିନ୍ନ ଶିକ୍ଷାନୁଷ୍ଠାନ ପାଇଁ ପ୍ରବେଶିକା ପରୀକ୍ଷା, ନାମଲେଖା ଆଦି କାର୍ଯ୍ୟ ଚାଲିଥିବାବେଳେ ଆନ୍ଦୋଳନ ଯୋଗୁଁ ତାହା ବାଧାପ୍ରାପ୍ତ ହୋଇ ଛାତ୍ରୀଛାତ୍ରଙ୍କ ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି। ସେହିପରି ପେଟ୍ରୋଲ, ଡିଜେଲ ଫିଲିଂ ଷ୍ଟେଶନଗୁଡ଼ିକୁ ପ୍ରାୟତଃ ତୈଳ ପରିବହନ ହୋଇପାରୁ ନ ଥିବା କୁହାଯାଉଛି। ଏଥିଯୋଗୁ ଅନେକ ଫିଲିଂ ଷ୍ଟେଶନରେ ପେଟ୍ରୋଲ, ଡିଜେଲ ମିଳୁନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଯେଉଁଠି ମିଳୁଛି, ସେଠି ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। କେବଳ ତୈଳ ନୁହେଁ, ଅନ୍ୟାନ୍ୟ ମାଲ୍ ମଧ ପହଞ୍ଚିପାରୁ ନ ଥିବାରୁ ବଜାରଗୁଡ଼ିକରେ ଖାଦ୍ୟ ସାମଗ୍ରୀର ଅଭାବ ଦେଖାଦେଲାଣି। ଫଳରେ କଳାବଜାର, ଦରବୃଦ୍ଧି ସ୍ଥିତି ଉପୁଜିଥିବା ଲୋକଙ୍କ ଅଭିଯୋଗରୁ ଜଣାପଡୁଛି। ଅନ୍ୟପକ୍ଷରେ ଡ୍ରାଇଭର ଆନ୍ଦୋଳନକୁ ନେଇ ରାଜନୀତି ମଧ ସରଗରମ ହୋଇଛି। ୧୧ ତାରିଖ ଶୁକ୍ରବାର ରାହୁଲ ଗାନ୍ଧୀଙ୍କ ଭୁବନେଶ୍ୱର ଗସ୍ତ ଓ ସମ୍ବିଧାନ ବଞ୍ଚାଅ ସମାବେଶ ଥିବାରୁ ଏହାକୁ ଭଣ୍ଡୁର କରିବା ପାଇଁ ସରକାର ଜାଣିଶୁଣି ଡ୍ରାଇଭର ଆନ୍ଦୋଳନର ସମାଧାନ ଦିଗରେ ବିଳମ୍ବ କରୁଥିବା ପିସିସି ସଭାପତି ଭକ୍ତଚରଣ ଦାସ ଅଭିଯୋଗ କରିଛନ୍ତି। ଏହାକୁ ଭାଜପା ପକ୍ଷରୁ ଖଣ୍ଡନ କରାଯିବା ସହ ବିରୋଧୀଙ୍କ ଚାଲ୍ ବୋଲି କୁହାଯାଉଛି। ରାଜ୍ୟରେ ପେଟ୍ରୋଲ, ଡିଜେଲ ସଙ୍କଟ ନ ଥିବା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସରକାର ମଧ ତୈଳ ସଙ୍କଟ ଆଶଙ୍କାକୁ ଦୃଷ୍ଟିରେ ରଖି ଏକ ଟାସ୍କଫୋର୍ସ ଗଠନ କରିଛନ୍ତି।



ଭୁବନେଶ୍ୱରସ୍ଥିତ ଏକ ପେଟ୍ରୋଲ ପମ୍ପରେ ଗୁରୁବାର ଦେଖିବାକୁ ମିଳିଥିବା ଲୋକଙ୍କ ଭିଡ଼। (ଫଟୋ: ବିକାଶ ନାୟକ)

### ଭକ୍ତ କହିଲେ ସରକାରୀ ଷଡ଼ଯନ୍ତ୍ର, ଜବାବ ଦେଲା ଭାଜପା

ଭୁବନେଶ୍ୱର,୧୦।୭(ରବିନାରାୟଣ ଜେନା)

ତିନିଦିନ ଧରି ୬ଦଫା ଦାବିରେ ଡ୍ରାଇଭର ମହାସଂଘ ଆନ୍ଦୋଳନ ଚଳାଇଛି। ମହାସଂଘର ପ୍ରାୟ ୫ଲକ୍ଷ ସଦସ୍ୟ ଗାଡ଼ି ଷ୍ଟିଅରିଂ ଛାଡ଼ିବା ଯୋଗୁ ଯାତାୟାତ ଓ ପରିବହନ କ୍ଷେତ୍ରରେ ସଙ୍କଟ ସୃଷ୍ଟି ହୋଇଛି। ପେଟ୍ରୋଲ ସଙ୍କଟ ଅନୁଭବ କରି ପ୍ରାୟ ସବୁ ଟାଙ୍କିରେ ଗାଡ଼ିଗୁଡ଼ିକର ଲମ୍ବା ଧାଡ଼ି ରହୁଛି। ଅନ୍ୟପକ୍ଷରେ ଭୁବନେଶ୍ୱର ବରମୁଣ୍ଡା ସମେତ ରାଜ୍ୟ ପ୍ରାୟ ସମସ୍ତ ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡ଼ିକ ଅଟକି ରହିଥିବାବେଳେ ଲୋକେ ନିଜ ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ଦୁର୍ଦ୍ଦଶା ଭୋଗୁଛନ୍ତି। ପରିବହନ ବ୍ୟବସ୍ଥାରେ ସୁଧାର ଆସୁ ନ ଥିବାରୁ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ିବାରେ ଲାଗିଛି।

ଅନ୍ୟପକ୍ଷରେ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ଶୁକ୍ରବାର(୧୧ ତାରିଖ) ରହିଥିବା ବେଳେ ଡ୍ରାଇଭର ମହାସଂଘ ଚଳାଇଥିବା ଆନ୍ଦୋଳନକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। ଡ୍ରାଇଭର ମହାସଂଘକୁ ଗୋଟିଏ ଦିନ ପାଇଁ ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ନିବେଦନ କରିଛନ୍ତି। ଏହାସହିତ ସେ କହିଛନ୍ତି, ଏହି ଆନ୍ଦୋଳନ ପଛରେ ସରକାରୀ ଷଡ଼ଯନ୍ତ୍ର ରହିଛି। ଗୁରୁବାର ଅପରାହ୍ଣରେ ପିସିସି ସଭାପତି ଦାସ ଖବରଦାତା ସମ୍ମିଳନୀରେ କହିଛନ୍ତି, କଂଗ୍ରେସର 'ସମ୍ବିଧାନ ବଞ୍ଚାଅ' ମହାସମାବେଶରେ ରାହୁଲ ଗାନ୍ଧୀ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଓ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ପୂର୍ବରୁ ଘୋଷଣା ହୋଇଛି। କଂଗ୍ରେସର ସମାବେଶକୁ ସଫଳ କରିବା ପାଇଁ ରାଜ୍ୟସାରା ଲୋକେ ରାଜଧାନୀକୁ ଆସିବାକୁ ଚାହୁଁଛନ୍ତି। ହେଲେ ଏଥିରେ ଡ୍ରାଇଭର ମହାସଂଘର ଆନ୍ଦୋଳନ ବାଧା ସୃଷ୍ଟି କରୁଛି। ଏହି ଆନ୍ଦୋଳନ ପଛରେ ସରକାରଙ୍କ ପ୍ରଚ୍ଛନ୍ନ ହାତ ☞ପୃଷ୍ଠା-୪

## ଆଜି ଆସିବେ ରାହୁଲ, ଖାର୍ଗେ



ରାହୁଲ ଗାନ୍ଧୀ



ମଲ୍ଲିକାର୍ଜ୍ଜୁନ ଖାର୍ଗେ

### 'ସମ୍ବିଧାନ ବଞ୍ଚାଅ ସମାବେଶ'ରେ ଯୋଗଦେବେ

ଭୁବନେଶ୍ୱର,୧୦।୭(ରବିନାରାୟଣ ଜେନା)

ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଶୁକ୍ରବାର ଆୟୋଜିତ ହେବ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ। ଏଥିରେ ଯୋଗଦେବେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହିତ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏବଂ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ। ସମାବେଶକୁ ସଫଳ କରିବାପାଇଁ କଂଗ୍ରେସ ନେତୃବୃନ୍ଦ ଦିନରାତି ଏକାଠି କରିଦେଇଛନ୍ତି। ତୃଣମୂଳସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସବୁଆଡ଼େ ପୋଷ୍ଟର ବ୍ୟାନର ଛାଇଗଲାଣି। ହେଲେ ଏତିକି ବେଳେ ଡ୍ରାଇଭର ମହାସଂଘର ଆନ୍ଦୋଳନ ସମାବେଶରେ କେଁ କରିବ ବୋଲି ଆଶଙ୍କା କରାଯାଉଛି। ଏହାକୁ ନେଇ ରାଜନୈତିକ ବାଦ ବିବାଦ ଲାଗି ରହିଛି। ଅନ୍ୟପକ୍ଷରେ କଂଗ୍ରେସ ରାଜ୍ୟରେ ବଢ଼ିଚାଲିଥିବା ନାରୀ ନିର୍ଯାତନା, କୃଷକ ଅବହେଳାଠାରୁ ଆରମ୍ଭ କରି ଆଦିବାସୀ ଓ ପଛୁଆବର୍ଗଙ୍କୁ ସରକାରଙ୍କ ପକ୍ଷପାତିତା ସହିତ ହଇଜା ଓ ଅପପୁଷ୍ଟି ଭଳି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରୁଛି। ଏତିକିବେଳେ ରାହୁଲଙ୍କ ଗସ୍ତ ରାଜ୍ୟ କଂଗ୍ରେସକୁ କିଭଳି ବରଦାନ ହେଉଛି ତାକୁ ନେଇ ରାଜନୈତିକ ମହଲରେ ଉତ୍ସୁକତାର ସହ ଅପେକ୍ଷା ରହିଛି।

## ଓଡ଼ିଶା ସରକାରଙ୍କୁ ଜବାବ ମାଗିଲେ କଲିକତା ହାଇକୋର୍ଟ

### ବଙ୍ଗାଳୀ ଶ୍ରମିକ ଅଟକ ପ୍ରସଙ୍ଗ

କୋଲକାତା,୧୦।୭

ଓଡ଼ିଶାରେ ବଙ୍ଗାଳୀ ଶ୍ରମିକଙ୍କୁ ଅଟକ ରଖାଯିବା ପ୍ରସଙ୍ଗରେ କଲିକତା ହାଇକୋର୍ଟ ଗୁରୁବାର ଓଡ଼ିଶା ସରକାରଙ୍କୁ ଜବାବ ମାଗିଛନ୍ତି। ଶ୍ରମିକମାନଙ୍କ ମୁକ୍ତି ସୁନିଶ୍ଚିତ କରିବା ପାଇଁ ଓଡ଼ିଶାର ଅଧିକାରୀମାନଙ୍କୁ ଯୋଗାଯୋଗ କରିବା ଲାଗି ଜଣେ ନୋଡାଲ ଅଫିସରଙ୍କୁ ନିଯୁକ୍ତ କରିବାକୁ ହାଇକୋର୍ଟ ପଶ୍ଚିମବଙ୍ଗ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଝାରସୁଗୁଡ଼ା ଜିଲାର ବିଭିନ୍ନ ଥାନା ଅଧୀନ ଅଞ୍ଚଳର ନିର୍ମାଣ ଓ ଖଣି ଖନନ କାର୍ଯ୍ୟରେ ନିୟୋଜିତ ଥିବା ୪୪୪ ଜଣଙ୍କୁ ବାଂଲାଦେଶୀ ନାଗରିକ ହୋଇଥିବା ସନ୍ଦେହକରି ଅଟକ ରଖାଯାଇ ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ ଚାଲିଥିବା ନେଇ ମଙ୍ଗଳବାର ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଦେଶରେ ବେଆଇନ ଭାବେ ବସବାସ କରୁଥିବା ବିଦେଶୀ ନାଗରିକଙ୍କୁ ଚିହ୍ନଟକରି ବାହାର କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାର ଏହି ଅପରେଶନ୍ ଚଳାଇଥିବା ଜଣାପଡ଼ିଛି। ଏହାର ଦିନକ ପରେ ଅର୍ଥାତ୍ ବୁଧବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ସମ୍ପୃକ୍ତ ଶ୍ରମିକଙ୍କ ମଧ୍ୟରୁ ୨୩ ଜଣ ତାଙ୍କ କ୍ରିଷ୍ଣାନଗର ସଂସଦୀୟ ନିର୍ବାଚନମଣ୍ଡଳୀର ବାସିନ୍ଦା ଦର୍ଶାଇ ସେମାନଙ୍କ ମୁକ୍ତି ପାଇଁ ଓଡ଼ିଶା ସରକାରଙ୍କୁ ଚେତାବନୀ ଦେଇଥିଲେ। ଇତିମଧ୍ୟରେ ଉକ୍ତ ମାମଲା କଲିକତା ହାଇକୋର୍ଟରେ ପହଞ୍ଚିଛି। ଜଷ୍ଟିସ୍ ତପବ୍ରତ ଚକ୍ରବର୍ତ୍ତୀ ଏବଂ ରୀତୋବ୍ରତ ମିତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ସୋମବାର ସୁଦ୍ଧା ଅଦାଲତରେ ରିପୋର୍ଟ ଦାଖଲକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ବଙ୍ଗଳା ଭାଷୀ ଶ୍ରମିକମାନଙ୍କୁ କାହିଁକି ଅଟକ ରଖାଯାଇଛି? ସେମାନଙ୍କୁ କେଉଁ ଆଧାରରେ ଅଟକ ରଖାଯାଇଛି? ଶ୍ରମିକଙ୍କ ବିରୋଧରେ କୌଣସି ମାମଲା ରୁଜୁ ହୋଇଛି କି? ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇଛି କି? ଏବେ ସେହି ଶ୍ରମିକମାନେ କେଉଁଠି ଅଛନ୍ତି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଏଥିସହ ଖଣ୍ଡପୀଠ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ମନୋଜ ପନ୍ଥଙ୍କୁ ଓଡ଼ିଶା ପ୍ରତିପକ୍ଷ ମନୋଜ ଆହୁଜାଙ୍କଠାରୁ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ମାଗିବାକୁ କହିଛନ୍ତି।

## ଗଞ୍ଜେଇ ଯାଞ୍ଚ ବେଳେ ୧୧୦ କେଜି ରୁପା ଜବତ

ସମ୍ବଲପୁର,୧୦।୭(ପ୍ରମୋଦ ବହିଦାର)

ଚୋରା ଚାଲାଣ ହେଉଥିବା ଗଞ୍ଜେଇ ଧରିବାକୁ ଯାଇ ସମ୍ବଲପୁର ଅବକାରୀ ବିଭାଗ ଗୁରୁବାର ଏକ ବଡ଼ଧରଣର ରୁପା ଚୋରାଚାଲାଣକୁ ଧରିଛି। ବିଜୁ ଏକ୍ସପ୍ରେସ୍ ୱେର ରେଙ୍ଗାଲି ତହସିଲ୍ ଛକ ନିକଟରେ ଅପରାହ୍ଣରେ ବିଭାଗ ଏକ ସ୍କର୍ପିଓରୁ ବିପୁଳ ରୁପା ବିସ୍କୁଟ ଜବତ କରିଛି। ଜବତ ସାମଗ୍ରୀ ମଧ୍ୟରେ ରହିଛି ୭୦ କେଜିର ୧୦୦ ଗ୍ରାମ ଓଜନର ୭୦୦ଟି ରୁପା ବିସ୍କୁଟ, ୨୦କିଲୋଗ୍ରାମ ଲେଖାଏ ୫ ଗ୍ରାମ ଓଜନ ବିଶିଷ୍ଟ ୪୦୦ଟି ଓ ୨୦ ଗ୍ରାମ ଓଜନ ବିଶିଷ୍ଟ ଏକ ହଜାରଟି ରୁପା କଏନ। ଅବକାରୀ ବିଭାଗ ଜବତ ରୁପାକୁ ସମ୍ବଲପୁର ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରିଛନ୍ତି। ଜବତ ମୋଟ ରୁପାର ଓଜନ ୧ କୁଇଣ୍ଟାଲ ୧୦ କେଜି ଓ ଏହାର ଆନୁମାନିକ ମୂଲ୍ୟ ୧ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଇଛି। ଏହାସହ ଗାଡ଼ିରେ ଥିବା ୨ ଆରୋହୀଙ୍କୁ ସମ୍ବଲପୁରରେ ଅଟକ ରଖି ଜିଏସ୍‌ଟି ଅଧିକାରୀମାନେ ପଚାରଉଚରା କରିଛନ୍ତି। ସେମାନେ ହେଲେ ଗୁଜୁରାଟ ରାଜ୍ୟ ସୁରାଟ ଜିଲାର ଚନ୍ଦ୍ରକାନ୍ତ ସୋମାଭାଇ ପଟେଲ(୫୩) ଓ ମେହେଶାନ ଜିଲା ବିଷନଗର ଗ୍ରାମର ସଞ୍ଜୟ ପଟେଲ(୫୧)। ସେମାନଙ୍କୁ ନୋଟିସ୍ ଦେଇ ଛାଡ଼ି ଦିଆଯାଇଥିବା ସମ୍ବଲପୁର ଜିଏସ୍‌ଟି ଡେପୁଟି କମିଶନର ଟେକଚାନ୍ଦ ମେହେର ସୂଚନା ଦେଇଛନ୍ତି।।

ଗଞ୍ଜେଇ ଚୋରାଚାଲାଣ ହେଉଥିବା ସନ୍ଦେହରେ ରେଙ୍ଗାଲି ତହସିଲ କାର୍ଯ୍ୟାଳୟ ନିକଟରେ ଅପରାହ୍ଣ ☞ପୃଷ୍ଠା-୪



ଜବତ ରୁପା

**ଆଜିର ସମ୍ପାଦକୀୟ** ବାହ୍ୟ ଆକ୍ରମଣ ଓ ବିଦ୍ରୋହ

# ଗୁରୁପୂର୍ଣ୍ଣିମାରେ ଗୁରୁଙ୍କୁ ହତ୍ୟା

### କେଶ କାଟିବାକୁ କହିବାରୁ ପ୍ରିନ୍ସିପାଲଙ୍କୁ ଛୁରି ଭୁସିଲେ

ହିସାର,୧୦।୭

ଦେଶବ୍ୟାପୀ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁବାର ଧୁମଧାମ୍‌ର ସହ ଗୁରୁପୂର୍ଣ୍ଣିମା ପାଳନ ହୋଇଥିବା ବେଳେ ହରିୟାଣାର ହିସାରରୁ ଏକ ଚାଞ୍ଚଲ୍ୟକର ଖବର ସାମ୍‌ନାକୁ ଆସିଛି। ଦ୍ୱାଦଶ ଶ୍ରେଣୀର ୨ ଛାତ୍ର ନିଜ ସ୍କୁଲ ପ୍ରିନ୍ସିପାଲଙ୍କୁ ଛୁରିରେ ଭୁସି ହତ୍ୟା କରିଛନ୍ତି। ଗୁରୁ ପୂର୍ଣ୍ଣିମାରେ ଗୁରୁ-ଶିଷ୍ୟ ସମ୍ପର୍କକୁ କଳଙ୍କିତ କରିଥିବା ଏହି ଘଟଣା ହିସାର ଜିଲା ବଶ୍ ବାଦଶାହପୁର ଗ୍ରାମର କର୍ତାର ମେମୋରିଆଲ ସିନିୟର ସେକେଣ୍ଡାରି ସ୍କୁଲରେ ଘଟିଛି।

ପୋଲିସ ସୂଚନା ମୁତାବକ, କର୍ତାର ମେମୋରିଆଲ ସ୍କୁଲ୍‌ର ଦ୍ୱାଦଶ ଶ୍ରେଣୀରେ ପଢୁଥିବା ୨ ଛାତ୍ରଙ୍କୁ ବିଦ୍ୟାଳୟର ପ୍ରିନ୍ସିପାଲ ଜଗବୀର ସିଂ ପନ୍ନୁ (୫୦) କେଶ କାଟିବାକୁ କହିବା ସହ ଉଭୟଙ୍କୁ ଶୃଙ୍ଖଳା ମଧ୍ୟରେ ରହିବାକୁ ତାଗିଦ୍ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉଭୟ ଛାତ୍ର ସ୍କୁଲ ପରିସରରେ ଜଗବୀରଙ୍କୁ ଏକ ଛୁରିରେ ବହୁବାର ଭୁସିଥିଲେ। ଏହାପରେ ସେମାନେ ଖସି ପଳାଇଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ପ୍ରିନ୍ସିପାଲଙ୍କୁ ସ୍କୁଲ କର୍ମଚାରୀ ହିସାରସ୍ଥିତ ପ୍ରାଇଭେଟ୍ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ପାଇ ପୋଲିସ ସ୍କୁଲରେ ପହଞ୍ଚି ତଦନ୍ତ କରିବା ସହ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ କରିଛି।



ଜଗବୀର ସିଂ ପନ୍ନୁ

# ୨୯ ସେଲିବ୍ରିଟିଙ୍କୁ ଘେରିଲା ଇଡି

ହାଇଦ୍ରାବାଦ,୧୦।୭

ଅନ୍‌ଲାଇନ୍ ବେଟିଂ ଆପ୍‌କୁ ପ୍ରୋତ୍ସାହନ ଦେବା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୨ ଡଜନରୁ ଊର୍ଦ୍ଧ୍ୱ ଅଭିନେତାଙ୍କ ସମେତ ୨୯ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଇଡି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିବା ସେଲିବ୍ରିଟିଙ୍କ ମଧ୍ୟରେ ରହିଛନ୍ତି କେନ୍ଦ୍ର ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ବିରୋଧ କରିଥିବା ପ୍ରକାଶ ରାଜଙ୍କ ସମେତ ଦକ୍ଷିଣ ଭାରତୀୟ ଷ୍ଟାର ବିଜୟ ଦେବେରାକୋଣ୍ଡା ଓ ରାଣା ଦୁଗୁବତୀ। ଏମାନଙ୍କ ବ୍ୟତୀତ ତେଲଙ୍ଗାନାର କେତେଜଣ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଓ ୟୁଟ୍ୟୁବର୍ ମଧ ଏଜେନ୍ସି ତଦନ୍ତ ପରିସରଭୁକ୍ତ ହୋଇଥିବା ଗୁରୁବାର ଇଡି ସୂତ୍ରରୁ ଜଣାପଡ଼ିଛି।

### ବେଟିଂ ଆପ୍‌କୁ ପ୍ରୋତ୍ସାହନ ଅଭିଯୋଗ



ପ୍ରକାଶ ରାଜ



ନିଧି ଅଗ୍ରୱାଲ

ଜଣେ ବରିଷ୍ଠ ଇଡି ଅଧିକାରୀ କହିଛନ୍ତି, ଅଭିଯୁକ୍ତମାନେ ଅନ୍‌ଲାଇନ୍ ବେଟିଂ ଆପ୍‌କୁ ପ୍ରୋତ୍ସାହନ ଦେବା ପବ୍ଲିକ୍ ଗ୍ୟାମ୍ବଲିଂ ଆକ୍ଟ, ୧୮୬୭ର ଉଲ୍ଲଂଘନ। ତେଲଙ୍ଗାନା ଓ ଆନ୍ଧ୍ର ପ୍ରଦେଶରେ ଏନେଇ ୫ଟି ଏଫ୍‌ଆଇଆର୍ ହୋଇଛି। ଏହାକୁ ଭିତ୍ତିକରି ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ) ଆଇନ ବଳରେ ଏମାନଙ୍କ ବିରୋଧରେ ଇଡି ତଦନ୍ତ ଚଳାଇଛି। ଅନ୍ୟ ଅଭିଯୁକ୍ତମାନଙ୍କ ମଧ୍ୟରେ ମାଞ୍ଚୁ ଲକ୍ଷ୍ମୀ, ନିଧି ଅଗ୍ରୱାଲ, ପ୍ରଣୀତା ସୁଭାଷ, ଅନନ୍ୟା ନଗେଲ୍ଲାଙ୍କ ଭଳି ତେଲୁଗୁ ସିନେ କଳାକାର ଏବଂ ଶ୍ରୀମୁଖୀ, ଶ୍ୟାମଳା, ବର୍ଷିନୀ ସୌନ୍ଦରାଜନ, ହର୍ଷ ସାଇ, ବେୟା ସନ୍ନି ଯାଦବଙ୍କ ଭଳି ଡିଜିଟାଲ କ୍ରିଏଟର ରହିଛନ୍ତି। ଏହି ସେଲିବ୍ରିଟିମାନେ ବିଭିନ୍ନ ପ୍ଲାଟ୍‌ଫର୍ମରେ ବେଟିଂ ଆପ୍ ସପକ୍ଷରେ ପ୍ରଚାରଧର୍ମୀ ଅଭିଯାନ ଚଳାଇବା ଫଳରେ ୟୁଜର୍ସ ବିଭ୍ରାନ୍ତ ହୋଇଛନ୍ତି। ଜଙ୍ଗଲୀ ରମି, ଜିତ୍‌ୱିନ୍, ଲୋଟସ୍ ୩୬୫ ଆଦି ଆପ୍‌ର ପରିଚାଳନାକାରୀ ସଂସ୍ଥାଗୁଡ଼ିକ ବେଆଇନ ଭାବେ ପାଣ୍ଠି ସଂଗ୍ରହ କରିବାରେ ସକ୍ଷମ ହୋଇଥିବା ଇଡି ସନ୍ଦେହ କରୁଛି। ଇଡି ଏହି ସେଲିବ୍ରିଟିମାନଙ୍କ ବୟାନ ରେକର୍ଡ କରିପାରେ।

## ବନ୍ୟା, ଭୂସ୍ଖଳନ ପ୍ରଭାବିତ ୬ ରାଜ୍ୟକୁ ୧,୦୬୬ କୋଟିର ସହାୟତା

**ନୂଆଦିଲ୍ଲୀ, ୧୦।୭**

ଚଳିତବର୍ଷ ମୌସୁମୀରେ ବନ୍ୟା ଏବଂ ଭୂସ୍ଖଳନରେ ପ୍ରଭାବିତ ହୋଇଥିବା ୬ ରାଜ୍ୟ ପାଇଁ ଗୁରୁବାର କେନ୍ଦ୍ର ସରକାର ୧,୦୬୬ କୋଟି ଟଙ୍କାର ଆର୍ଥିକ ସହାୟତା ରାଶି ମଞ୍ଜୁର କରିଛନ୍ତି। ଆସାମ, ମଣିପୁର, କେରଳ, ମେଘାଳୟ, ମିଜୋରାମ, ଉତ୍ତରାଖଣ୍ଡ ପାଇଁ ଏହି ସହାୟତା ରାଶି ମଞ୍ଜୁର ହୋଇଥିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକ୍ସ'ରେ ସୂଚନା ଦେଇଛନ୍ତି। ଏହି ରାଶି ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍) ଅଧୀନରେ ଜାରି କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆର୍‌ଏଫ୍) ଏବଂ ଏସ୍‌ଡିଆର୍‌ଏଫ୍ ପାଣ୍ଠିରୁ ୧୯ ରାଜ୍ୟକୁ ୮ ହଜାର କୋଟି ଟଙ୍କାରୁ ଅଧିକ ସହାୟତା ପ୍ରଦାନ କରାଯାଇଥିବା ସେ କହିଛନ୍ତି। ଉତ୍ତରାଖଣ୍ଡକୁ ସବୁଠାରୁ ଅଧିକ ୪୫୫.୬ କୋଟି, ଆସାମକୁ ୩୭୫.୬ କୋଟି, କେରଳକୁ ୧୫୩.୨ କୋଟି, ମଣିପୁରକୁ ୨୯.୨ କୋଟି, ମିଜୋରାମକୁ ୨୨.୮ କୋଟି, ମେଘାଳୟକୁ ୩୦.୪ କୋଟି ଟଙ୍କାର ସହାୟତା ରାଶି ମିଳିଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜ୍ୟଗୁଡ଼ିକର ସହାୟତା ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ଶାହା କହିଛନ୍ତି।

## ଭାରତରେ ଜନ୍ମିତ ସାବିହ ଖାନ୍ ହେଲେ ଆପଲ୍ ସିଓଓ

**ନ୍ୟୁୟର୍କ, ୧୦।୭**

ଉତ୍ତରପ୍ରଦେଶର ମୋରାଦାବାଦରେ ଜନ୍ମିତ ସାବିହ ଖାନ୍ ଆଇଫୋନ୍ ଉତ୍ପାଦନକାରୀ କମ୍ପାନୀ ଆପଲ୍‌ର ମୁଖ୍ୟ ଅପରେଟିଂ



ଅଫିସର (ସିଓଓ) ଭାବେ ପଦୋନ୍ନତି ପାଇଛନ୍ତି। ଭାରତୀୟ-ଆମେରିକୀୟ ଇଞ୍ଜିନିୟର ଖାନ୍(୫୯) ୩ ଦଶନ୍ଧି ହେଲା ଆମେରିକାର ବୃହତ୍ ପ୍ରଯୁକ୍ତି କମ୍ପାନୀ ସହ ଯୋଡ଼ିହୋଇ ରହିଛନ୍ତି। ସେ ୧୯୯୫ରେ ଆପଲ୍‌ରେ ଯୋଗ ଦେଇଥିବାବେଳେ ୨୦୧୯ ଜୁନ୍‌ରେ ଏହାର ପରିଚାଳନା ବିଭାଗର ବରିଷ୍ଠ ଉପାଧ୍ୟକ୍ଷ ହୋଇଥିଲେ। ଚଳିତ ମାସ ଶେଷଭାଗରେ ଜେଫ୍ ୱିଲିଅମ୍ସଙ୍କ ସ୍ଥାନରେ ସେ ଆପଲ୍ ସିଓଓ ଭାବେ କାର୍ଯ୍ୟଭାର ଗ୍ରହଣ କରିବାକୁ ଯାଉଛନ୍ତି।

## ଏକ୍ସ ସିଇଓ ପଦରୁ ଲିଣ୍ଡା ୟାକାରିନୋଙ୍କ ଇସ୍ତଫା

**ନ୍ୟୁୟର୍କ, ୧୦।୭**

ଏଲନ୍ ମସ୍କଙ୍କ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ର ସିଇଓ ପଦରୁ ଲିଣ୍ଡା ୟାକାରିନୋ ଇସ୍ତଫା ଦେଇଛନ୍ତି। ସେ ବୁଧବାର ଏକ ବାର୍ତ୍ତା ପୋଷ୍ଟ କରି ଏକ୍ସ'ରେ ତାଙ୍କ କାର୍ଯ୍ୟକାଳ ସମ୍ପର୍କରେ ଲେଖିଛନ୍ତି।



ଟେସ୍‌ଲା କମ୍ପାନୀ ମୁଖ୍ୟ ମସ୍କ ୨୦୨୨ରେ ଟୁଇଟରକୁ ୪୪ ବିଲିୟନ ଡଲାରରେ କିଣିବା ପରେ ଏହାର ନାଁ ବଦଳାଇ ଏକ୍ସ ରଖିଥିଲେ। ୨୦୨୩ ମେ'ରେ ସେ ଲିଣ୍ଡାଙ୍କୁ ଏହାର ସିଇଓ ନିଯୁକ୍ତ କରିଥିଲେ। ତାଙ୍କୁ କମ୍ପାନୀର ବ୍ୟବସାୟ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଏକ୍ସ'ରେ ଲିଣ୍ଡାଙ୍କ ୨ ବର୍ଷର କାର୍ଯ୍ୟକୁ ମସ୍କ ପ୍ରଶଂସା କରିଛନ୍ତି।



ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ଗୁରୁବାର ରୁଷୀୟ ସେନା ପକ୍ଷରୁ ବଡ଼ଧରଣର ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏହି ଏୟାର ଷ୍ଟ୍ରାଇକ୍‌ରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଛନ୍ତି। ଲୋକେ ସୁରକ୍ଷିତ ସ୍ଥାନକୁ ପଳାୟନ କରୁଥିବାବେଳେ କିଭ୍‌ର ମେଟ୍ରୋ ଷ୍ଟେଶନ୍‌ରେ ନିଜ ବିଲେଇକୁ ଧରି ଛିଡ଼ା ହୋଇଛନ୍ତି ଜଣେ ମହିଳା।

## ପକ୍ଷୀ ଶୁଆ ହେବାକୁ ଲାଗିଲାଣି

### ଏମର୍ଜେନ୍ସିକୁ ନେଇ ଶଶୀ ଥରୁର୍‌ଙ୍କ ଆଲେଖ୍ୟ, କଂଗ୍ରେସର କଟାକ୍ଷ

**ନୂଆଦିଲ୍ଲୀ, ୧୦।୭**

ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁରଙ୍କ ଦ୍ୱାରା ଏମର୍ଜେନ୍ସିକୁ ନେଇ ଲେଖାଯାଇଥିବା ଏକ ଆଲେଖ୍ୟକୁ କଂଗ୍ରେସ ତାମିଲନାଡୁର ବିରୁଧନଗରରୁ କଂଗ୍ରେସ ଏମ୍‌ପି ମଣିକମ୍ ଟାଗୋର ସମାଲୋଚନା କରିଛନ୍ତି। ସେ ଥରୁର୍‌ଙ୍କୁ କଠାକ୍ଷ କରି କହିଛନ୍ତି, ଯେତେବେଳେ କେହି ଭାଜପାର ମତକୁ ଦୋହରାଇଥାନ୍ତି, ତେବେ ମାନିନେବା ଉଚିତ ପକ୍ଷୀ ଶୁଆ ହେବାକୁ ଲାଗିଲାଣି। ପକ୍ଷୀମାନଙ୍କ ଦ୍ୱାରା ଅନୁକରଣ କରାଯିବା ସୁନ୍ଦର ଲାଗିଥାଏ। କିନ୍ତୁ ରାଜନୀତି କ୍ଷେତ୍ରରେ ଏହାର ଠିକ୍ ବିପରୀତ ହୋଇଥାଏ। ଥରୁର୍ ମାଲୟାଲମ ଖବରକାଗଜ ଦୀପିକାରେ ଏମର୍ଜେନ୍ସିକୁ ଏକ ଆଲେଖ୍ୟ ଲେଖି କହିଥିଲେ, ଏମର୍ଜେନ୍ସି କାଳ (୧୯୭୫ରୁ ୧୯୭୭ ମସିହା)କୁ କେବଳ ଏକ କଳା ଅଧ୍ୟାୟ ଭାବେ ମନେରଖିବା ଉଚିତ ନୁହେଁ



ବରଂ ଏଥିରୁ ଶିକ୍ଷା ନେବା ଉଚିତ। ଶୃଙ୍ଖଳା ଏବଂ ବ୍ୟବସ୍ଥା ନାମରେ ସେତେବେଳେ କରାଯାଇଥିବା କାର୍ଯ୍ୟଗୁଡ଼ିକୁ ଯଥାର୍ଥ ବୋଲି ଦର୍ଶାଯାଇପାରିବ ନାହିଁ। ଏମର୍ଜେନ୍ସି ଲାଗିବାରେ ସଞ୍ଜୟ ଗାନ୍ଧୀଙ୍କର ଭୂମିକାକୁ ନେଇ ଏହି ଆଲେଖ୍ୟରେ ସେ ପ୍ରଶ୍ନ ଉଠାଇଥିଲେ।

# ଏସ୍‌ଆଇଆର୍ ସମୟକୁ ନେଇ ପ୍ରଶ୍ନ

**ନୂଆଦିଲ୍ଲୀ, ୧୦।୭**

■ **ବିହାର ଭୋଟର ତାଲିକା ସଂଶୋଧନ ଜାରି ରହିବ**

■ **ପଞ୍ଜୀକରଣ ପାଇଁ ଆଧାର, ଭୋଟର ଆଇଡି, ରାଶନ କାର୍ଡ ଗ୍ରହଣ ପାଇଁ ଇସିଙ୍କୁ ପରାମର୍ଶ**

ବିହାରରେ ଭୋଟର ତାଲିକା ସଂଶୋଧନ ପାଇଁ ନିର୍ବାଚନ କମିଶନ(ଇସି)ଙ୍କ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ଜାରି ରହିବ। ଏସ୍‌ଆଇଆର୍ ନିଷ୍ପତ୍ତିକୁ ଚ୍ୟାଲେଞ୍ଜକରି ଦାଖଲ ୧୦ରୁ ଉର୍ଦ୍ଧ୍ୱ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଭୋଟର ପଞ୍ଜୀକରଣ ପାଇଁ ଆଧାର କାର୍ଡ, ଭୋଟର ପରିଚୟପତ୍ର ଓ ରାଶନ୍ କାର୍ଡକୁ ଗ୍ରହଣ କରିବା ଲାଗି ବିଚାର କରିବାକୁ ସର୍ବୋଚ୍ଚ ଅଦାଲତ ଇସିଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷେ ନଭେମ୍ବର ଆଡ଼କୁ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏବେ କାହିଁକି ରିଭିଜନ୍ କରାଯାଉଛି ବୋଲି ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ଜୁଲାଇ ୨୮ରେ ଏହାର ପରବର୍ତ୍ତୀ ଶୁଣାଣି ହେବ।

ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଜୁଲାଇ ୧ରୁ ଇସିଙ୍କ ପକ୍ଷରୁ ଭୋଟର ତାଲିକା ସଂଶୋଧନ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏଥିରେ ରାଜ୍ୟର ୭.୯ କୋଟି ଭୋଟର ସାମିଲ ହେବେ। ତେବେ ଏସ୍‌ଆଇଆର୍‌ରେ ଭୋଟର ଆଇଡି ଏବଂ ଆଧାର କାର୍ଡକୁ ଗ୍ରହଣ କରାଯାଉନାହିଁ। ଏଥିଯୋଗୁ ବିହାରର ପ୍ରାୟ ୧.୫ କୋଟି ମତଦାତା ଭୋଟର ତାଲିକାରୁ ବାଦ୍ ପଡ଼ିବା ଆଶଙ୍କା କରି ଇଣ୍ଡିଆ ବ୍ଲକ୍‌ର ନେତାମାନେ ଇସିଙ୍କୁ ଭେଟିଥିଲେ। ଏଥିରୁ କୌଣସି ସୁଫଳ ନ



ମିଳିବାରୁ ସୁପ୍ରିମକୋର୍ଟରେ ୧୦ରୁ ଅଧିକ ପିଟିଶନ ଦାଖଲ କରାଯାଇଛି। ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ମୁଖ୍ୟ ଆବେଦନକାରୀ ହୋଇଥିବାବେଳେ ଅନ୍ୟ ପିଟିଶନରମାନେ ହେଲେ ଆର୍‌ଜେଡି ଏମ୍‌ପି ମନୋଜ ଝା, ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର, କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ଏନ୍‌ସିପି-ଏସ୍‌ପି ନେତ୍ରୀ ସୁପ୍ରିୟା ସୁଲେ, ସିପିଆଇ ନେତା ଡି. ରାଜା, ସମାଜବାଦୀ ପାର୍ଟିର ହରିନ୍ଦର ସିଂ ମଲିକ, ଶିବସେନା ୟୁବିଟି ନେତା ଅରବିନ୍ଦ ସାୱନ୍ତ, ଜେଏମ୍‌ଏମ୍‌ର ସରଫରାଜ ଅହମଦ ଏବଂ ସିପିଆଇଏମ୍‌ଏଲ୍‌ର ଦୀପଙ୍କର ଭଟ୍ଟାଚାର୍ଯ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଇସିଙ୍କ ଅର୍ଡର ଖାରଜ କରିବାକୁ ଏହି ନେତାମାନେ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି। ଗୁରୁବାର ଆଂଶିକ କାର୍ଯ୍ୟଦିବସ ଥିବାବେଳେ ଜଷ୍ଟିସ୍ ସୁଧାଂଶୁ ଧୂଳିଆ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଏହାର ଶୁଣାଣି ଆରମ୍ଭ କରିଛନ୍ତି। ଖଣ୍ଡପୀଠ ଇସିଙ୍କୁ ପ୍ରଶ୍ନ କରିଛନ୍ତି, ଭୋଟର ତାଲିକା ସମୀକ୍ଷା ପାଇଁ ଆୟୋଗଙ୍କ କ୍ଷମତା ରହିଛି କି? ଏସ୍‌ଆଇଆର୍ ପାଇଁ ଯେଉଁ ପ୍ରକ୍ରିୟା ଆପଣାଯାଇଛି, ତା'ର ଯଥାର୍ଥତା କ'ଣ? ଏଭଳି ସମୟରେ କାହିଁକି ତାଲିକା ସଂଶୋଧନ କରୁଛନ୍ତି? ତେବେ ଏହି ପ୍ରକ୍ରିୟାକୁ 'କୃତ୍ରିମ' କିମ୍ବା 'କାଳ୍ପନିକ' ବୋଲି କହିବାରୁ ଆବେଦନକାରୀମାନେ ନିବୃତ୍ତ ରୁହନ୍ତୁ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ଜୁଲାଇ ୨୮ରେ ଉକ୍ତ ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି କରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ଇସିଙ୍କୁ ସପ୍ତାହେ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଉଦ୍‌ବେଗ ପ୍ରକାଶକଲେ ସୁପ୍ରିମକୋର୍ଟ

➢ବିହାର ଭୋଟର ତାଲିକାର ଏସ୍‌ଆଇଆର୍ ପାଇଁ ଲୋକଙ୍କ ଆଧାର କାର୍ଡ, ଭୋଟର ପରିଚୟପତ୍ର ଓ ରାଶନ କାର୍ଡ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ଇସିଙ୍କୁ ପରାମର୍ଶ ଦେଇଛନ୍ତି।

➢ଏସ୍‌ଆଇଆର୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଯାହାକି ଗଣତନ୍ତ୍ରର ମୂଳ ଏବଂ ମତଦାନ ଅଧିକାର ସହ ଜଡ଼ିତ।

➢ଭୋଟର ତାଲିକା ସଂଶୋଧନ କ୍ଷମତା, ଏଥିପାଇଁ ଆପଣାଯାଇଥିବା



ପଦ୍ଧତି ଓ ପ୍ରକ୍ରିୟାର ସମୟକୁ ନେଇ ସୁପ୍ରିମକୋର୍ଟ ଇସିଙ୍କୁ ପ୍ରଶ୍ନ କରିଛନ୍ତି।

➢ବିହାରରେ ନାଗରିକତ୍ୱ ପ୍ରମାଣ ପାଇଁ ଉଦ୍ଦିଷ୍ଟ ସୂଚୀବଦ୍ଧ ତାଲିକା ଦସ୍ତାବିଜରୁ ଆଧାର କାର୍ଡକୁ ବାଦ୍ ଦିଆଯିବା ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି।

➢ନାଗରିକତ୍ୱ ପ୍ରସଙ୍ଗ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପରିସରଭୁକ୍ତ ବିଷୟ ବୋଲି ସୁପ୍ରିମକୋର୍ଟ କହିବା ସହ ଏଥିରେ ଇସି କାହିଁକି ମୁଣ୍ଡ ପୂରାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି।

## ୟୁରୋପରେ ଗ୍ରୀଷ୍ମ ଲହରି: ୧୦ ଦିନରେ ୨,୩୦୦ ମୃତ

**ନୂଆଦିଲ୍ଲୀ, ୧୦।୭**

ୟୁରୋପର ୧୨ଟି ସହରରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରି ଯୋଗୁ ଜୁନ୍ ୨୩ରୁ ଜୁଲାଇ ୨ ତାରିଖ ୧୦ ଦିନ ମଧ୍ୟରେ ୨,୩୦୦ ଲୋକଙ୍କ ମୃତ୍ୟୁ ଘଟିଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ସେଥିରୁ ଦୁଇ-ତୃତୀୟାଂଶ ବା ୧,୫୦୦ ଜଣଙ୍କ ମୃତ୍ୟୁର ଜଳବାୟୁ ପରିବର୍ତ୍ତନ ସହ ପ୍ରତ୍ୟକ୍ଷ ସମ୍ପର୍କ ରହିଥିବା କୁହାଯାଇଛି। ପଶ୍ଚିମ ୟୁରୋପର ବିସ୍ତୀର୍ଣ୍ଣ ଅଞ୍ଚଳ ଗ୍ରୀଷ୍ମ ଲହରି ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବାବେଳେ ସ୍ପେନ୍‌ରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରିଛି। ଫ୍ରାନ୍ସରେ ବନାଗ୍ନି ଯୋଗୁ ତାପମାତ୍ରା ବୃଦ୍ଧି ପାଇଛି। ବାର୍ସିଲୋନା, ମାଡ୍ରିଡ୍, ଲଣ୍ଡନ ଓ ମିଲନ ସମେତ ୧୨ଟି ୟୁରୋପୀୟ ସହରରେ ୩ କୋଟିରୁ ଉର୍ଦ୍ଧ୍ୱ ଲୋକ ରହୁଥିବାବେଳେ ସେଠାରେ ତାପମାତ୍ରା ୪ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇଛି।

## ଆଲିଆ ଭଟ୍ଟଙ୍କୁ ୭୭ ଲକ୍ଷ ଠକିଥିବା ପୂର୍ବତନ ପିଏ ଗିରଫ

**ମୁମ୍ବାଇ, ୧୦।୭**

ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ପୂର୍ବତନ ବ୍ୟକ୍ତିଗତ ସହାୟକ(ପିଏ) ବେଦିକା ପ୍ରକାଶ ଶେଟ୍ଟୀ ବୁଧବାର ଗିରଫ ହୋଇଛନ୍ତି। ସେ ଗତ ୬ ମାସ ଧରି ଫେରାର ଥିଲେ। ବେଦିକା ଗତ ୨ ବର୍ଷ ଧରି ଆଲିଆଙ୍କୁ ଠକି ଆସୁଥିଲେ। ସେ ନକଲି ବିଲ୍ ଏବଂ ଆଲିଆଙ୍କ ନକଲି ଦସ୍ତଖତକୁ ବ୍ୟବହାରକରି ତାଙ୍କୁ ୭୭ ଲକ୍ଷ ଟଙ୍କା ଠକିଥିଲେ। କିଛି ମାସ ତଳେ ଏନେଇ ଆଲିଆଙ୍କ ମା' ସୋନି ରାଜ୍‌ଦାନ ଥାନାରେ ଅଭିଯୋଗ ମରିଥିଲେ। ମୁମ୍ବାଇ ପୋଲିସ ତାଙ୍କୁ ବେଙ୍ଗାଲୁରୁରୁ ଗିରଫ କରିଛି।

## ଛାତ୍ର, ପର୍ଯ୍ୟଟକ, ଏଚ୍-୧ବି ଭିଜା ଶୁଳ୍କ ବଢ଼ାଇଲା ଆମେରିକା

**ୱାଶିଂଟନ୍, ୧୦।୭ (ପି.ଟି.)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୱାନ୍ ବିଗ୍ ବିୟୁଟିଫୁଲ୍ ବିଲିୟନ୍ ବିଲ୍ ଆକ୍ଟ ଅଧୀନରେ ଦେଶର ଆପ୍ରବାସୀ ନୀତିରେ ପରିବର୍ତ୍ତନ କରାଯାଇ ୨୫୦ ଡଲାରର ଭିଜା ଇଣ୍ଟିଗ୍ରିଟି ଫି'ର ପ୍ରଚଳନ କରାଯାଇଛି। ଏକ ସୁରକ୍ଷା ଜମା ଭଳି ଏହି ବାଧ୍ୟତାମୂଳକ ଶୁଳ୍କକୁ ଲାଗୁ କରାଯାଇଛି। ନୂତନ ନିୟମ ଅନୁଯାୟୀ, ଏହି ବାଧ୍ୟତାମୂଳକ ଶୁଳ୍କ ୨୦୨୬ଠାରୁ କାର୍ଯ୍ୟକାରୀ ହେବ। ଏଥିରେ ପର୍ଯ୍ୟଟକ/ବ୍ୟବସାୟ (ବି୧-ବି୨) ଭିଜା, ଛାତ୍ର ଭିଜା (ଏଫ୍ ଏବଂ ଏମ୍) ଏବଂ ଏଚ୍-୧ ଭିଜା ଅନ୍ତର୍ଭୁକ୍ତ ଥିବାବେଳେ କେବଳ କୂଟନୈତିକ ଭିଜା ଶ୍ରେଣୀ (ଏ ଏବଂ ଜି)କୁ ଏଥିରୁ ଛାଡ଼ କରାଯାଇଛି। ଅଧିକାଂଶ ଅଣ-ଆପ୍ରବାସୀ ଭିଜା ଶ୍ରେଣୀରେ ୨୫୦ ଡଲାରର ଏହି ଭିଜା ଇଣ୍ଟିଗ୍ରିଟି ଫି'କୁ ଯୋଡ଼ାଯାଇଛି। ଟ୍ରମ୍ପ ପ୍ରଶାସନ ପକ୍ଷରୁ ଜାରି ଏହି ପଦକ୍ଷେପକୁ ଆମେରିକାର ଆପ୍ରବାସ ଆଇନକୁ ପାଳନ କରିବା ପାଇଁ ବାଧ୍ୟ କରିବା ଉଦ୍ଦେଶ୍ୟରେ ଏକ ପ୍ରୟାସ ବୋଲି ବିଚାର କରାଯାଉଛି।

## ହସ୍ପିଟାଲରେ ମୃତ, କବର ପୂର୍ବରୁ ନବଜାତକ ଜୀବିତ

**ବିଡ୍, ୧୦।୭**

ମହାରାଷ୍ଟ୍ରର ବିଡ୍ ଜିଲାରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଅମ୍ବାଯୋଗାଇ ଅଞ୍ଚଳରେ ଥିବା ସ୍ୱାମୀ ରାମାନନ୍ଦ ତୀର୍ଥ ସରକାରୀ ହସ୍ପିଟାଲରେ ଜନ୍ମ ହୋଇଥିବା ଏକ ନବଜାତକକୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ କବର ଦେବା ପୂର୍ବରୁ ନବଜାତକଟି ଜୀବିତ ଥିବା ଜଣାପଡ଼ିଥିଲା।

ଗତ ୭ ତାରିଖ ରାତିରେ ରାମାନନ୍ଦ ତୀର୍ଥ ହସ୍ପିଟାଲରେ ଜଣେ ମହିଳା ଏକ ନବଜାତକକୁ ଜନ୍ମ ଦେଇଥିଲେ। କିଛି ସମୟ ପରେ ଡାକ୍ତର ଉକ୍ତ ଶିଶୁକୁ ମୃତ ଘୋଷଣା କରିଥିଲେ। ୧୨ ଘଣ୍ଟା ପର୍ଯ୍ୟନ୍ତ ଶିଶୁଟିକୁ ହସ୍ପିଟାଲରେ ରଖାଯାଇଥିଲା। ପରିବାର ଲୋକ ଏବଂ ସମ୍ପର୍କୀୟ ଶିଶୁଟିକୁ କବର ଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ନବଜାତକର ଜେଜେବାପା କହିଛନ୍ତି, ସେମାନେ ଏକ ବ୍ୟାଗ୍‌ରେ ନବଜାତକକୁ ରଖି ମୋଟର ସାଇକେଲରେ କବର ଦେବା ପାଇଁ ନେଇଥିଲେ। ତେବେ କବର ଦେବାର ଠିକ୍ ପୂର୍ବରୁ ନଜଜାତକର ଜେଜେମା' ଶିଶୁଟିର ଚେହେରା ଦେଖିବାକୁ ଜିଦ୍



କରିଥିଲେ। ବ୍ୟାଗ୍‌ରୁ ଶିଶୁକୁ ବାହାର କରିବା ପରେ ସେ ହଲୁଥିବାର ଦେଖିବାକୁ ମିଳିଥିଲା। ଶିଶୁଟି ବଞ୍ଚିଥିବା ଜାଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତୁରନ୍ତ ଶିଶୁଟିକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେ ଶିଶୁଟିର ଅବସ୍ଥା ସ୍ଥିର ରହିଛି। ଡାକ୍ତରଙ୍କ ଅବହେଳାରୁ ଏହି ସ୍ଥିତି ଉପୁଜିଥିବା ନେଇ ଶିଶୁର ପରିବାର ଅଭିଯୋଗ ଆଣିଛନ୍ତି। ଘଟଣାକୁ ନେଇ ଏକ ତଦନ୍ତ କମିଟି ଗଠନ ହୋଇଛି ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାମାନନ୍ଦ ତୀର୍ଥ ହସ୍ପିଟାଲର ଡିନ୍ ଡାକ୍ତର ରାଜେଶ କଚ୍‌ରେ କହିଛନ୍ତି।

**ଫୁରସତ୍**



ପ୍ରଭାସ

## ଅକ୍ଟୋବର ୩୧ରେ 'ବାହୁବଳୀ ଦି ଏପିକ୍'

**ହାଇଦ୍ରାବାଦ**

୨୦୧୫ରେ ରିଲିଜ୍ ହୋଇଥିବା 'ବାହୁବଳୀ ଦି ବିଗ୍‌ନିଂ' ଭାରତୀୟ ସିନେମାର ଚିନ୍ତାଧାରାକୁ ବଦଳାଇଥିଲା। ବୁଧବାର ଏହି ଫିଲ୍ମର ରିଲିଜ୍‌କୁ ୧୦ ବର୍ଷ ପୂରଣ ହୋଇଛି। ଏହି ବିଶେଷ ଅବସରକୁ ସ୍ମରଣୀୟ କରିବା ପାଇଁ ନିର୍ଦ୍ଦେଶକ ରାଜମୌଲୀ ଏକ ବଡ଼ ଘୋଷଣା କରିଛନ୍ତି। ଆସନ୍ତା ଅକ୍ଟୋବର ୩୧ରେ 'ବାହୁବଳୀ ଦି ଏପିକ୍' ରିଲିଜ୍ ହେବାକୁଯାଉଛି। ଏଥିରେ ବାହୁବଳୀର ଉଭୟ ଭାଗକୁ ମିଶ୍ରଣ କରାଯାଇଥିବା ସେ କହିଛନ୍ତି। ବୁଧବାର ସେ ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି, ୧୦ ବର୍ଷ ତଳେ 'ବାହୁବଳୀ'ର ଯାତ୍ରା ଆରମ୍ଭ ହୋଇଥିଲା। ଆସନ୍ତା ଅକ୍ଟୋବର ୩୧ରେ 'ବାହୁବଳୀ ଦି ଏପିକ୍' ଦର୍ଶକଙ୍କ ପାଇଁ ରିଲିଜ୍ ହେବ, ଯେଉଁଥିରେ ଫିଲ୍ମର ଉଭୟ ଭାଗକୁ ମିଶ୍ରଣ କରାଯାଇଛି। ବାହୁବଳୀର ଦ୍ୱିତୀୟ ଭାଗ 'ବାହୁବଳୀ ୨: ଦି କନ୍‌କ୍ଲୁଜନ୍' ୨୦୧୭ରେ ରିଲିଜ୍ ହୋଇଥିଲା। ଉଭୟ ଫିଲ୍ମରେ ଅଭିନେତା ପ୍ରଭାସ, ରାଣା ଦଗ୍ଗୁବତି, ସତ୍ୟରାଜ୍, ନାସର ଏବଂ ଅଭିନେତ୍ରୀ ଅନୁଷ୍କା ଶେଟ୍ଟୀ, ତମନ୍ନା ଭାଟିଆ, ରମ୍ୟା କ୍ରିଷ୍ଣନ୍ ପ୍ରମୁଖଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। 'ବାହୁବଳୀ ଦି ବିଗ୍‌ନିଂ' ବିଶ୍ୱବ୍ୟାପୀ ୬୫୦ କୋଟି ଟଙ୍କାର ବ୍ୟବସାୟ କରିଥିବାବେଳେ 'ବାହୁବଳୀ ୨: ଦି କନ୍‌କ୍ଲୁଜନ୍' ୧୭୮୮.୦୬ କୋଟି ଟଙ୍କାର ବ୍ୟବସାୟ କରିଥିଲା।

## ସବୁଠୁ ଛୋଟ ପକ୍ଷୀ ବି ହମିଂବାର୍ଡ

**ହଭାନା**

ବିଶ୍ୱର ସବୁଠାରୁ ଛୋଟ ପକ୍ଷୀର ନାମ ହେଉଛି ବି ହମିଂବାର୍ଡ। କାରବିଆନ୍ ଦେଶ କ୍ୟୁବାର ଘନ ଜଙ୍ଗଲରେ ମାତ୍ର ୫ରୁ ୬ ସେଣ୍ଟିମିଟର ଲମ୍ବ ବିଶିଷ୍ଟ ଏହି ପକ୍ଷୀକୁ ଦେଖିବାକୁ ମିଳିଥାଏ। ଏହି ପକ୍ଷୀଟି ଆକାରରେ ଏତେ କ୍ଷୁଦ୍ର ଯେ ଏହା କୌଣସି ମଣିଷର କାଣି ଆଙ୍ଗୁଠିଠାରୁ ମଧ୍ୟ ଛୋଟ ହେବ। ବି ହମିଂବାର୍ଡର ଓଜନ ମାତ୍ର ୧.୫ରୁ ୨ ଗ୍ରାମ୍ ମଧ୍ୟରେ ହେବ। ଏହି କାରଣରୁ ଅନେକେ ଏହି ପକ୍ଷୀକୁ ମହୁମାଛି ବୋଲି ଭାବି ଦେଇଥାନ୍ତି। ଉଡ଼ିବା ସମୟରେ ବି ହମିଂବାର୍ଡ ମହୁମାଛି ପରି ଶବ୍ଦ କରିଥାଏ ଏବଂ ଏହାର ଆକାର ମଧ୍ୟ ମହୁମାଛି ପରି ହୋଇଥିବାରୁ ଏହି ପକ୍ଷୀକୁ ମହୁମାଛି ବୋଲି ଭାବି ଅନେକେ ଭ୍ରମରେ ପଡ଼ିଥାନ୍ତି।

ଏହି କ୍ଷୁଦ୍ର ପକ୍ଷୀର ଅନେକ ଆଶ୍ଚର୍ଯ୍ୟଜନକ ବିଶେଷତ୍ୱ ରହିଛି। ସାଧାରଣତଃ ଅଧିକାଂଶ ପକ୍ଷୀ କେବଳ ଆଗକୁ ଉଡ଼ିପାରନ୍ତି, କିନ୍ତୁ ବି ହମିଂବାର୍ଡ ପକ୍ଷୀ ଆଗ ସହ ପଛକୁ ମଧ୍ୟ ଉଡ଼ିପାରିଥାଏ। ଏହି ପକ୍ଷୀ ଫୁଲ ଭିତରେ



ନିଜ ଥଣ୍ଟ ଭର୍ତ୍ତି କରି ଶୋଷିବା ପରେ ତୁରନ୍ତ ପଛକୁ ଫେରିଯାଇ ପରବର୍ତ୍ତୀ ଫୁଲ ପାଖକୁ ଯାଇପାରିଥାଏ। ଏହି ପକ୍ଷୀର ଡେଣା ଫଡ଼ଫଡ଼ ଏତେ ଦ୍ରୁତ ଯେ, ଏହାକୁ ଖାଲି ଆଖିରେ ଦେଖି ହୋଇ ନ ଥାଏ। ପ୍ରତି ସେକେଣ୍ଡରେ ଏହି ପକ୍ଷୀ ୮୦ରୁ ଅଧିକ ଥର ନିଜ ଡେଣାକୁ ଫଡ଼ଫଡ଼ କରିପାରିଥାଏ। ତେବେ କେବେ କେବେ ଉଡ଼ିବା ସମୟରେ ବି ହମିଂବାର୍ଡର ଡେଣା ଫଡ଼ଫଡ଼ କରିବାର ଗତି ସେକେଣ୍ଡ ପ୍ରତି ୨୦୦ରୁ ଅଧିକ ଥର ହୋଇଯାଇଥାଏ, ଫଳରେ ଏହି ଶବ୍ଦ ଠିକ୍ ମହୁମାଛିର ଗୁଞ୍ଜରଣ ପରି ଶୁଭିଥାଏ।

ତେବେ ପୁରୁଷ ଏବଂ ମାଈ ବି ହମିଂବର୍ଡ ପକ୍ଷୀ ମଧ୍ୟରେ ଅନେକ କିଛି ପାର୍ଥକ୍ୟ ରହିଛି। ପୁରୁଷ ହମିଂବାର୍ଡ ଅଧିକ ଉଜ୍ଜ୍ୱଳ ହୋଇଥାନ୍ତି। ସେମାନଙ୍କର ମୁଣ୍ଡ ଏବଂ ବେକରେ ଇନ୍ଦ୍ରଧନୁ, ଲାଲ୍ କିମ୍ବା କମଳା ରଙ୍ଗର ପର ଥାଏ, ଯାହା ସୂର୍ଯ୍ୟକିରଣରେ ଚମକୁଥାଏ। ଅନ୍ୟପକ୍ଷରେ ମାଈ ହମିଂବାର୍ଡ ପକ୍ଷୀମାନଙ୍କର ରଙ୍ଗ ଟିକିଏ ହାଲୁକା ରହିଥାଏ ଏବଂ ପୁରୁଷ ପକ୍ଷୀଙ୍କ ଭଳି ସେମାନଙ୍କ ଶରୀରରେ ଉଜ୍ଜ୍ୱଳ ଚିହ୍ନ ନ ଥାଏ।

ବି ହମିଂବାର୍ଡ ପକ୍ଷୀ ସେମାନଙ୍କର ବସାକୁ ଖୁବ୍ ସୁନ୍ଦର ଭାବେ ତିଆରି କରିଥାନ୍ତି। ଏହି ବସାଗୁଡ଼ିକ ସାଧାରଣତଃ ଗଛର ପତଳା ଡାଳରେ ରହିଥାଏ ଏବଂ ଏହା ଏତେ ଛୋଟ ହୋଇଥାଏ ଯେ, ସେମାନଙ୍କୁ ଖୋଜିବା କଷ୍ଟକର ହୋଇପଡ଼ିଥାଏ। ଏହି କ୍ଷୁଦ୍ର ପକ୍ଷୀ ସାଧାରଣତଃ ଏକାଥରକେ କେବଳ ୨ଟି ଅଣ୍ଡା ଦେଇଥାଏ। ଆକାରରେ ଏହି ଅଣ୍ଡାଗୁଡ଼ିକ ମଟରଠାରୁ ମଧ୍ୟ ଛୋଟ ହୋଇଥାଏ। ସାଧାରଣତଃ କ୍ୟୁବାର ଘନ ଜଙ୍ଗଲ ଏବଂ ବିଭିନ୍ନ ଖୋଲା ଅଞ୍ଚଳରେ ଏହି ପକ୍ଷୀମାନେ ବାସ କରିଥାନ୍ତି। ତେବେ କୃଷି ଏବଂ ସହରୀକରଣ ଯୋଗୁ ଜଙ୍ଗଲ କ୍ଷୟ ଏବଂ କୀଟନାଶକର ବ୍ୟବହାର ବଢ଼ିଥିବାରୁ ଦ୍ରୁତ ଗତିରେ ଏହି କ୍ଷୁଦ୍ର ପକ୍ଷୀଙ୍କର ପ୍ରାକୃତିକ ବାସସ୍ଥାନ ବିଲୁପ୍ତ ହେବାରେ ଲାଗିଛି ବୋଲି ପରିବେଶ ବିଶେଷଜ୍ଞମାନେ ମତ ରଖିଛନ୍ତି।




# ୪,୩୭୩ ପଞ୍ଚାୟତରେ ନାହିଁ ବ୍ୟାଙ୍କିଙ୍ଗ୍ ସେବା: ମୁଖ୍ୟମନ୍ତ୍ରୀ

## ୨୭ତମ ପୂର୍ବାଞ୍ଚଳ ଜୋନାଲ କାଉନ୍ସିଲ ବୈଠକ

ଭୁବନେଶ୍ୱର,୧୦।୭
(ରବିନାରାୟଣ ଜେନା)

ଓଡ଼ିଶାରେ ୪,୩୭୩ ଗ୍ରାମପଞ୍ଚାୟତରେ ଏବେ ବ୍ୟାଙ୍କ ସେବା ପହଞ୍ଚି ପାରିନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଝାଡ଼ଖଣ୍ଡର ରାଞ୍ଚିଠାରେ ଅନୁଷ୍ଠିତ ଇଷ୍ଟର୍ନ ଜୋନାଲ କାଉନସିଲ୍‌ର ୨୭ତମ ବୈଠକରେ ଯୋଗ ଦେଇ ସେ କହିଛନ୍ତି, ଦୁର୍ଗମ ଅଞ୍ଚଳର ଲୋକେ ବ୍ୟାଙ୍କ କାରବାର ଲାଗି ବ୍ୟାଙ୍କ ମିତ୍ର(ବିସି)ଙ୍କ ଉପରେ ନିର୍ଭର କରୁଛନ୍ତି। ହେଲେ ବ୍ୟାଙ୍କମିତ୍ରମାନଙ୍କ ଆର୍ଥିକ କ୍ଷମତା କମ୍ ଥିବାରୁ ଅନେକ ସମୟରେ ସମସ୍ୟା ଉପୁଜୁଛି। ତେଣୁ ଅଧିକ ବ୍ୟାଙ୍କ ଶାଖା ରାଜ୍ୟରେ ଖୋଲିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୬,୭୯୪ ଗ୍ରାମପଞ୍ଚାୟତ ରହିଥିଲେ ହେଁ ୨,୪୨୧ଟି ପଞ୍ଚାୟତରେ ବ୍ରିକ୍ ଆଣ୍ଡ ମୋର୍ଟାର ବ୍ୟାଙ୍କ ଶାଖା ରହିଛି। ଅବଶିଷ୍ଟ ୪,୩୭୩ ପଞ୍ଚାୟତରେ ଏହି ସୁବିଧା ନାହିଁ। ଭୌଗୋଳିକ ଦୃଷ୍ଟିକୋଣରୁ ସେସବୁ ଅଞ୍ଚଳରେ ଠିକଣା ଭାବେ ବ୍ୟାଙ୍କ ସେବା ପହଞ୍ଚି ପାରୁନାହିଁ। ସେଥିପାଇଁ ୪୨ହଜାର ୩୫ଜଣ ବ୍ୟାଙ୍କ ମିତ୍ର ଲୋକଙ୍କୁ ବ୍ୟାଙ୍କ ସେବାରେ ସହାୟତା କରୁଛନ୍ତି, ଯାହାକି ପର୍ଯ୍ୟାପ୍ତ ହୋଇପାରୁ ନାହିଁ। ଅନେକ ସମୟରେ ଦୁର୍ଗମଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ଦେଖାଦେଉଛି, ଫଳରେ ବ୍ୟାଙ୍କ ସେବା ତଥା ଟଙ୍କା ନେଣଦେଣ ବାଧାପ୍ରାପ୍ତ ହେଉଛି। ଏହାବ୍ୟତୀତ ବ୍ୟାଙ୍କଗୁଡ଼ିକର ବ୍ୟାଙ୍କ ମିତ୍ରଙ୍କୁ କମିଶନ ଦେବାରେ ଏକକ ମାର୍ଗଦର୍ଶିକା ନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସହିତ ସହବନ୍ଧନ କରି ବ୍ୟାଙ୍କ ସେବାକୁ ତ୍ୱରାନ୍ୱିତ କରିବାକୁ ଉଦ୍ୟମ କରୁଛନ୍ତି। ସେ ପୁଣି କହିଛନ୍ତି, ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠାରେ ଗ୍ରାହକ ସେବା କେନ୍ଦ୍ର(ସିଏସ୍‌ପି) ସୁବିଧା ଯୋଗାଇ ଦିଆଯାଉଛି। ୨୭୪୨ ଗ୍ରାମପଞ୍ଚାୟତରେ ମୋର୍ଟାର ବ୍ୟାଙ୍କିଙ୍ଗ ନ ଥିଲେ ହେଁ ସିଏସ୍‌ପି ପ୍ଲସ ବ୍ୟାଙ୍କିଙ୍ଗ ସେବା ଲୋକଙ୍କ ପାଖରେ ପହଞ୍ଚିପାରୁଛି। ଅବଶିଷ୍ଟ ୧,୬୩୧ ଗ୍ରାମପଞ୍ଚାୟତରେ ଯଥାଶୀଘ୍ର ସିଏସ୍‌ପି ପ୍ଲସ ବ୍ୟାଙ୍କିଙ୍ଗ ସେବା ପହଞ୍ଚାଇବା ପାଇଁ ସରକାର ପ୍ରକ୍ରିୟା ଜାରି ରଖିଛନ୍ତି। ଏହାସହିତ ଇଣ୍ଟରନେଟ୍ ସେବା ଓ ବିଦ୍ୟୁତ୍ ସେବାକୁ ତ୍ୱରାନ୍ୱିତ କରାଯିବାକୁ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


ଝାଡ଼ଖଣ୍ଡର ରାଞ୍ଚିଠାରେ ଅନୁଷ୍ଠିତ ଇଷ୍ଟର୍ନ ଜୋନାଲ କାଉନସିଲ୍‌ର ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏବଂ ଅନ୍ୟମାନେ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଜୋନାଲ କାଉନ୍‌ସିଲ ବୈଠକର ମୌଳିକ ଉଦ୍ଦେଶ୍ୟ ହେଉଛି ରାଜ୍ୟ-ରାଜ୍ୟ ଓ କେନ୍ଦ୍ର-ରାଜ୍ୟ ମଧ୍ୟରେ ସମ୍ପର୍କକୁ ନିବିଡ଼ କରିବା। ପରସ୍ପରକୁ ସହଯୋଗର ହାତ ବଢ଼ାଇବା ଓ ସାଧାରଣ ଭାବେ ସେମାନଙ୍କ ଏବଂ କେନ୍ଦ୍ର ସରକାରଙ୍କ ସହିତ ଜଡ଼ିତ ଥିବା ବିଷୟଗୁଡ଼ିକୁ ଆଲୋଚନା କରି ରାଜ୍ୟ-ରାଜ୍ୟ ମଧ୍ୟରେ ଅର୍ଥନୈତିକ ସମସ୍ୟାର ସମାଧାନ କରିବା; ଯାହାଫଳରେ ରାଜ୍ୟଗୁଡ଼ିକର ସାମାଜିକ ଓ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ଦେବ। ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡ ସହିତ ଓଡ଼ିଶା କେବଳ ଭୌଗୋଳିକ ସୀମାରେ ସମ୍ପର୍କ ରହିଛି ତାହା ନୁହେଁ, ବରଂ ଇତିହାସ, ସଂସ୍କୃତି, ଅର୍ଥନୀତି ଓ ସମସ୍ୟାଗୁଡ଼ିକ ମଧ୍ୟ ଜଡ଼ିତ ରହିଛି। ଏହିପରି ଅବସ୍ଥାରେ ଆମ ସାମୂହିକ ଉନ୍ନତି ଆମେ କେତେଦୂର ସହଯୋଗ କରିପାରୁଛୁ ଓ ପରସ୍ପରକୁ ସମର୍ଥନ ଦେଉଛୁ, ତାହା ଉପରେ ନିର୍ଭର କରୁଛି। ଏହି ବୈଠକ ରାଜ୍ୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଖୋଲା ଆଲୋଚନା ପାଇଁ ଏକ ଉପଯୁକ୍ତ ପ୍ଲାଟଫର୍ମ, ଯାହାକି କେନ୍ଦ୍ର-ରାଜ୍ୟ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେହିପରି ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସେବାକୁ ନିଶ୍ଚିତ କରିବା ଲାଗି ଏବିପିଏମ୍‌ଜେଏୱାଇ, ଆୟୁଷ୍ମାନ ବୟୋବନ୍ଦନା ଯୋଜନା ପ୍ରଭୃତି କାର୍ଯ୍ୟକାରୀ କରାଯାଇଛି। ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରାଯିବା ସହିତ ରାଜ୍ୟରେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଖୋଲାଯାଇଛି। ସହରାଳୟ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇଛି। ନାରୀ ନିର୍ଯ୍ୟାତନା ହ୍ରାସ ପାଇଁ ଫାଷ୍ଟଟ୍ରାକ୍ କୋର୍ଟ ସ୍ଥାପନ କରାଯାଇଛି; ଯାହାଫଳରେ ମହିଳା ନିର୍ଯ୍ୟାତନା କ୍ଷେତ୍ରରେ ତ୍ୱରିତ ନ୍ୟାୟ ମିଳିପାରୁଛି ବୋଲି ମୁଖ୍ୟମନ୍ତ୍ରୀ ତଥ୍ୟଭିତ୍ତିକ ଉପସ୍ଥାପନ କରିଥିଲେ।

# ୧୨ରେ ଓଡ଼ିଶା ଫେରିବେ ନବୀନ, ସ୍ୱାଗତ କରିବାକୁ ବିଜେଡିର ପ୍ରସ୍ତୁତି

ଭୁବନେଶ୍ୱର,୧୦।୭(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୧୨ ତାରିଖ ଶନିବାର ମୁମ୍ବାଇରୁ ଫେରିବେ। ଗତ ୨୨ ତାରିଖରେ ଅସ୍ତ୍ରୋପଚାର ଲାଗି ସେ ଗତ ୨୦ରୁ ମୁମ୍ବାଇ ଗସ୍ତରେ ଅଛନ୍ତି। ତାଙ୍କ ଅସ୍ତ୍ରୋପଚାର ସଫଳ ହୋଇଥିବା ବେଳେ ସେ ହସ୍ପିଟାଲରୁ ମଧ୍ୟ ଗତ ସପ୍ତାହରେ ଡିସ୍‌ଚାର୍ଜ ହୋଇଥିଲେ। ଡିସ୍‌ଚାର୍ଜ ହେବା ସମୟରେ ସେ ଡାକ୍ତରମାନଙ୍କ ସହ ଭେଟୁଥିବାର ଏକ ଭିଡିଓ ଜାରି କରିଥିଲେ। ଏହାପରେ ସେ ଫିଜିଓଥେରାପି ନେବା ଲାଗି କିଛିଦିନ ପାଇଁ ମୁମ୍ବାଇରେ ରହିବେ ବୋଲି ତାଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର ସୂଚନା ମଧ୍ୟ ଦେଇଥିଲେ। ଶନିବାର ନବୀନ ଫେରିବେ ବୋଲି ଗୁରୁବାର ସନ୍ତୃପ୍ତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ନବୀନଙ୍କୁ ସ୍ୱାଗତ ଜଣାଇବା ଲାଗି ବିଜେଡି ପକ୍ଷରୁ ଏବେ ପ୍ରସ୍ତୁତି ଆରମ୍ଭ ହୋଇଛି। ଦଳ ପକ୍ଷରୁ ୧୦ ହଜାର ଲୋକଙ୍କୁ ନେଇ ବିମାନବନ୍ଦରଠାରୁ ନବୀନ ନିବାସ ପର୍ଯ୍ୟନ୍ତ ସମ୍ବର୍ଦ୍ଧନା ଦେବା ଲାଗି ଯୋଜନା ହୋଇଥିବା ଜଣାପଡିଛି।

# ବଳକା ଚାଉଳ ନେବ ଏଫ୍‌ସିଆଇ: ଯୋଗାଣମନ୍ତ୍ରୀ

ଭୁବନେଶ୍ୱର,୧୦।୭
(ରବିନାରାୟଣ ଜେନା)

ରାଜ୍ୟରେ ଚଳିତବର୍ଷ ୧୫ଲକ୍ଷ ମେଟ୍ରିକ ଟନ୍ ବଳକା ଚାଉଳ ଭାରତ ସରକାରଙ୍କ ଖାଦ୍ୟ ନିଗମ(ଏଫ୍‌ସିଆଇ) ଉଠାଇବ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଗୁରୁବାର ଲୋକସେବା ଭବନରେ ବୈଠକ ଅବସରରେ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ପ୍ରତିବର୍ଷ ରାଜ୍ୟରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ମେଟ୍ରିକ୍ ଟନ୍ ଚାଉଳ ବଳକା ରହୁଥିଲା। ମାତ୍ର ଚଳିତବର୍ଷ ୧୫ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିବାର ସମ୍ଭାବନା ରହିଛି। ଏନେଇ ଏଫ୍‌ସିଆଇ ନ ଉଠାଇଲେ ସମସ୍ୟା ଉପୁଜିବାର ସମ୍ଭାବନା ରହିଥିଲା। ମାତ୍ର କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ସହ ଏସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ଚଳିତବର୍ଷ ବଳକା ହେବାକୁ ଥିବା ପ୍ରାୟ ୧୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ନେବାକୁ ଏଫ୍‌ସିଆଇ ସହମତି ପ୍ରକାଶ କରିଛି। ଏନେଇ କେନ୍ଦ୍ରମନ୍ତ୍ରୀ ଏଫ୍‌ସିଆଇକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଥିଲେ, ଚଳିତବର୍ଷ ରାଜ୍ୟ ସରକାର ୯୪ ଲକ୍ଷ ମେଟ୍ରିକ ଟନ୍ ଧାନ ଚାଷୀମାନଙ୍କଠାରୁ ସଂଗ୍ରହ କରିଛନ୍ତି, ଯାହାକି ପୂର୍ବବର୍ଷ ତୁଳନାରେ ଢେର ଅଧିକ। ଏଥିରୁ ୬୫ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବାହାରିବ। ରାଜ୍ୟରେ ୨୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଆବଶ୍ୟକତା ରହିଛି, ବାକି ୨୪ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫ୍‌ସିଆଇ ନେଇଥାଏ। ବଳକା ୧୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫ୍‌ସିଆଇ ଉଠେଇବ କି ନାହିଁ ସେନେଇ ପ୍ରଶ୍ନ ଉଠିଥିଲା। ଆଗରୁ ପ୍ରତି ମାସରେ ୧.୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ନେଉଥିଲା। ଏଣିକି ଏଫ୍‌ସିଆଇ ପ୍ରତି ମାସ ୪ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇବ।

ମନ୍ତ୍ରୀ କହିଥିଲେ, ଚଳିତ ମାସରେ ଖାଉଟିଙ୍କୁ ଗହମ ମିଳିବ। ଯେତିକି ଗହମ ଆସିଥିଲା ହିତାଧିକାରୀଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ପରବର୍ତ୍ତୀ ସମୟରେ ପୁଣି କେନ୍ଦ୍ରରୁ ଗହମ ଆସିଲେ ବଣ୍ଟନ କରାଯିବ।

# ଭାଜପା ବିଧାୟକଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଲା ବିଜୁ ମହିଳା ଜନତା ଦଳ

## ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ନ ନେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ: ପ୍ରମିଳା

ଭୁବନେଶ୍ୱର,୧୦।୭(ସୁନିତ୍ ମିଶ୍ର)

ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଭାଜପା ବିଧାୟକ ସନ୍ତୋଷ ଖଟୁଆ ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୋଗ ନେଇ ଗୁରୁବାର ବିଜୁ ମହିଳା ଜନତା ଦଳ ରାଜରାସ୍ତାକୁ ଓହ୍ଲାଇଛି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ମହିଳା ବିଜେଡିର ସ୍ୱାଭିମାନ ରାଲି କରାଯିବା ସହ ବିଧାୟକ ସନ୍ତୋଷ ଖଟୁଆଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଅବସରରେ ପ୍ରମିଳା କହିଛନ୍ତି, ଜଣେ ମହିଳାଙ୍କ ପ୍ରତି ଭାଜପା ବିଧାୟକଙ୍କ କୁତ୍ସିତ ମନ୍ତବ୍ୟ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। କ୍ଷମତା ନିଶାରେ ଅନ୍ଧହୋଇ ଭାଜପା ବିଧାୟକମାନେ ନିଜର ନୀତିନୈତିକତା ଭୁଲିଯାଉଛନ୍ତି। ଭାଜପା ସରକାରରେ ମହିଳା କେତେ ଅସୁରକ୍ଷିତ ତାହା ଖଟୁଆଙ୍କ ମନ୍ତବ୍ୟରୁ ସ୍ପଷ୍ଟ ଅନୁମେୟ। ଭାଜପା ସରକାରକୁ ଆସିବା ଦିନଠାରୁ ରାଜ୍ୟରେ ମହିଳା ପ୍ରତିଦିନ ନିର୍ଯାତିତ ହେଉଛନ୍ତି। ଗତ ବର୍ଷକ ମଧ୍ୟରେ ରାଜ୍ୟରେ ବଳାତ୍କାର ହାର ଉଦ୍‌ବେଗଜନକ ଭାବେ ବୃଦ୍ଧିପାଇଛି। ଉତ୍ସବରେ ମାତି ଭାଜପା ସରକାର ମହିଳାଙ୍କ ସମ୍ମାନ ଭୁଲିଯାଇଛନ୍ତି। ଲେଖାଶ୍ରୀଙ୍କ ପ୍ରତି ବିଧାୟକ ଦେଇଥିବା ମନ୍ତବ୍ୟ ମାମଲାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ନ ହେଲେ ଆଗାମୀ ଦିନରେ ପ୍ରତି ଜିଲାରେ ବିଜୁ ମହିଳା ଜନତା ଦଳ ଆନ୍ଦୋଳନ କରିବ ବୋଲି ପ୍ରମିଳା କହିଛନ୍ତି। ଏହି ରାଲିରେ ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ମନୋରମା ମହାନ୍ତି, ସୁବାସିନୀ ଜେନା, ସୁଜାତା ସାହୁ, ମେୟର ସୁଲୋଚନା ଦାସ ପ୍ରମୁଖ ସାମିଲ ହୋଇଥିଲେ। ଅପରାହ୍ନରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ପୋଲିସ ଡିଜି ୱାଇ.ବି.ଖୁରାନିଆଙ୍କୁ ଭୁବନେଶ୍ୱର କ୍ୟାମ୍ପ ଅଫିସ୍‌ରେ ଭେଟି ସ୍ମାରକପତ୍ର ପ୍ରଦାନ କରିବା ସହ ବିଧାୟକଙ୍କ ଗିରଫ ଦାବି କରିଛନ୍ତି।

# ମନୋଜ କୁମାର ମହାନ୍ତି ଓପିଏସ୍‌ସି ସଦସ୍ୟ ନିଯୁକ୍ତ

## ପୂର୍ବରୁ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ସଚିବ ଦାୟିତ୍ୱ ତୁଲାଉଥିଲେ

ଭୁବନେଶ୍ୱର,୧୦।୭(ସୁନିତ୍ ମିଶ୍ର)

ଅବସରପ୍ରାପ୍ତ ଆଇଏଏସ୍ ଅଫିସର ମନୋଜ କୁମାର ମହାନ୍ତିଙ୍କୁ ରାଜ୍ୟ ସରକାର ଗୁରୁବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ସଦସ୍ୟ ଭାବେ ନିଯୁକ୍ତ କରିଛନ୍ତି। ତାଙ୍କୁ ୬ ବର୍ଷ ପାଇଁ ଏହି ଦାୟିତ୍ୱ ଦିଆଯାଇଛି। ତେବେ ତାଙ୍କୁ ୬୨ ବର୍ଷ ବୟସ ହେବା ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିପାରିବେ। ଏଥିମଧ୍ୟରୁ ଯେଉଁଟି ପ୍ରଥମେ ଆସିବ ତାହାକୁ ଗ୍ରହଣ କରାଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ରାଜ୍ୟପାଳ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ପୂର୍ବରୁ ମନୋଜ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ତୁଲାଉଥିଲେ।

# ୨ ମହିଳା ମାଓବାଦୀ ଗିରଫ



ମାଲକାନଗିରି, ୧୦।୭
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ଅସ୍ତ୍ରଶସ୍ତ୍ର ସହ ୨ ମହିଳା ମାଓବାଦୀଙ୍କୁ ଗୁରୁବାର ଗିରଫ କରିଛି। କୋହକାମେଟା ଥାନା ଅଞ୍ଚଳରେ କୋମ୍ବିଂ ସମୟରେ ୨ ମହିଳାଙ୍କ ଉପରେ ସନ୍ଦେହକରି ତାଙ୍କୁ ଗିରଫ କରିଥିଲା। ସେମାନେ ହେଲେ ପାରୋ ହପକା ଓ ସୁନିତା ଓରଫ ସଙ୍ଗୀତା ମାଡବି। ଏମାନଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋଟକ ଜବତ କରାଯାଇଛି। ପଚରାଉଚୁରା ପରେ ଏହି ୨ଜଣ ମାଓବାଦୀ ବୋଲି ଜଣାପଡିଥିଲା। ଏମାନେ ବହୁବର୍ଷ ଧରି ଜନତାନା ସରକାର ସଂଗଠନରେ ପ୍ରଚାର ଓ ପୋଲିସ ଉପରେ ଆକ୍ରମଣ ଘଟଣାରେ ସାମିଲ ଥିବା ଜଣାପଡିଛି। ଏମାନଙ୍କ ନିକଟରୁ ୧୨ ବିଜିଏଲ୍ ଲଞ୍ଚର ବନ୍ଧୁକ, ୨ ବିଜିଏଲ୍ ବୋମା, ଗୋଟିଏ ଟିଫିନ ବୋମା, ଗୋଟିଏ ଡିଟୋନେଟର, ୨୪ ପେନ୍‌ସିଲ ସେଲ୍ ସହ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣ ଜବତ କରିଛନ୍ତି।

# ବସ୍ତ୍ରାଣ୍ଡରୁ ଶିକ୍ଷକଙ୍କ ମୃତଦେହ ଜବତ

ପବିତ୍ରନଗର,୧୦।୭
(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ବରପଦା ହାଟଛକରେ ଥିବା ବସ୍ତ୍ରାଣ୍ଡ ଘର ଭିତରୁ ଗୁରୁବାର ଶିକ୍ଷକ ସୋମନାଥ ସାହୁଙ୍କ ମୃତଦେହ ପୋଲିସ ଜବତ କରିଛି। ପୋଲିସ କହିଛି, ବାଲିପଶି ପଞ୍ଚାୟତ ଅନ୍ଧାରି ଗାଁର ସୋମନାଥ ବୁଧବାର ପ୍ରଶିକ୍ଷଣ ପାଇଁ ବଜ୍ରକୋଟ ସ୍କୁଲକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଗୁରୁବାର ସକାଳୁ ତାଙ୍କ ମୃତଦେହ ବସ୍ତ୍ରାଣ୍ଡ ଗୃହ ଭିତରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ବାପା ଦୁର୍ଯ୍ୟୋଧନ ସାହୁ ରେଙ୍ଗାଳି ଥାନାକୁ ଏ ନେଇ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଡାକ୍ତରଖାନାକୁ ପଠାଇ ଦେଇଥିଲା। ଘଟଣାସ୍ଥଳରୁ ଶିକ୍ଷକଙ୍କ ବାଇକ୍ ଓ ଡିକିରୁ ୧ ଲକ୍ଷ ୩୨ ହଜାର ୫ଶହ ଟଙ୍କା ଜବତ କରାଯାଇଛି।

# ବିଦ୍ୟୁତ୍ ଆଘାତରେ ୨ ଚାଷୀଙ୍କ ମୃତ୍ୟୁ

କୋକସରା,୧୦।୭
(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ଚାଷ ଜମିରେ ପାଣି ମଡ଼ାଉଥିବା ବେଳେ ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି କଳାହାଣ୍ଡି ଜିଲା କୋକସରା ବ୍ଲକ ବଡପୋଡ଼ାଗୁଡ଼ା ଗ୍ରାମର ଦୁଇ ଚାଷୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଉକ୍ତ ଗାଁର ଧନୁର୍ଯ୍ୟ ମଣ୍ଡା (୫୩) ଓ କଛାରପଡା ଗାଁର ଅନିରୁଦ୍ଧ ନାଏକ (୫୫)। ସେମାନେ ସମ୍ପର୍କରେ ଶଳା ଓ ଭିଣୋଇ। ସୂଚନା ଅନୁସାରେ, ସକାଳ ପ୍ରାୟ ୧୦ଟା ବେଳେ ଧନୁର୍ଯ୍ୟ ଓ ଅନିରୁଦ୍ଧ ବଡ଼ପୋଡ଼ାଗୁଡ଼ା ନିକଟ ମୁଡ୍ରା ନଦୀ କୂଳରେ ଥିବା ଉଠା ଜଳସେଚନ ପ୍ରକଳ୍ପରେ ମୋଟର ସଂଯୋଗ କରି ନିଜ ଚାଷ ଜମିକୁ ପାଣି ମଡ଼ାଉଥିଲେ। ଏହି ସମୟରେ କୌଣସି କାରଣରୁ ମୋଟରରେ ବିଦ୍ୟୁତ୍ ଚାର୍ଜ ହୋଇଯାଇଥିବାବେଳେ ଉଭୟ ଏହା ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଏହା ଜାଣିବା ପରେ ପରିବାର ଲୋକେ ସ୍ଥାନୀୟ ଆମପାଣି ଥାନା ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ପୃଥକ୍ ଅପମୃତ୍ୟୁ ମାମଲା (ନଂ.୫ ଓ ୬/୨୫) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ୨ ଚାଷୀଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୧୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୦।୭
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡା ଏସ୍‌ପି ଗୌରବ ରାୟଙ୍କ ନିକଟରେ ଗୁରୁବାର ୧୨ ପୁରସ୍କାର ଘୋଷିତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୮ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଚନ୍ଦ୍ରାନା, ଅମିତ ଓରଫ ହିଂଗା ବାରସା, ୫ ଲକ୍ଷ ପୁରସ୍କାର ଘୋଷିତ ଅରୁଣା, ୩ ଲକ୍ଷ ପୁରସ୍କାର ଘୋଷିତ ଦେବା କବାସୀ, ୨ ଲକ୍ଷ ପୁରସ୍କାର ଘୋଷିତ ରାଜେଶ ମଡକମ୍, ୧ ଲକ୍ଷ ପୁରସ୍କାର ଘୋଷିତ ପଇକେ ଓୟମ୍, ୫୦ ହଜାର ପୁରସ୍କାର ଘୋଷିତ କେସା ସୋଡି, ମହେଶ ଲେକାମ, ରାଜୁ କରଟାମ ରହିଛନ୍ତି। ଏମାନଙ୍କ ସହ ହିଡମେ କବାସୀ, ଜିବୁ ଓରଫ ରୋଶନ ଓ ଅନିଲ ଲେକାମ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ ସରକାରଙ୍କ ପୁନର୍ବାସ ନିୟମ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ଛତିଶଗଡ ପୋଲିସ ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ସହ ୬ ମାସ ମଧ୍ୟରେ ବହୁ ମାଓବାଦୀଙ୍କୁ ଗୁଳିକରି ହତ୍ୟା କରିଥିବା ବେଳେ ଅନେକ ଆତ୍ମସମର୍ପଣ କରିଛନ୍ତି।


ମିନି ଫରେଷ୍ଟ ପ୍ରତିଷ୍ଠା ଅଭିଯାନ ଅବସରରେ ଛାତ୍ରୀଛାତ୍ରଙ୍କ ସହ 'ଇକୋ ୱାକ' ସଂଗଠନର କର୍ମକର୍ତ୍ତା ଓ ଅନ୍ୟମାନେ।

# ପଞ୍ଚାୟତସ୍ତରରେ 'ମିନି ଫରେଷ୍ଟ' ପ୍ରତିଷ୍ଠା ପାଇଁ ଇକୋ ୱାକର ଉଦ୍ୟମ

ସୋର,୧୦।୭(ଜନ୍ମେଜୟ ମିଶ୍ର)

ପରିବେଶ ସୁରକ୍ଷା ପାଇଁ ଆଉ ପାଦେ ଆଗେଇ ଆସିଛି 'ଇକୋ ୱାକ' ସଙ୍ଗଠନ। ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଆଙ୍ଗୁଳା କଚେରି ପଡ଼ିଆଠାରେ ଗୁରୁବାର ଚାରାରୋପଣ କରି ପଞ୍ଚାୟତସ୍ତରରେ ମିନି ଫରେଷ୍ଟ ପ୍ରତିଷ୍ଠା ଅଭିଯାନକୁ ତ୍ୱରାନ୍ୱିତ କରିଛି। ଜିଲାର ଅଗ୍ରଣୀ ସଙ୍ଗଠନ ରୋଷିଆ, ସ୍ଥାନୀୟ ଗ୍ରାମବାସୀ, ଆଙ୍ଗୁଳା ସରକାରୀ ବିଦ୍ୟାଳୟ ଓ କୃଷ୍ଣଚନ୍ଦ୍ର ଉପ୍ରା ବିଦ୍ୟାଳୟ, ଆଙ୍ଗୁଳାର ମିଳିତ ପ୍ରୟାସରେ ଏହି ଅଭିଯାନ ସଫଳ ହୋଇଛି। ୧୦୦ଚାରା ରୋପଣ କରାଯାଇଥିବା ବେଳେ ଆଗାମୀ ଦିନରେ ଏହି ସ୍ଥାନକୁ 'ମିନି ଫରେଷ୍ଟ' ଭାବେ ତିଆରି କରାଯିବା ଲକ୍ଷ୍ୟ ରହିଛି। ଯେଉଁଠି ୧୫୦ରୁ ଊର୍ଦ୍ଧ୍ୱ କିସମର ୫୦୦୦ ଚାରାରୋପଣ କରାଯିବ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଗଦାଧର ମହାପାତ୍ର ଅତିଥି ଭାବେ ଯୋଗଦେଇ ପରିଚାଳନା କରିଥିଲେ। କୃଷ୍ଣଚନ୍ଦ୍ର ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ନାୟକ, ଆଙ୍ଗୁଳା ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ ପ୍ରସାଦ ଭୋଳ ବିଦ୍ୟାଳୟର ପଞ୍ଚମ, ଷଷ୍ଠ ,ସପ୍ତମ ପିଲାଙ୍କ ସହ ଯୋଗଦାନ କରି ଚାରାରୋପଣ କରିଥିଲେ। ଗଙ୍ଗାଧର ମହାନ୍ତି, ପ୍ରହ୍ଲାଦ ଦାସ, ଗଜେନ୍ଦ୍ର ମହାରଣା, ରଞ୍ଜନ ଦାସ, ନିତ୍ୟାନନ୍ଦ ଦାସ, ରବୀନ୍ଦ୍ର ପ୍ରଧାନ ଓ ଲକି ସାହୁ ପ୍ରମୁଖ ଗ୍ରାମବାସୀ ଏହି ଅଭିଯାନକୁ ସହଯୋଗ କରିବା ସହ ବାଡ ଘେରା ଓ ସୁରକ୍ଷା କାମରେ ସହଯୋଗ କରିଅଛନ୍ତି। ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇବା ସହ ଚାରାରୋପଣର ଉପକାରିତା ସମ୍ପର୍କରେ ଅବଗତ କରାଯାଇଥିଲା। ୫୦ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ 'ଏକ ପେଡ୍ ମା' କେ ଲିୟେ' ଶପଥ କରିବା ସହ ନିଜେ ଗଛ ଲଗାଇବା ସହ ବିଦ୍ୟୁତ୍ ବ୍ୟବହାର କମ୍ କରାଇବା, ପାଣି ନଷ୍ଟ ନ କରିବା ପାଇଁ ୭୬ତମ ବନ ମହୋତ୍ସବ ସପ୍ତାହର ଶେଷଦିନରେ ବର୍ଷା ହେତୁ ଏହି କାର୍ଯ୍ୟକ୍ରମକୁ ପାଳନ କରିଥିବା ନେଇ ସଙ୍ଗଠନ ପକ୍ଷରୁ କୁହାଯାଇଛି। ସେହିପରି ଉଭୟ ସଙ୍ଗଠନର ପ୍ରତିଷ୍ଠାତା ଯୁବ ପରିବେଶବିତ୍ ଜଳେନ୍ଦ୍ର ମହାଳିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଙ୍ଗଠନର ସଦସ୍ୟ ବିପ୍ଳବ ରଞ୍ଜନ ବେହେରା, ପ୍ରଭାତ ବେହେରା, ସୁଶାନ୍ତ ବେହେରା, ବିଶ୍ୱଜିତ୍ ରାଜ, ବିଜୟାନନ୍ଦ ପାତ୍ର, ଚିରଞ୍ଜୀବୀ ରାଉଳ, ନବଜ୍ୟୋତି ପାଣିଗ୍ରାହୀ, ପ୍ରଳୟ ଦାସ ମହାପାତ୍ର, ରଶ୍ମିରଞ୍ଜନ ନାୟକ, ପ୍ରସନ୍ନ ବେହେରା, ଚିନ୍ମୟ ପତି, ଦେବୀଦତ୍ତ ନାୟକ, ରାଧାକାନ୍ତ ଦାସ, ଅଜୟ ପ୍ରଧାନ ପ୍ରମୁଖ ଯୋଗଦାନ କରି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ।

# ବାପପୁଅଙ୍କ ସମେତ ୩ ମୃତ

## ବାଇକ୍-ବୁଲେଟ ମୁହାଁମୁହିଁ ଧକ୍କା,

ପାତ୍ରପୁର,୧୦।୭ (ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ଠଣାଗାଁ ରାସ୍ତା ନିକଟରେ ଗୁରୁବାର ଅପରାହ୍ନରେ ବାଇକ୍-ବୁଲେଟ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଜରଡ଼ା ଥାନା ଅଧୀନ ସାମନ୍ତରାପୁର ଗ୍ରାମର ଦଉ ଗୌଡ(୫୫), ତାଙ୍କ ପୁଅ ସୁନୀଲ ଗୌଡ(୨୫) ଓ ବି. ଏନ.ପୁର ଥାନା ଅଧୀନ ଗୁଇଲୁଣ୍ଡିର ରାଜେଶ ପାଣିଗ୍ରାହୀ। ପୋଲିସ ୩ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

ସୂଚନା ଅନୁଯାୟୀ, ଗୁଇଲୁଣ୍ଡିର ରାଜେଶ ଓ ତାଙ୍କ ସାଙ୍ଗମାନେ ବାରିଆ ପଥରକୁ ବଣଭୋଜି କରିବାକୁ ଯାଇଥିଲେ। ଭୋଜି ସାରି ରାଜେଶ ବାଇକ୍‌ରେ ଫେରୁଥିବା ବେଳେ ଠଣାଗାଁ ରାସ୍ତାରେ ବୁଲେଟରେ ଜରଡ଼ାରୁ ଫେରୁଥିବା ଦଉ ଓ ସୁନୀଲଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଗାଡିରୁ ଛିଟିକି ପଡି ଆରୋହୀମାନେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ସେତେବେଳକୁ ସୁନୀଲ ଏବଂ ରାଜେଶଙ୍କ ମୃତ୍ୟୁ ଘଟି ସାରିଥିଲା। ସୁନୀଲଙ୍କ ବାପା ଦଉଙ୍କ ଚିକିତ୍ସା ଚାଲିଥିବା ବେଳେ ମୃତ୍ୟୁ ଘଟିଛି।


ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ବୁଲେଟ।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ 'ସମ୍ବିଧାନ ବଞ୍ଚାଅ ସମାବେଶ'ରେ ଯୋଗଦାନ, ସ୍ଥାନ: ବରମୁଣ୍ଡା ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ବାଞ୍ଛାର ବଗିଚା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

### ବାଲେଶ୍ୱର
- ବିଜେଡି ପକ୍ଷରୁ ଗଣବିକ୍ଷୋଭ,ସ୍ଥାନ:ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ନୀଳଗିରି,ସମୟ:ସକାଳ୯ଟା।
- ଏଫ୍‌ଏମ୍‌ୟୁର ୨୭ତମ ପ୍ରତିଷ୍ଠା ଦିବସ, ସ୍ଥାନ:ନୂତନ କ୍ୟାମ୍ପସ୍, ନୂଆପାଢ଼ୀ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ଡ୍ରାଇଭର ସଂଘ ଆନ୍ଦୋଳନର ୪ର୍ଥ ଦିବସ, ସ୍ଥାନ: ଜାତୀୟ ରାଜପଥର ମାଛ ମାର୍କେଟ୍ ଛକ ନିକଟ, ଭଦ୍ରକ, ସମୟ: ସକାଳ ୮ଟା।

### ମୟୂରଭଞ୍ଜ
- ଏକ୍ସପୋ ଆଣ୍ଡ ଫନ୍ ଫେୟାର,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

### ବ୍ରହ୍ମପୁର
- ରାଜ୍ୟସ୍ତରୀୟ ତ୍ରିଦିବସୀୟ ଯୋଗ ଶିକ୍ଷା ଶିବିର, ସ୍ଥାନ: ବୈକୁଣ୍ଠ ନଗର ଦ୍ୱିତୀୟ ଗଳି, ସମୟ: ଅପରାହ୍ନ ୪.୩୦।

### କନ୍ଧମାଳ
- ପୋଲିସ ବିଭାଗ ଦ୍ୱାରା ନିଶା ବିରୋଧୀ ସଚେତନତା ଅଭିଯାନ, ସ୍ଥାନ: ଆଦିବାସୀ କଲେଜ ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ପଲେଇ, ଡେରାବି:, ସମୟ: ସକାଳ ୭ଟା।

### ନୟାଗଡ଼
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ରଘୁନାଥ ଆଥ୍‌ଲେଟିକ୍ ଆସୋସିଏଶନ ଓଡ଼ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ପରିଷଦର ଧାରଣା, ସ୍ଥାନ: ଖଣ୍ଡପଡ଼ା ତହସିଲ ଅଫିସ ସମ୍ମୁଖ, ସମୟ:ପୂର୍ବାହ୍ନ ୧୧ଟା।

### ରାୟଗଡ଼ା
- ଓଡିଶା ବିଭାଗର ୨୬ତମ ଆଇଏସ୍‌ଟିଇ ଛାତ୍ର ସମାବେଶ ଏବଂ ଜାତୀୟ ପାଠଚକ୍ର, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୯ଟା ୩୦ ।

### ନବରଙ୍ଗପୁର
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତ ସାଧନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ଅଗ୍ରଗତି ସୂଚୀ ତାଲିମ ଶିବିର, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ ପୂର୍ବାହ୍ନ ୧୦ଟା।
- ଗଣଶିକ୍ଷା ମନ୍ତ୍ରୀଙ୍କୁ ଆଶା କର୍ମୀଙ୍କ ଦାବିପତ୍ର, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୯ଟା।
- ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏସନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦ ।

### ରାଉରକେଲା
- ରାସ୍ତା ସମସ୍ୟା ନେଇ ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବର୍ଷା କବିତା ଆସର, ସ୍ଥାନ: ବ୍ୟାସଦେବ ସାହିତ୍ୟ କେନ୍ଦ୍ର, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୭ଟା ୩୦।

### ବୌଦ୍ଧ
- ଜିଲାସ୍ତରୀୟ ରାଜସ୍ୱ ବୈଠକ,ସ୍ଥାନ: ଜିଲାପାଳଙ୍କ ସଦଭାବନା ସଭାଗୃହ , ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦

### ସୁବର୍ଣ୍ଣପୁର
- ଡ୍ରାଇଭର ମହାସଂଘର ଆନ୍ଦୋଳନ ତୃତୀୟ ଦିନରେ, ସ୍ଥାନ: ସୋନପୁର ତେଲନଦୀ ବ୍ରିଜ୍ ଛକ, ସମୟ: ସକାଳ ୮ଟା।
- ପବିତ୍ର ଶ୍ରାବଣ ଅବସରରେ ତରଭା ନୀଳକଣ୍ଠେଶ୍ୱର ମନ୍ଦିରରେ ଜଳଶାୟୀ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା।
- ନୂତନ ଚର୍ଚ୍ଚ ଗୃହ ଉଦ୍‌ଘାଟନ, ସ୍ଥାନ: ଡୁଙ୍ଗୁରିପାଲି କଲେଜ ରାସ୍ତାପାର୍ଶ୍ୱ, ସମୟ: ପୂର୍ବାହ୍ନ ୧୦ଟା।
- ବିଏଲ୍‌ଓ ସୁପରଭାଇ କର୍ମଶାଳା ଉଦ୍‌ଯାପନୀ, ସ୍ଥାନ: ଉଲୁଣ୍ଡା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।

### ନୂଆପଡ଼ା
- ନୂଆପଡ଼ା ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ ଚତୁର୍ଥ ଦିବସ, ସ୍ଥାନ: କୋମନା ବ୍ଲକ କ୍ରିଷ୍ଣା ଛକ, ସମୟ: ସକାଳ ୭ଟା।
- ବିଶ୍ୱ ଜନସଂଖ୍ୟା ଦିବସ ପାଳନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

# ସଡ଼କରୁ ସଂସଦ ଯାଏ ଲଢ଼େଇ ହେବ:ଭକ୍ତ



ଭୁବନେଶ୍ୱର,୧୦।୭(ରବିନାରାୟଣ ଜେନା)

କଂଗ୍ରେସ ସମ୍ବିଧାନ ବଞ୍ଚାଇବା ପାଇଁ ଯେଉଁ ଅଭିଯାନ କଂଗ୍ରେସର ବରିଷ୍ଠ ନେତା ତଥା ଏଆଇସିସିର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ତାହା ଆଗାମୀ ଦିନରେ ଜୋରଦାର କରାଯିବ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି।। ସଡ଼କରୁ ସଂସଦ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି।

ଗୁରୁବାର କଂଗ୍ରେସଭବନରେ ଅନୁଷ୍ଠିତ ମିଶ୍ରଣପର୍ବରେ ଭକ୍ତ କହିଛନ୍ତି, କଂଗ୍ରେସ ପକ୍ଷରୁ ଶୁକ୍ରବାର ସମ୍ବିଧାନ ବଞ୍ଚାଅ ଓ ଦେଶ ବଞ୍ଚାଅ ମହାସମାବେଶ ଆୟୋଜନ କରାଯାଇଛି। ଏଥିପାଇଁ ତୃଣମୂଳସ୍ତରରେ ଲୋକେ କଂଗ୍ରେସ ସହିତ ଯୋଡି ହେବାପାଇଁ ଆଗେଇ ଆସୁଛନ୍ତି। ଏହାକୁ ଭାଜପା ସରକାର ସହ୍ୟ କରିପାରୁ ନାହିଁ। ବିଗାଡ଼ିବାପାଇଁ ଷଡଯନ୍ତ୍ର ଚଳାଇଛି। ଗଣତାନ୍ତ୍ରିକ ଅଧିକାର କ୍ଷୁଣ୍ଣ କରିବାପାଇଁ ଭାଜପା ଯେଉଁପ୍ରୟାସ କରୁଛି ସେଥିରେ ସଫଳ ହେବ ନାହିଁ ବୋଲି ଭକ୍ତ କହିଛନ୍ତି।

**ହାତ ଧରିଲେ ସୁନିତା**

ଏହି ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନିତା ବିଶ୍ୱାଳ ବିଜେଡ଼ି ଛାଡ଼ି ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦାନ କରିଥିଲେ। ତାଙ୍କ ପରିବାରର ସମସ୍ତେ କଂଗ୍ରେସରେ ଥିବାରୁ ସେ ନିଜ ପରିବାରକୁ ଫେରିଛନ୍ତି ବୋଲି କହିଥିଲେ। ସୁନିତା କହିଥିଲେ ଯେ, ୧ବର୍ଷ ଧରି ବିଜେଡିରେ ତାଙ୍କୁ ଗୁରୁତ୍ୱ ଦିଆଯାଉ ନଥିଲା। ତେଣୁ ସେ ବିଜେଡି ଛାଡି କଂଗ୍ରେସରେ ଯୋଗଦାନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୨୬ ମେ ସୁଦ୍ଧା ଆରମ୍ଭ ହେବ ପେଲେଟ୍ ପ୍ରକଳ୍ପ

ଭୁବନେଶ୍ୱର,୧୦।୭(ସୁନିତ୍ ମିଶ୍ର)

୨୦୨୫-୨୬ରେ ଓଡ଼ିଶା ଖଣିନିଗମ (ଓଏମ୍‌ସି) ୫୦ ମିଲିଅନ ଟନ ଖଣିଜ ପଦାର୍ଥ ଉତ୍ପାଦନ କରିବା ସହ ୩୦ ହଜାର କୋଟି ଟଙ୍କାର ବିକ୍ରୟ ରାଜସ୍ୱ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଶା ଖଣି ନିଗମ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ଓଏମ୍‌ସି ପକ୍ଷରୁ ଏକ ପେଲେଟ୍ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଯେଉଁ ପ୍ରସ୍ତାବ ଦେଇଥିଲେ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। ଏଥିପାଇଁ ଭାରତ ସରକାରଙ୍କର ମେକନ୍ ନାମକ ଏକ ସଂସ୍ଥାକୁ ଟେକ୍ନୋ-ଇକୋନୋମିକ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ପେଲେଟ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରୋଜେକ୍ଟ କମିଟି ମଧ୍ୟ ଗଠନ କରାଯାଇଛି। ସମସ୍ତ ପ୍ରକ୍ରିୟା ସରିବା ପରେ ୨୦୨୬ ମେ ସୁଦ୍ଧା ପେଲେଟ୍ ପ୍ରକଳ୍ପ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ବିଭିନ୍ନ ଖଣି ଅଞ୍ଚଳର ଅବଧି ବୃଦ୍ଧି, ପରିବେଶ ଅନୁମୋଦନ, ନୂତନ ଖଣି କାର୍ଯ୍ୟକ୍ଷମ କରିବା ଆଦି ବିଭିନ୍ନ ବିଷୟ ଉପରେ ବୈଠକରେ ଆଲୋଚନା ହୋଇଛି। ବିଶେଷକରି ବକ୍ସାଇଟ୍ ଉତ୍ପାଦନ ବୃଦ୍ଧି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଚଳିତ ବର୍ଷ ବକ୍ସାଇଟ୍ ଉତ୍ପାଦନ ଲକ୍ଷ୍ୟ ୩.୬ ମିଲିଅନ ଟନ୍ ଥିବା ବେଳେ ଆଗାମୀ ବର୍ଷରେ ଏହାକୁ ୬ ମିଲିଅନ ଟନ୍‌କୁ ବୃଦ୍ଧି କରିବାର ଲକ୍ଷ୍ୟ ରହିଛି। ଖଣି ଅଞ୍ଚଳର ଲୋକମାନଙ୍କ ଜୀବିକା ସୃଷ୍ଟି ଓ ସେମାନଙ୍କ ଜୀବନଶୈଳୀରେ ଉନ୍ନତି ପାଇଁ ଓଏମ୍‌ସି ପକ୍ଷରୁ ଅଧିକ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛି। ବୈଠକରେ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଓଡ଼ିଶା ଖଣି ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**ଓଏମ୍‌ସି କାର୍ଯ୍ୟକ୍ରମର ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ**



■ **ଆସନ୍ତା ବର୍ଷ ବକ୍ସାଇଟ୍ ଉତ୍ପାଦନ ଲକ୍ଷ୍ୟ ୬ ମିଲିଅନ ଟନ୍ ରହିଛି**

# ପୂର୍ବତନ ମନ୍ତ୍ରୀଙ୍କ ଜାତିଗତ ପ୍ରମାଣପତ୍ରକୁ ଯାଞ୍ଚ କମିଟିର ସ୍ୱୀକୃତି

ଭୁବନେଶ୍ୱର,୧୦।୭(ରବିନାରାୟଣ ଜେନା)

ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରାଙ୍କ ଜାତିଗତ ପ୍ରମାଣପତ୍ର ଜାଲିଆତି ଅଭିଯୋଗକୁ ରାଜ୍ୟସ୍ତରୀୟ ଯାଞ୍ଚ କମିଟି(ଏସ୍‌ଏଲ୍‌ଏସ୍‌ସି) ଖାରଜ କରିଛି। ଏହାସହିତ ଉକ୍ତ ପ୍ରମାଣପତ୍ର ଆଇନଗତ ଦୃଷ୍ଟିରୁ ଠିକ୍ ବୋଲି କମିଟି ତା'ର ରିପୋର୍ଟରେ ଦର୍ଶାଇଛି। ସମ୍ବଲପୁର ଉତ୍ତରାଞ୍ଚଳ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବଙ୍କୁ ନେଇ ଗଠିତ ରାଜ୍ୟସ୍ତରୀୟ ଯାଞ୍ଚ କମିଟି ଜୁନ୍ ୧୮ରେ ଜାତିଗତ ପ୍ରମାଣପତ୍ର ସମ୍ପର୍କରେ ଦେଇଥିବା ରିପୋର୍ଟରେ ଦର୍ଶାଇଛି ଯେ, ଉଚ୍ଚ ନ୍ୟାୟାଳୟଙ୍କ ରାୟ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଦିଆଯାଇଥିବା ସ୍ପଷ୍ଟୀକରଣ ଅନୁଯାୟୀ, ଅଭିଯୁକ୍ତ ଯୋଗେନ୍ଦ୍ର ଅନୁସୂଚିତ ଜାତିର ହେବା ସହ ବର୍ତ୍ତମାନ ମାନ୍ୟତାପ୍ରାପ୍ତ ଜାତିଗତ ପ୍ରମାଣପତ୍ର ଧାରଣ କରୁଛନ୍ତି, ଯାହା ଯୋଗ୍ୟ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଛି। କମିଟି ଆହୁରି ମଧ୍ୟ ଉଲ୍ଲେଖ କରିଛି, ଏନେଇ ଆପତ୍ତିକାରୀଙ୍କ ତରଫରୁ କୌଣସି ଅଭିଯୋଗ ଉଠାଯାଇନାହିଁ। ଏହାକୁ ଦୃଷ୍ଟିରେ ରଖି ବେହେରାଙ୍କ ନିକଟରେ ଥିବା ଜାତିଗତ ପ୍ରମାଣପତ୍ରର ସଠିକତା ନିର୍ଣ୍ଣୟ ବିଷୟରେ କୌଣସି ମାମଲା ଚାଲୁରହିବ ନାହିଁ। ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ଗଠିତ ଯାଞ୍ଚ କମିଟିରେ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଏସ୍‌ସିଏସ୍‌ଟି ଆର୍‌ଟିଆଇ ସହନିର୍ଦ୍ଦେଶକ ଉତ୍ତମ କୁମାର ସାହୁ ଏବଂ ଓଡବ୍ଲୁଏସ୍ ଉପନିର୍ଦ୍ଦେଶକ ପରିକ୍ଷିତ ଦାଶ ଉପସ୍ଥିତ ଥିଲେ।

କମିଟି ରିପୋର୍ଟକୁ ନେଇ ଯୋଗେନ୍ଦ୍ର କହିଛନ୍ତି, ଯାହା ଠିକ୍ ତାକୁ କେହି କଥାରେ କହି ଭୁଲ୍ ପ୍ରମାଣିତ କରିପାରିବେ ନାହିଁ। ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତି ୨୦୧୮ରେ ମୋ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଜାତିଗତ ପ୍ରମାଣପତ୍ର ଜାଲିଆତି ନେଇ ଯେଉଁ ଅଭିଯୋଗ କରିଥିଲା, ତାହାକୁ ଯାଞ୍ଚ କମିଟି ଖାରଜ କରିଦେଇଛି। ଏହାଦ୍ୱାରା ମୋର ଯେଉଁ ସମ୍ମାନ ହାନି ହୋଇଛି ସେନେଇ ମୁଁ ଉପର ଅଦାଲତରେ ମାନହାନି ମକଦ୍ଦମା କରିବି। ଅନ୍ୟପକ୍ଷରେ ସମିତି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଭଜମନ ବେହେରା କହିଛନ୍ତି, ଯୋଗେନ୍ଦ୍ର ବେହେରାଙ୍କ ଜାତିଗତ ପ୍ରମାଣପତ୍ର ୨୦୦୨ରେ ଠିକ୍ ବୋଲି ପ୍ରମାଣିତ ହୋଇଥିଲା। ହେଲେ ଏହା ପୂର୍ବରୁ ସେ ୧୯୯୫ରେ ଯେଉଁ କେଉଟ ଜାତିର ବୋଲି ଦର୍ଶାଇ ସରକାରଙ୍କଠାରୁ ବିଭିନ୍ନ ସୁବିଧା ସୁଯୋଗ ହାସଲ କରିଛନ୍ତି, ତାହାକୁ ଉପର କୋର୍ଟରେ ଚ୍ୟାଲେଞ୍ଜ୍ କରାଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯମ ଘୋଷାରୁଛି ବାରେ**
**ଏଣେ ମାୟା ଡାକୁଛି ବାରେ ।**

ସାଧାରଣତଃ ସଂସାରର ମାୟାଜାଲରେ ପଡ଼ିଥିବା ବ୍ୟକ୍ତି ଅବସ୍ଥା ଚକ୍ରରେ ଘାଣ୍ଟି ହୋଇଥାନ୍ତି। ଜଞ୍ଜାଳରେ ଘାରି ହେଉଥିବା ବ୍ୟକ୍ତିଙ୍କ ମୃତ୍ୟୁକାଳୀନ ଅବସ୍ଥା ବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ରୂପ ମହଣ୍ଟାର ଗୋଠ**
**ତାକୁ ନାଇଥିଲା ମାଧିଆ ମାଆ**
**ତା' ଅଣ୍ଟା ଦିଶଇ ମୋଟ ।**

ଗହଣା ପିନ୍ଧି ସଜେଇ ହେବା ନାରୀଙ୍କର ଏକ ସଉକ। ବିଭିନ୍ନ ପ୍ରକାରର ଗହଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇ ହେବାରେ ସେମାନେ ଆନନ୍ଦ ପାଇଥାନ୍ତି। ଏହିପରି ଗହଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇ ହେଉଥିବା ନାରୀଟି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଜାପାନରେ ବନ୍ଦେ ଭାରତ, ଚେନାବ ବ୍ରିଜ୍‌କୁ ପ୍ରଶଂସା

ଭୁବନେଶ୍ୱର,୧୦।୭(ଅନୁରାଧା ମହାରଣା)

ଜାପାନର ଓସାକାରେ ଚାଲିଥିବା ବିଶ୍ୱ ଏକ୍ସପୋ ୨୦୨୫ରେ ଭାରତର ବନ୍ଦେ ଭାରତ ଏକ୍ସପ୍ରେସ ଓ ଚେନାବ ବ୍ରିଜ ମୁଖ୍ୟ ଆକର୍ଷଣ ସାଜିଛି। ଏହି ଦୁଇ ଇଞ୍ଜିନିୟରିଂ ବିସ୍ମୟ ଜାପାନୀ ଦର୍ଶକଙ୍କଠାରୁ ବେଶ୍ ପ୍ରଶଂସା ସାଉଣ୍ଟିଛି। ଭାରତର ଆଧୁନିକୀକରଣ ଓ ପ୍ରଯୁକ୍ତିବିଦ୍ୟା ନୂତନତ୍ୱର ଅଭୂତପୂର୍ବ ଯାତ୍ରାକୁ ପ୍ରତିଫଳିତ କରୁଛି। ଓସାକାର ୟୁମେଶିମାରେ ଏକ କୃତ୍ରିମ ଦ୍ୱୀପରେ ଏପ୍ରିଲ ୧୩ରୁ ଆରମ୍ଭ ହୋଇଥିବା ଏହି ଏକ୍ସପୋ ଅକ୍ଟୋବର ୧୩ ପର୍ଯ୍ୟନ୍ତ ଚାଲିବ, ଯେଉଁଠି ବିଶ୍ୱର ଲକ୍ଷ ଲକ୍ଷ ଦର୍ଶକ ସାମିଲ ହେଉଛନ୍ତି। ଏହି ଅନ୍ତର୍ଜାତୀୟ ପ୍ରଦର୍ଶନୀ ମଧ୍ୟରେ ଭାରତୀୟ ପ୍ୟାଭିଲିୟନ ବିଶେଷକରି ଭାରତୀୟ ରେଳ ବିଭାଗ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ପ୍ରଦର୍ଶନୀରେ ଜମ୍ମୁ ଓ କଶ୍ମୀରର ଚେନାବ ନଦୀ ଉପରେ ନିର୍ମିତ ବିଶ୍ୱର ସବୁଠାରୁ ଉଚ୍ଚ ରେଳ ସେତୁ ଚେନାବ ବ୍ରିଜ, ହିମାଳୟର କଠିନ ଭୂମିରେ ନିର୍ମିତ ଭାରତର ପ୍ରଥମ କେବଲ-ଷ୍ଟେଡ୍ ରେଳ ସେତୁ ଅଞ୍ଜି ଖଡ ବ୍ରିଜ, ଗତି ଓ ଯାତ୍ରୀ ସୁବିଧାରେ ଅଗ୍ରଣୀ ବନ୍ଦେ ଭାରତ ଏକ୍ସପ୍ରେସ ଏବଂ ବିଦ୍ୟୁତ ଲୋକୋମୋଟିଭ୍ ଭାରତୀୟ ରେଳର ଏକ ବଡ଼ ସଫଳତା ଭାବେ ଉଭା ହୋଇଛି। ଅନେକ ଜାପାନୀ ଦର୍ଶକ ଭାରତୀୟ ରେଳପଥ ପ୍ରଦର୍ଶନୀଠାରେ ଏକତ୍ରିତ ହୋଇ ବିଶ୍ୱର ସବୁଠାରୁ ବଡ଼ ରେଳ ନେଟ୍‌ୱର୍କର ଉତ୍ପତ୍ତି ଓ ଏହାର ରୂପାନ୍ତରଣ ବିଷୟରେ ଉପସ୍ଥାପନା ଶୁଣି ବିସ୍ମୟ ପ୍ରକାଶ କରିଛନ୍ତି।



## ଗଡୁନି ଗାଡ଼ି...

ପ୍ରଥମ ପୃଷ୍ଠାରୁ...

ରହିଛି। ପୂର୍ବରୁ ବିରୋଧୀ ଦଳରେ ଥିବାବେଳେ ଭାଜପା ପକ୍ଷରୁ ମହାସଂଘର ଆନ୍ଦୋଳନକୁ ସରକାର କାହିଁକି ପୂରଣ କରୁନାହାନ୍ତି ବୋଲି ଯୁକ୍ତି ବାଢୁଥିଲେ। ହେଲେ ଏବେ ଏହି ଆନ୍ଦୋଳନ ଏକ ପ୍ରକାର ପ୍ରାୟୋଜିତ। କଂଗ୍ରେସକୁ ଟାର୍ଗେଟ କରି ଓଡ଼ିଶା ଲୋକଙ୍କୁ ହଇରାଣ କରିବା ପାଇଁ ଏହା ସୁଚିନ୍ତିତ ଯୋଜନା। ହେଲେ ଲୋକେ ଏହାକୁ ବରଦାସ୍ତ କରିବେ ନାହିଁ। ରାଜ୍ୟରେ ଏବେ ଘଡ଼ିସନ୍ଧି ମୁହୂର୍ତ୍ତରେ ରାହୁଲ ଗାନ୍ଧୀ ଓଡ଼ିଶା ଆସୁଛନ୍ତି। ରାହୁଲ ଆସିଲେ ଓଡ଼ିଶାରେ ଏକ ନୂଆ ରାଜନୈତିକ ବାତାବରଣ ସୃଷ୍ଟି ହେବ। ହେଲେ ଏହାକୁ ଭଣ୍ଡୁର କରାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିପରି ବିଜେଡି ନେତ୍ରୀ ତଥା ବିରୋଧୀଦଳ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପୂର୍ବରୁ ବିରୋଧୀ ଦଳରେ ଥିବାବେଳେ ଡ୍ରାଇଭର ସଂଘର ଦାବି ଯୁକ୍ତିଯୁକ୍ତ ବୋଲି କହୁଥିଲେ। ସଂଘର ଦାବି ପୂରଣ କରିବାକୁ ସରକାରଙ୍କଠାରେ ଦାବି ରଖିଥିଲେ। ସଂଘର ଦାବି ଯୁକ୍ତିଯୁକ୍ତ, ତେଣୁ ସରକାର ତୁରନ୍ତ ପୂରଣ କରନ୍ତୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି, କଂଗ୍ରେସ ଯେଉଁ ଅଭିଯୋଗ କରୁଛି ତାହା ସମ୍ପୂର୍ଣ୍ଣ ଭାବେ ଭିତିହୀନ। ସରକାରଙ୍କୁ ବଦ୍‌ନାମ କରିବାକୁ ଚାହୁଁଛନ୍ତି ବିରୋଧୀ। କଂଗ୍ରେସ ଏବେ ଯାଏ ଡ୍ରାଇଭର ମହାସଂଘକୁ ଆନ୍ଦୋଳନରୁ ଓହରିବାକୁ ଥରେ ହେଲେ କହିନାହିଁ। ବିରୋଧୀମାନେ ହିଁ ଡ୍ରାଇଭର ମହାସଂଘ ଆନ୍ଦୋଳନ ପଛରେ ଅଛନ୍ତି ବୋଲି ସେ କହିଛନ୍ତି।

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଡ୍ରାଇଭର ସଂଘର ଦାବିକୁ ସରକାର ବିଚାର କରୁଛନ୍ତି। ସେମାନଙ୍କର ଦାବି ଖୁବ୍‌ଶୀଘ୍ର ପୂରଣ ହେବ। ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଆଦୌ ସଙ୍କଟ ନାହିଁ। ଭୁବନେଶ୍ୱରକୁ ୧୫୦ ତେଲ ଟ୍ୟାଙ୍କର ଆସିଥିବାବେଳେ କଟକକୁ ୭୬ ଟ୍ୟାଙ୍କର ଆସିଛି। ସବୁ ସହରକୁ ତେଲ ପଠାଯାଇଛି। ତେଲର କଳାବଜାରକୁ ରୋକିବାପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି କଳାବଜାର ହେବା ନଜରକୁ ଆସିବ ସେଠାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଗଞ୍ଜେଇ ଯାଞ୍ଚ ବେଳେ...

ପ୍ରାୟ ୨ଟା ବେଳେ ମହାରାଷ୍ଟ୍ର ନମ୍ବର ଥିବା ଏକ ସ୍କର୍ପିଓ (ଏମ୍‌ଏଚ୍-୦୧-ଇଏଫ୍-୦୫୪୯)କୁ ଅଟକାଇ ଅବକାରୀ ବିଭାଗ କର୍ମଚାରୀ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଉକ୍ତ ଗାଡ଼ିର ସିକ୍ରେଟ୍ ଚାମ୍ବରରେ ବିପୁଳ ରୁପା ବିସ୍କୁଟ୍ ଥିବା ଦେଖିବାକୁ ମିଳିଥିଲା। ରୁପା ଧରପଗଡ଼ ଅବକାରୀ ବିଭାଗ ପରିସରଭୁକ୍ତ ହୋଇ ନ ଥିବାରୁ ସମ୍ବଲପୁର ସିଟି ଜିଏସ୍‌ଟି ବିଭାଗକୁ ଖବର ଦିଆଯାଇଥିଲା। ଜିଏସ୍‌ଟି ଅଧିକାରୀମାନେ ରେଙ୍ଗାଲି ଯାଇ ତଦନ୍ତ କରିଥିଲେ। ଚାଲାଣ ହେଉଥିବା ରୁପାର କୌଣସି ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ଗାଡ଼ି ସହିତ ରୁପାକୁ ଜବତ କରାଯାଇଛି। ପଚରାଉଚରା ବେଳେ ଗାଡିରେ ଥିବା ୨ଜଣ ବ୍ୟକ୍ତି ଚୋରି ଭୟରେ ଗାଡ଼ି ସିକ୍ରେଟ୍‌ଚାମ୍ବରରେ ରୁପା ରଖି ଛତିଶଗଡ଼ ରାୟପୁରରୁ କୋଲକାତା ଅଭିମୁଖେ ଯାଉଥିଲେ ବୋଲି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିକୁ ସଜାଡି ନେବାରେ ସହକର୍ମୀ ସାହାଯ୍ୟ କରିବେ। ବନ୍ଧୁ ଓ ପରିବାର ସହ ସୁସମ୍ପର୍କ ସ୍ଥାପନ କ୍ଷେତ୍ରରେ ସମୟଟି ଅନୁକୂଳ ରହିବ। ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବା ଶୁଣିବାକୁ ପାଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅନୁତାପ କରିବେ।

**ବୃଷ** - ପଡ଼ୋଶୀ ସହଯୋଗର ହାତ ବଢ଼ାଇବା କାରଣରୁ କୌଣସି କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଅନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ** - ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ କଟୁସତ୍ୟ କହିବାରୁ ତିକ୍ତତା ସୃଷ୍ଟି ହେବ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କଳା, ସାହିତ୍ୟ, ରାଜନୀତି , ସଂଗଠନ, ସଭାସମିତି କ୍ଷେତ୍ରରେ ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ** - ମନ କଥା ମନରେ ରଖି ସବୁ କଥାକୁ ଚିନ୍ତା କରି କାମ କଲେ ଉପକୃତ ହେବେ। ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହେବ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** - ପରିବାରର ଋଣ ଭାରରେ ଅତିଷ୍ଠ ହେବେ,କିନ୍ତୁ ପରିଶୋଧ କରିବାର ରାସ୍ତା ଖୋଜି ପାଇପାରିବେ ନାହିଁ। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବାରେ ସମର୍ଥ ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହେବ। ବିବାଦୀୟ ପରିସ୍ଥିତିକୁ ସୁଧାରିବାରେ ପଦାଧିକାରୀଙ୍କ ସହାୟତା ପାଇବେ।

**କନ୍ୟା** - ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି। ସଭାସମିତିରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅତିପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ।

**ତୁଳା** - ଉତ୍ତମ ବୁଝାମଣା ହେତୁ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରିପାରିବେନି। ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିବ,ଫଳତଃ ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯିବ। ସହକର୍ମୀଙ୍କ ସହ ବିବାଦ ହେବ, ମାତ୍ର ଅନ୍ୟମାନେ ସାହାଯ୍ୟ କରିପାରନ୍ତି।

**ବିଛା** - ଅର୍ଥ ସମ୍ପର୍କ ଓ ସନ୍ତାନ ହେତୁକ ଦ୍ୱନ୍ଦ୍ୱଜନିତ ମାନସିକ ଅସ୍ଥିରତା ସୃଷ୍ଟି ହେବ। ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ତାହା ହୋଇଯିବ। ଦୋକାନ, ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳ ହେବେ। କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେଇଥିଲେ ସୁଦ୍ଧା ବିଶେଷ କିଛି ଅସୁବିଧା ହେବନାହିଁ।

**ଧନୁ** - ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଅଫିସରେ ସହକର୍ମୀମାନଙ୍କ ସହ ମିଷ୍ଟାଳାପରେ ମାତିରହିପାରନ୍ତି। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ । ଏଣୁ ଗାଡ଼ିକୁ ପରଖି ନେବା ଭଲ ହେବ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ମକର** - କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି,ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**କୁମ୍ଭ** - ମନ ବିକ୍ଷିପ୍ତ ରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାଦି କ୍ଷେତ୍ରରେ ବିଜୟ ଲାଭ କରିବେ। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** - ଆଜିର ଗ୍ରହ ସ୍ଥିତି ଅନୁକୂଳ ରହିଥିବାରୁ ଯାହା ଚିନ୍ତା କରୁଛନ୍ତି ତାହା ସହଜରେ ହାସଲ କରିବେ। ପିଲାଙ୍କ ସମସ୍ୟା ସମାଧାନ ପାଇଁ ସମ୍ପର୍କୀୟଙ୍କ ସହ ଆଲୋଚନା କରିବା ଭଲ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେ ଜଟିଳ ମନେକରୁଛନ୍ତି ସେପରି କିଛି ହେବନି। ପରିସ୍ଥିତିବଶତଃ କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହେବେ ।

ଆଜି ଜୁଲାଇ ୧୧ ତାରିଖ, ବିଶ୍ୱ ଜନସଂଖ୍ୟା ଦିବସ, ଶ୍ରାବଣ କୃଷ୍ଣ ପ୍ରତିପଦା ଶୁକ୍ରବାର। ରାଶି ନକ୍ଷତ୍ର- ଉତ୍ତରାଷାଢ଼ା/ଧନୁ, ଦିବା ଘ.୧୨।୦୭ ମି. ଗତେ, ମକରଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୮।୩୫ ଗତେ, ଘ.୧୦।୧୩ ମଧ୍ୟେ, ଘ.୧୧।୫୧ ଗତେ, ଘ. ୦୧।୨୮ ମଧ୍ୟେ ଅମୃତ ବେଳା। ଦିବା ଘ.୧୦।୧୩ ଗତେ, ଘ.୦୧।୫୧ ମଧ୍ୟେ, ଘ. ୦୩।୧୦ ଗତେ, ଘ.୦୪।୪୮ ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୩।୦୯ ମି. ଗତେ, ଘ. ୦୪।୪୮ ମଧ୍ୟେ ରାହୁକାଳ।

ମନୁଷ୍ୟର ମହତ୍ତ୍ୱ ସେ ଯେଉଁ ଅବସ୍ଥାରେ ବର୍ତ୍ତମାନ ଅଛି– ସେଥିରେ ନାହିଁ। କିନ୍ତୁ ସେ ଯାହା ହୋଇ ଚାଲିଛି ସେଇଥିରେ ଅଛି। ତା'ର ମହତ୍ତ୍ୱ ହେଲା– ତାରି ରୁଦ୍ଧ ଗୋପନ କର୍ମଶାଳା ଭିତରେ ଚାଲିଛି ଏକ ଜୀବନ୍ତ ଶ୍ରମ। ତାରି ଭିତରେ ବିଶ୍ୱକର୍ମା ଅତିମାନବତ୍ୱକୁ ନିର୍ମାଣ କରିଚାଲିଛନ୍ତି। –ଶ୍ରୀଅରବିନ୍ଦ



# ବାହ୍ୟ ଆକ୍ରମଣ ଓ ବିଦ୍ରୋହ



ଇଆନ ବୁରୁମା

ଗତ ମାସରେ ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଆମେରିକା ଆକାଶମାର୍ଗରୁ ବୋମା ବର୍ଷଣ କରିଥିଲା ଏବଂ ଏଥିରେ କେତେ କ୍ଷତି ହୋଇଛି, ତାହା ଏବେ ସୁଦ୍ଧା ଆମେ ଜାଣିନୁ। ଜୁନ୍‌ରେ ଅନୁଷ୍ଠିତ ନାଟୋ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗର୍ବର ସହିତ କହିଥିଲେ, ''ଏହା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ମୋର ବିଶ୍ୱାସ''। କିନ୍ତୁ ଏହା ପୂର୍ବରୁ ଆମେରିକାର ଏକ ଗୋଇନ୍ଦା ରିପୋର୍ଟ ପ୍ରକାଶ କରିଥିଲା ଯେ, ଇରାନ୍ ପୁଣି କିଛି ମାସ ମଧ୍ୟରେ ଉନ୍ନତ ମାନର ୟୁରାନିୟମ ପ୍ରସ୍ତୁତି ଆରମ୍ଭ କରିପାରେ। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ)ର ନିର୍ଦ୍ଦେଶକ ରାଫେଲ୍ ମାରିଆନୋ ଗ୍ରୋସି ମଧ୍ୟ ସମାନ କଥା କହିଥିଲେ। ତେବେ ଆମେ ଗୋଟିଏ କଥା କହିପାରିବା ଯେ, ଇସ୍ରାଏଲ୍–ୟୁଏସ୍‌ର ବମ୍ବିଂ ଅଭିଯାନ ଇସ୍‌ଲାମିକ ରିପବ୍ଲିକ ଶାସନ ବିରୋଧରେ କୌଣସି ବିଦ୍ରୋହ ସୃଷ୍ଟି କରିପାରିଲା ନାହିଁ। କିନ୍ତୁ ଏଭଳି ଘଟିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆଶା କରିଥିଲେ। ଏପରିକି ଟ୍ରମ୍ପ୍ ମଧ୍ୟ ଭାବୁଥିଲେ ଯେ, ମେକ୍ ଇରାନ୍ ଗ୍ରେଟ୍ ଏଗେନ୍ (ଏମ୍‌ଆଇଜିଏ)ରେ ଅସମର୍ଥ ହୋଇଥିବା ଏକ ଶାସନର ବିକଳ୍ପ ହେଉଛି ତାହାକୁ ପରିବର୍ତ୍ତନ କରିବା। କିନ୍ତୁ ଏମ୍‌ଆଇଜିଏ ପାଇଁ ଚେଷ୍ଟା ଦେଶ ଭିତରୁ ନା ବାହାରୁ ହେବା ଉଚିତ ନା ନାହିଁ, ତାହା ସେ ସ୍ପଷ୍ଟ କରିନାହାନ୍ତି।

କୌଣସି ଏକ ଦେଶ ଉପରେ ଆକ୍ରମଣ କରି ସେହି ଦେଶର ନାଗରିକଙ୍କ ନୈତିକ ମନୋବଳ ଭାଙ୍ଗିଦେବା ସହ ସେମାନଙ୍କୁ ନିଜ ନେତାଙ୍କ ବିରୋଧରେ ସ୍ୱର ଉଠାଇବା ପାଇଁ ପ୍ରେରିତ କରିବା କଥା ଯାହା ଚିନ୍ତା କରାଯାଉଛି, ତାହା ଏକ ପୁରୁଣା ମାନସିକତା ଓ ପ୍ରାୟତଃ ଗ୍ରହଣୀୟ ନୁହେଁ। ଏହା ସ୍ପେନ ଗୃହଯୁଦ୍ଧ ସମୟରେ ଯେତେବେଳେ ଜର୍ମାନ ଓ ଇଟାଲୀ ଗୁଏର୍ନିକା ଉପରେ ୧୯୩୭ରେ ଆକ୍ରମଣ କରିଥିଲେ କିମ୍ବା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯେତେବେଳେ ହିଟ୍‌ଲର ବ୍ରିଟେନ୍ ଉପରେ ଆକ୍ରମଣ କରିଥିଲେ କିମ୍ବା ମିତ୍ର ଦେଶଗୁଡ଼ିକ ନାଜି ଜର୍ମାନୀର ସହରଗୁଡ଼ିକୁ ଧ୍ୱଂସ କରିଥିଲେ, ସେତେବେଳେ ଏହି ସିଦ୍ଧାନ୍ତ କାମ କରି ନ ଥିଲା। ୧୯୬୫–୬୮ ପର୍ଯ୍ୟନ୍ତ ଉତ୍ତର ଭିଏତ୍‌ନାମରେ ଚାଲିଥିବା ଅପରେଶନ ରୋଲିଂ ଥଣ୍ଡର ମଧ୍ୟ ଏହି ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଥିଲା। ଗାଜା ଉପରେ ଏବେ ଜାରି ରହିଥିବା ଇସ୍ରାଏଲ୍‌ର ଆକ୍ରମଣ କ୍ଷେତ୍ରରେ ମଧ୍ୟ ସେୟା ଘଟିଛି।

ଷ୍ଟ୍ରାଟେଜିକ୍ ବମ୍ବିଂରେ ଆକାଶମାର୍ଗରୁ ସଂଖ୍ୟାଧିକ ବୋମା ପକାଯାଇ କୌଣସି ଦେଶର ଭିତ୍ତିଭୂମି ଓ ସମ୍ବଳକୁ ଦୁର୍ବଳ କରାଯାଇଥାଏ। ଦୁଇଟି ବିଶ୍ୱଯୁଦ୍ଧରେ ଇଟାଲୀୟ ଜେନେରାଲ ଗିଉଲିଓ ଡୋଉହେଟ ଏହି କୌଶଳ ପ୍ରସ୍ତୁତ କରିଥିଲେ। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆକାଶମାର୍ଗରୁ କରାଯାଇଥିବା ଘାତକ ବମ୍ବିଂରେ ବ୍ରିଟେନ୍‌ର କମାଣ୍ଡର ଇନ୍ ଚିଫ୍, ଆର୍‌ଏଏଫ୍ ବମ୍ବର



କମାଣ୍ଡ, ଅର୍ଥୁର ହାରିସ୍ (ବମ୍ବର ହାରିସ୍ ଭାବେ ଜଣାଶୁଣା) ଏବଂ ଆମେରିକା ଏୟାର ଫୋର୍ସ ଜେନେରାଲ କୁରଟିସ୍ ଏମରଶନ୍ ଲିମେ ଜଡ଼ିତ ଥିଲେ। ପରେ ୧୯୪୪–୪୫ରେ ଜାପାନର ସହରଗୁଡ଼ିକୁ ଧ୍ୱଂସ କରି ଅନେକ ହଜାର ନାଗରିକଙ୍କୁ ହତ୍ୟା କରାଯାଇଥିଲା। ସେତେବେଳେ କୁହାଯାଉଥିଲା ଯେ, ଯଦି ଆମେରିକା ହାରିଥାଆନ୍ତା, ତେବେ ଲିମେଙ୍କୁ ଯୁଦ୍ଧ ଅପରାଧୀ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଥାଆନ୍ତା। ଷ୍ଟ୍ରାଟେଜିକ୍ ବମ୍ବିଂ ସହରାଞ୍ଚଳକୁ ଧ୍ୱଂସ କରିଦେଲା ଏବଂ ସଂଖ୍ୟାଧିକ ବୋକେ (ଜର୍ମାନ୍ ନାଗରିକଙ୍କ ପାଇଁ ଏକ ଉପହାସପୂର୍ଣ୍ଣ ଶବ୍ଦ)ଙ୍କୁ ହତ୍ୟା କରିବାରେ ହାରିସ୍ ତାଙ୍କ ଆଶା ପୂରଣ କଲେ। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଷ୍ଟ୍ରାଟେଜିକ୍ ବମ୍ବିଂକୁ ବ୍ୟାପକ ଭାବେ ବ୍ୟବହାର କଲେ ମଧ୍ୟ ଏହି କୌଶଳ କେବେ ବି ଏକ ବଡ଼ ବିଦ୍ରୋହ ସୃଷ୍ଟି କରିପାରି ନ ଥିଲା। ହିରୋସୀମା ଓ ନାଗାସାକୀ ସହରରେ ପରମାଣୁ ବୋମା ଆକ୍ରମଣର ପରିଣାମ ଯାହା ହୋଇଥାଉନା କାହିଁକି, ଜାପାନରେ ସେଠାକାର ସରକାରଙ୍କ ବିରୋଧରେ କୌଣସି ବିଦ୍ରୋହ ଦେଖାଯାଇ ନ ଥିଲା।

ଏକ ଆକ୍ରମଣ ଲୋକଙ୍କୁ ଭୋକିଲା ରଖିପାରେ, ହେଲେ ଲୋକପ୍ରିୟତା ହରାଇଥିବା ଏକ ସରକାର ପାଇଁ ଏହା ସମର୍ଥନ ଜୁଟାଇବା ସମ୍ଭାବନା ସୃଷ୍ଟି କରେ। ୧୯୪୧ରେ ଲଣ୍ଡନବାସୀଙ୍କ ମନୋବଳ ଭାଙ୍ଗିଦେବା ପାଇଁ ଜର୍ମାନ୍ ପ୍ରଚେଷ୍ଟା କରିଥିଲା। କିନ୍ତୁ ଏହା ଲଣ୍ଡନବାସୀଙ୍କୁ ଅଧିକ ଜିଦିଆ କରିବା ସହ ତାଙ୍କ ସହର ଆକ୍ରମଣର ମୁକାବିଲା କରିପାରିବ ବୋଲି ସେମାନଙ୍କ ମନରେ ଦୃଢ଼ ବିଶ୍ୱାସ ଜନ୍ମାଇଥିଲା। ଅବଶ୍ୟ ସେତେବେଳେ ୱିନ୍‌ଷ୍ଟନ ଚର୍ଚ୍ଚିଲଙ୍କ ଲୋକପ୍ରିୟତା ଥିଲା। କିନ୍ତୁ ବର୍ଲିନ୍‌ବାସୀଙ୍କ ମଧ୍ୟରେ ଏପରିକି ଯେଉଁମାନେ ହିଟ୍‌ଲରଙ୍କୁ ବିରୋଧ କରୁଥିଲେ, ସେମାନଙ୍କର ମଧ୍ୟ ସମାନ ପ୍ରକାର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିନା ଅଭିଯୋଗରେ ଯନ୍ତ୍ରଣା ସହିବା କିମ୍ବା ସମସ୍ୟାରେ ରହିବାର ମାନସିକତା ଗଣତାନ୍ତ୍ରିକ ଦେଶ ତୁଳନାରେ ଯଥେଷ୍ଟ ଅଧିକ ଅଛି ଏକଚ୍ଛତ୍ରବାଦ ଶାସନରେ। ଉତ୍ତର ଭିଏତ୍‌ନାମର ଲୋକେ ସେମାନଙ୍କ ନେତାଙ୍କୁ ମାନିବା ପାଇଁ ବାଧ୍ୟ ହୋଇଥିଲେ, କିନ୍ତୁ ଆମେରିକାର ଆକ୍ରମଣ ସେମାନଙ୍କ ନୈତିକ ଅଧୋଗତି ଘଟାଇବା କିମ୍ବା ଏକ ଜନ ବିଦ୍ରୋହ ସୃଷ୍ଟି କରିବାର କୌଣସି ପ୍ରମାଣ ନାହିଁ। ଆମେରିକାର ଯୁଦ୍ଧ ବିମାନରୁ ଆକ୍ରମଣ କରିଥିଲେ ମଧ୍ୟ ଭିଏତ୍‌ନାମର ନାଗରିକଙ୍କଠାରେ ପ୍ରକୃତ ଦେଶଭକ୍ତି ଥିଲା।

ସତ୍ୟ ହେଉଛି, କୌଣସି ଦେଶରେ ନାଗରିକମାନେ ସେମାନଙ୍କ ନେତାଙ୍କୁ ଯେତେ ଘୃଣା କରନ୍ତୁ ପଛେ, ବିଦେଶୀ ଶକ୍ତିଙ୍କ ଆକ୍ରମଣକୁ ସେମାନେ ସହ୍ୟ କରନ୍ତି ନାହିଁ। ବିଶେଷକରି ଇରାନ୍ ଭଳି ଏକ ଦେଶଭକ୍ତ ଭାବନାରେ ପରିପୂର୍ଣ୍ଣ ତଥା ବୈଦେଶିକ ହସ୍ତକ୍ଷେପର ତିକ୍ତ ଇତିହାସ ସହ ଜଡ଼ିତ ଦେଶରେ ଏହା ସମ୍ଭବ। ୧୯୫୩ରେ ଆମେରିକା ଓ ବ୍ରିଟେନ୍ ସମର୍ଥନରେ ବଳପୂର୍ବକ ପ୍ରତିଶ୍ରୁତିବଦ୍ଧ ଗଣତନ୍ତ୍ରକୁ ହଟାଇ ଦିଆଯାଇଥିଲା। ଏବେ ଏହିସବୁ ପାଶ୍ଚାତ୍ୟ ଦେଶ ପ୍ରତି ଘୃଣାଭାବ କମିଯାଇଥାଇପାରେ, କିନ୍ତୁ ସେମାନଙ୍କ ବିଚାର ତଥା କାର୍ଯ୍ୟକଳାପକୁ ଇରାନୀୟମାନେ ସବୁବେଳେ ସନ୍ଦେହ ଦୃଷ୍ଟିରେ ଦେଖନ୍ତି। ଟ୍ରମ୍ପଙ୍କ ମେକ୍ ଇରାନ୍ ଗ୍ରେଟ୍ ଏଗେନ୍ ଧ୍ୱନିକୁ ଇରାନୀୟମାନେ ସମର୍ଥନ କରିବା କଷ୍ଟକର।

ଏହା ନିଶ୍ଚିତ ଯେ, ଇରାନ୍‌ର ଆଣବିକ କ୍ଷମତା ହ୍ରାସ କରିବା ଏକ ସକାରାତ୍ମକ ପଦକ୍ଷେପ। ଲେବାନନ୍ ଓ ସିରିଆରେ ଇରାନ୍‌ର ସପକ୍ଷବାଦୀ ଉଗ୍ରବାଦୀଙ୍କ ଉପରେ ଇସ୍ରାଏଲ୍‌ର ଆକ୍ରମଣ ମଧ୍ୟ ଏକ ଭଲ ପଦକ୍ଷେପ ହୋଇପାରେ। କିନ୍ତୁ ଏସିଆ ଓ ମଧ୍ୟପ୍ରାଚ୍ୟରେ ଦେଖାଯାଇଥିବା ଅନ୍ୟ ପାଶ୍ଚାତ୍ୟ ସାମରିକ ହସ୍ତକ୍ଷେପ ଗଣତନ୍ତ୍ରକୁ ପରିବର୍ତ୍ତନ କରିପାରିବ ନାହିଁ। ଯେଉଁମାନେ ଇରାନ୍‌ର କଠୋର, ଦମନକାରୀ ଓ କ୍ରୁର ଧର୍ମୀୟ ଶାସନକୁ ହଟାଇପାରିବେ, ସେମାନେ ହେଉଛନ୍ତି ଇରାନ୍‌ର ନାଗରିକ। ଏହି ଶାସନ ଅଧିକ ଲୋକପ୍ରିତା ହରାଇଛି ଏବଂ ୮୦ ପ୍ରତିଶତରୁ ଅଧିକ ଇରାନୀୟ ଗଣତାନ୍ତ୍ରିକ ସରକାର ଚାହାନ୍ତି ବୋଲି ୨୦୨୩ର ଏକ ସର୍ଭେରୁ ଜଣାପଡ଼ିଥିଲା। ଇରାନ୍ ଉପରେ ଆକ୍ରମଣ କଲେ ଏହାର ସାମରିକ ଦୁର୍ବଳତା ସାମ୍ନାକୁ ଆଣିଥାଇପାରେ, କିନ୍ତୁ ଶାସନ ବିରୋଧରେ ବଢ଼ୁଥିବା ବିରୋଧକୁ ଏହା ନିଶ୍ଚିତ ଭାବେ ହ୍ରାସ କରିଥିବା ଜଣାଯାଏ।

ଇରାନ୍‌ର ଅଭିନେତା ରେଜା କିଆନିଆନ ସରକାରଙ୍କ ଦୃଢ଼ ସମାଲୋଚକ ତଥା ୨୦୨୨ ଶାସନ ବିରୋଧୀ ଆନ୍ଦୋଳନର ଜଣେ ସମର୍ଥକ ଭାବେ ସେ ନିଃସନ୍ଦେହରେ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସ୍ୱାଗତ କରିଥାଆନ୍ତେ। କିନ୍ତୁ ଇସ୍ରାଏଲ୍ ଓ ଆମେରିକା ଆକ୍ରମଣ ଆରମ୍ଭ କରିଦେବା ଯୋଗୁ ତାଙ୍କ ଦେଶଭକ୍ତି ବଢ଼ିଗଲା। ଫାଇନାନ୍ସିଆଲ ଟାଇମ୍ସକୁ ସେ ସାକ୍ଷାତ୍‌କାରରେ କହିଥିଲେ ଯେ, ଇରାନ୍ ବାହାରେ ରହିଥିବା ଜଣେ ବ୍ୟକ୍ତି ଦେଶକୁ ଆଗକୁ ବଢ଼ିବା ପାଇଁ କହିପାରିବେ ନାହିଁ। ଇରାନ୍ ହେଉଛି ମୋ ଦେଶ। କ'ଣ କରିବାକୁ ହେବ ମୁଁ ସ୍ଥିର କରିବି। ମୋ ନିଜ ଦେଶରେ ମୁଁ କ'ଣ କରିବି ସେ ସମ୍ପର୍କରେ କାହା କଥାକୁ ଅପେକ୍ଷା କରିବି ନାହିଁ। ବାହ୍ୟ ହସ୍ତକ୍ଷେପ ପ୍ରତି ଏହି ବିମୁଖତା ବା ବିରୋଧାଭାଷ ଯୁକ୍ତିଯୁକ୍ତ ମନେହୁଏ ଓ ଏହା ଶୀଘ୍ର ଏକ ନୂଆ ସଙ୍କଳ୍ପର ପଥ ଦେଖାଇପାରେ। ଗୋଟିଏ ଶାସନ ଯେତେବେଳେ ଚାପରେ ରହିଥାଏ, ସେତେବେଳେ କ'ଣ ଘଟିବ କେହି କହିପାରିବେ ନାହିଁ। କିନ୍ତୁ ଇରାନର ଏବକାର ଶାସନ ତଥାକଥିତ ଦେଶଦ୍ରୋହୀ ଏବଂ ଅସନ୍ତୁଷ୍ଟଙ୍କ ସ୍ୱରକୁ ଦୃଢ଼ ହସ୍ତରେ ଦବାଇ ରଖିଛି। ଇରାନର ସାମରିକ ଦୁର୍ବଳତା ହିଁ ଏହାର ନେତାଙ୍କୁ ଏକ ପରମାଣୁ ବୋମା ତିଆରି କରିବା ପାଇଁ ଦୁଇଗୁଣ ପ୍ରେରଣ କରିବାର ସମ୍ଭାବନା ଅଛି।

**ପ୍ରତିଷ୍ଠିତ ଲେଖକ**

## ଏଇ ଭାରତରେ

ମହାରାଷ୍ଟ୍ରର ସୁନୀଲ କୋଲ୍‌ପେ ୧୬ଟି ମଇଁଷି କିଣି ଏକ ସ୍ମାର୍ଟ ଡାଇରି ଫାର୍ମ କରିଛନ୍ତି। ସୁନୀଲଙ୍କ ବୟସ ଏବେ ୪୩ ଓ ମହାରାଷ୍ଟ୍ର ୟୁବତମାଲ ଜିଲାର ଛୋଟ ସହର ମହାଗାଓଁରେ ରହୁଛନ୍ତି ଏବଂ ଏହାଠାରୁ ତାଙ୍କ ଫାର୍ମ ୧୩ କିଲୋମିଟର ଦୂରରେ ଅଛି। ଏହି ଫାର୍ମ ୨୪ ଏକର ଜମିରେ ହୋଇଛି । ସେ କ୍ଷୀର ବିକ୍ରି କରିବା ପାଇଁ ସ୍ମାର୍ଟ କାର୍ଡଯୁକ୍ତ ମିଲ୍କ ଏଟିଏମ୍, ଆଇସ୍‌କ୍ରିମ ପାର୍ଲର କରିଛନ୍ତି। କ୍ଷୀର ଓ ଏଥିରୁ ପ୍ରସ୍ତୁତ ଉତ୍ପାଦ ବିକ୍ରି କରି ସୁନୀଲ ମାସକୁ ୭୫ ହଜାର ଟଙ୍କା ରୋଜଗାର କରୁଛନ୍ତି। ଦିନକୁ ଏବେ ୩୫୦ ଲିଟର କ୍ଷୀର ବିକ୍ରି କରୁଛନ୍ତି। କେବଳ ଏଟିଏମ୍ ମାଧ୍ୟମରେ ସେ କ୍ଷୀର ବିକୁନାହାନ୍ତି, ବରଂ ଘରକୁ ଘର ବୁଲି କ୍ଷୀର ଦେଉଛନ୍ତି। ସେ ବୈଜ୍ଞାନିକ ପଦ୍ଧତିରେ ଗୁହାଳ କରିଛନ୍ତି ଓ ଏଥିରେ ୫.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ପ୍ରଥମେ ସେ ପନିପରିବା ଚାଷ କରିଥିଲେ। କିନ୍ତୁ ସେଥିରେ କ୍ଷତି ହେବାରୁ ମଇଁଷି ରଖିବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ତାଙ୍କ ଜୀବନର ମୋଡ଼ ହିଁ ବଦଳାଇଦେଇଛି। ସୁନୀଲ ଫାର୍ମରେ ମଇଁଷି ପାଳନ କରିବା ସହିତ ଆଖୁ, ସୋୟାବିନ ଓ କପାଚାଷ ମଧ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୧ ଜୁଲାଇ ୧୯୭୬**

- ପେଟ୍ରୋଲ ଓ ପେଟ୍ରୋଲଜାତ ଦ୍ରବ୍ୟର ଆଞ୍ଚଳିକ ଭିତ୍ତିରେ ବିକ୍ରୟ ପାଇଁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ ୪ କମ୍ପାନୀ ପ୍ରତିଷ୍ଠା ବିଷୟରେ ପ୍ରସ୍ତାବ ଗ୍ରହଣ କରିଛନ୍ତି।
- ନିରପେକ୍ଷ ରାଷ୍ଟ୍ରଗୋଷ୍ଠୀଗୁଡ଼ିକର ପ୍ରସ୍ତାବିତ ସମ୍ବାଦ ସଂସ୍ଥାର ସଦର ମହକୁମା ଭାରତରେ ରଖାଯିବା ପାଇଁ ପ୍ରସ୍ତାବ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | | | | | |
| | | | | 8 | 9 | | | |
| 7 | | 2 | 3 | | | | | 8 |
| | | | | 1 | | 5 | 4 | |
| 2 | 7 | 4 | | 6 | | | | |
| | | 6 | | 9 | | | | |
| | | 9 | | | | 1 | 7 | |
| | | | | 7 | | | | |
| | 3 | | | | 1 | | 5 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 9 | 2 | 5 | 6 | 1 | 4 | 8 |
| 8 | 6 | 1 | 3 | 7 | 4 | 5 | 9 | 2 |
| 2 | 5 | 4 | 1 | 8 | 9 | 7 | 3 | 6 |
| 1 | 8 | 6 | 7 | 4 | 2 | 9 | 5 | 3 |
| 9 | 2 | 5 | 6 | 3 | 1 | 4 | 8 | 7 |
| 7 | 4 | 3 | 8 | 9 | 5 | 6 | 2 | 1 |
| 5 | 1 | 2 | 9 | 6 | 3 | 8 | 7 | 4 |
| 6 | 9 | 8 | 4 | 2 | 7 | 3 | 1 | 5 |
| 4 | 3 | 7 | 5 | 1 | 8 | 2 | 6 | 9 |

ଗତକାଲିର ଉତ୍ତର

# ମାତୃଭାଷା ବନାମ ବିଶ୍ୱଭାଷା



ରାନୀ ନାୟକ

ଗୋଟିଏ ଜାତିର ପରିଚୟ ହେଉଛି ଭାଷା। ପ୍ରତ୍ୟେକ ଭାଷାର ଏକ ନିର୍ଦ୍ଦିଷ୍ଟ ଇତିହାସ ରହିଛି। ଯଦି ଭାଷାଟିଏ ମରିଯାଏ ତେବେ ଅନେକ କଥା ମରିଯିବାକୁ ଦୁଏ। ସେଥିରେ ଥିବା ସାହିତ୍ୟ, ଦର୍ଶନ ନିଶ୍ଚୟ ବଳିପଡିବ ଏବଂ ସେ ଭାଷାର ଶବ୍ଦମାନ ମଧ୍ୟ ଲୋପ ପାଇଥାଏ। ତେଣୁ ଭାଷା ବଞ୍ଚିଲେ ଗୋଟିଏ ଜାତି ଚିରକାଳ ପାଇଁ ଜୀବିତ ରହିପାରିବ। ସେ ଜାତି ସେତେବେଳେ ଯାଇ ବିଶ୍ୱମଣ୍ଡିତ ହେବ ଯେତେବେଳେ ତା' ମାତୃଭାଷା ସମଗ୍ର ପୃଥିବୀ ପୃଷ୍ଠରେ ଆଦୃତ ହେବ। ଏହା କେବଳ ସମ୍ଭବ ଗୋଟିଏ ଭାଷାଭାଷୀ ଜନତା ଦଳଗତ ଭାବେ କିମ୍ବା ଶକ୍ତିଶାଳୀ ବ୍ୟକ୍ତିଙ୍କ ନେତୃତ୍ୱରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବାବେଳେ ନିଜର ଚଳଣି, ସଂସ୍କୃତି, ଅଭ୍ୟାସ ସର୍ବୋପରି ନିଜର ମାତୃଭାଷାକୁ ସାଥିରେ ନେଇ ଅନ୍ୟ ସ୍ଥାନରେ ପ୍ରଭାବଶାଳୀ ଉପସ୍ଥିତି ଜାହିର କରିପାରିବ। କିନ୍ତୁ ଦୁଃଖର ବିଷୟ ଯେ ଆମେ ମାତୃଭାଷା ଅପେକ୍ଷା ବିଶ୍ୱଭାଷାକୁ ଅତି ଆଦର କରିବାରେ ବ୍ୟସ୍ତ। ଏହା କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ଇଂରାଜୀ ଭାଷା କାୟାବିସ୍ତାର କରିଛି।

ବିଶ୍ୱଭାଷା ଭାବରେ ଇଂରାଜୀ ଭାଷାର ବ୍ୟବହାର ପଛରେ ରହିଛି ଏକ ଭାଷା କୂଟନୀତି। ନଚେତ୍ ନିଜ ମାତୃଭାଷା କହୁଥିବା ଲୋକଙ୍କ ଗଣତିରେ ବିଶ୍ୱରେ ସର୍ବାଧିକ ଲୋକ ଚାଇନିଜ ଭାଷା 'ମାଣ୍ଡାରିନ' ହିଁ କହିଥାନ୍ତି। ଆମେରିକୀୟ, ଅଷ୍ଟ୍ରେଲିଆ ଏବଂ ପାଖାପାଖି ଅଞ୍ଚଳର ସମସ୍ତ ଇଂରାଜୀ ଭାଷାଭାଷୀ କହୁଥିବା ଲୋକଙ୍କୁ ମିଶାଇଲେ ମଧ୍ୟ ମାତୃଭାଷା ଭାବରେ ଇଂରାଜୀର ସ୍ଥାନ ଦ୍ୱିତୀୟ। ସେହିପରି ଭାରତରେ ହିନ୍ଦୀର ସ୍ଥାନ ଦ୍ୱିତୀୟ ଓ ଓଡ଼ିଆ ସ୍ଥାନ ତେତିଶ। ଏଠାରେ ମାତୃଭାଷା ବନାମ ବିଶ୍ୱଭାଷା କହିବାର ଉଦ୍ଦେଶ୍ୟ ହେଉଛି, ମାତୃଭାଷା ଇଂରାଜୀ ଥିବା ଲୋକଙ୍କଠାରୁ ଏସିଆ ଏବଂ ଆଫ୍ରିକାରେ ଇଂରାଜୀ ଭାଷା ଶିଖୁଥିବା ଲୋକଙ୍କ ସଂଖ୍ୟା ଅଧିକ। ସେହିପରି ଇଂରେଜମାନେ ଯେତେବେଳେ ଭାରତରେ ନିଜର କାୟାବିସ୍ତାର କଲେ ଏବଂ ପରବର୍ତ୍ତୀ ସମୟରେ ସେହି ଆଗନ୍ତୁକମାନଙ୍କର ଆବଶ୍ୟକତା ଥିଲା ସେମାନେ ଆମ ଭାଷା ଶିକ୍ଷା କରିବେ। କିନ୍ତୁ ସେମାନେ କ'ଣ ଆମ ଭାଷା ଶିକ୍ଷା କରିବେ, ବରଂ ତାଙ୍କ ଭାଷା ଅର୍ଥାତ୍ ଇଂରାଜୀ ଭାଷା ପ୍ରତି ଭାରତୀୟମାନଙ୍କର ଏତେ ଆସକ୍ତି ଚାଲି ଆସିଥିଲା ଯେ ଇଂରାଜୀ ଭାଷା ଶିଖିବା ପାଇଁ ଆତୁର ଏବଂ ତତ୍ପର ହୋଇଉଠିଲୁ।

ଇଂରାଜୀ ଭାଷାର କାୟା ବିସ୍ତାର ସମ୍ପର୍କରେ ଇତିହାସର କିଛି ଘଟଣାବଳୀର ପୃଷ୍ଠା ଓଲଟାଇବା। ଆମେରିକାର ପଞ୍ଚଦଶ ଶତକର ଉଦାହରଣ ଦେଖିବା। ପଞ୍ଚଦଶକର କଥା–କନ୍‌ଷ୍ଟାଣ୍ଟିନୋପଲ ପତନ ପରେ ଚାଇନାରୁ ଭାରତ ହୋଇ ୟୁରୋପ ଯାଉଥିବା ରେଶମ ପଥ ଅବରୁଦ୍ଧ ହେବା ପରେ ୟୁରୋପୀୟ ବ୍ୟବସାୟୀ ଓ ଶାସକମାନେ ଅନ୍ୟ ଏକ ବିକଳ୍ପ ପଥ ସନ୍ଧାନ କରୁଥାନ୍ତି। ଏଥିପାଇଁ ସ୍ପେନ୍, ଇଟାଲୀ, ପର୍ତ୍ତୁଗାଲ, ଫ୍ରାନ୍ସ, ଇଂଲଣ୍ଡର ସମୁଦ୍ର ନାବିକମାନଙ୍କୁ ସେତେବେଳେ ପ୍ରୋତ୍ସାହିତ କରାଯାଉଥିଲା। ପ୍ରସିଦ୍ଧ ସ୍ପେନୀୟ ନାବିକ ଖ୍ରୀଷ୍ଟୋଫର୍ କଲମ୍ବସ ୧୪୯୨ରେ ଦିଗଭ୍ରାନ୍ତ ହୋଇ ଭାରତକୁ ଜଳପଥ ଖୋଜି କ୍ୟାରିବିୟନ ସି'ର ବରମୁଡ଼ା ଦୀପପୁଞ୍ଜରେ ପହଞ୍ଚିଲେ ଏବଂ ଏହାକୁ ଭାରତ ବୋଲି ଭାବି ସେଠାକାର ଆଦିମ ଅଧିବାସୀଙ୍କୁ ରେଡ୍ ଇଣ୍ଡିଆନ ଆଖ୍ୟା ଦେଲେ। ଏହା ଥିଲା ଆମେରିକା



ମହାଦେଶର ଅଂଶ(ମାତ୍ର ମୃତ୍ୟୁ ପର୍ଯ୍ୟନ୍ତ କଲମ୍ବସ ଭାବିଥିଲେ ସେ ଭାରତବର୍ଷକୁ ଜଳପଥ ଆବିଷ୍କାର କରିଛନ୍ତି)। ଇଟାଲୀର ନାବିକ ଆମେରିଗୋ ଭେସ୍ପୁଚି ୧୫୦୭ରେ ଏଠାରେ ପହଞ୍ଚିବାରେ ଇଟାଲୀର ରାଜା ଏହି ଅଞ୍ଚଳକୁ ଆମେରିକା ବୋଲି ନାମିତ କଲେ। ପରବର୍ତ୍ତୀ ସମୟରେ ସ୍ପେନୀୟମାନେ ଦକ୍ଷିଣ ଆମେରିକା ମଧ୍ୟ ଆବିଷ୍କାର କରିଥିଲେ। ୧୫୮୮ରେ ସ୍ପେନ୍ କର୍ତ୍ତୃତ୍ୱରେ ଥିବା ଆଣ୍ଟଲାଣ୍ଟିକ ମହାସାଗରର ସ୍ପେନିଶ୍ମୌ ଘାଟି ଆର୍ମାଡ ଦ୍ୱୀପକୁ ଇଂରେଜମାନେ ଅଧିକାର କରିନେବା ପରେ ଏହି ସ୍ଥାନରେ ବସତି ସ୍ଥାପନ କରିବାକୁ ଆଗ୍ରହୀ ହୋଇଥିଲେ। କୁହାଯାଏ, ଯେଉଁ ପ୍ରଥମ ଗୋଷ୍ଠୀର ଲୋକେ ଆମେରିକା ଯାଇଥିଲେ ସେମାନଙ୍କର ହୁଏତ ଆମେରିକାର ଆଦିମ ଅଧିବାସୀଙ୍କ ହାତରେ ମୃତ୍ୟୁ ହୋଇଥିଲା କିମ୍ବା ସେମାନେ ନିଖୋଜ ହୋଇଥିଲେ। ସେହିମାନଙ୍କ ସ୍ମୃତିରେ ସ୍ଥାନଟିର ନାମକରଣ କରାଯାଇଥିଲା ଲସ୍ ଏଞ୍ଜେଲେସ। ପରବର୍ତ୍ତୀ ଗୋଷ୍ଠୀ ଯେଉଁମାନେ ତାଙ୍କ ସନ୍ଧାନ ପାଇଁ ଇଂଲଣ୍ଡର ସେ ସମୟର ଶାସକ ରାଲେଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ, ସେମାନେ ରହୁଥିବା ସ୍ଥାନଟିକୁ ନାମ ଦେଇଥିଲେ ରାଲେ। ଏହିଭଳି ଭାବରେ ନୂତନ ଉପନିବେଶର ସ୍ଥାନ ନାମକରଣ ଆରମ୍ଭ ହୋଇଥିଲା। ଇଂରେଜମାନେ ଆମେରିକାରେ ୧୭୮୦ ବେଳକୁ ୧୩ଟି କଲୋନୀ ସ୍ଥାପନ କରିଥିଲେ ଏବଂ ସେଥିରେ ୪୦ଲକ୍ଷ ଇଂରେଜ ବସବାସ କରୁଥିଲେ। ୧୫୮୮ ରୁ ୧୬୦୦ ମଧ୍ୟରେ ମାତ୍ର ୩୫୦ଜଣ ସେଠାରେ ରହୁଥିଲେ। ୧୭୮୧ରେ ଆମେରିକା ସ୍ୱାଧୀନ ହେଲା ଏବଂ ସ୍ଥାନୀୟ ଇଂରେଜ ବଂଶୋଦ୍ଭବ ଜର୍ଜ ୱାଶିଂଟନ ଦେଶର ପ୍ରଥମ ରାଷ୍ଟ୍ରପତି ରୂପେ ଶାସନ ଆରମ୍ଭ କଲେ। ଇଂରେଜମାନଙ୍କ ଦ୍ୱାରା ସୃଷ୍ଟ ବଂଶୋଦ୍ଭବମାନଙ୍କର ବସତିରେ ଏହି ଅସ୍ମିତାର ଜାଗରଣ ଅବଶ୍ୟ ବିଶ୍ୱ ଇତିହାସରେ ଏକ ନୂତନ ଫର୍ଦ୍ଦ ଯୋଗ କରିଛି । ଆମେରିକୀୟ ଇଂରାଜୀର ସ୍ୱାତନ୍ତ୍ର୍ୟ ସାମାନ୍ୟ ହେଲେ ମଧ୍ୟ ଜାତୀୟ ସ୍ୱାଭିମାନ ଦୃଷ୍ଟିରୁ ସେମାନେ ସାଧୀନ ହୋଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି।

ଇଂରାଜୀ ଭାଷା ସବୁଠି ପ୍ରସାର ମେଲାଇ ଥିଲେ ସୁଦ୍ଧା ଏକଥା ଦୃଢ଼ତାର ସହ କୁହାଯାଇପାରିବ ଯେ, ଓଡ଼ିଆ ଗୋଟିଏ ଅତ୍ୟନ୍ତ ସମୃଦ୍ଧ ଭାଷା ବୋଲି। ପୃଥିବୀର ଅଧିକାଂଶ ଭାଷାର ଲିପି ନାହିଁ। ସବୁଠାରୁ ଶକ୍ତିଶାଳୀ ଇଂରାଜୀ ଭାଷା ରୋମାନ ଲିପି ବ୍ୟବହାର କରେ। ଜର୍ମାନ, ଫ୍ରେଞ୍ଚ, ସ୍ପାନିସ ଭାଷା ମଧ୍ୟ ଏହି ରୋମାନ ଲିପି ବ୍ୟବହାର କରନ୍ତି। ଆମ ଦେଶରେ ମରାଠି ଓ ହିନ୍ଦୀ ଉଭୟ ନାଗରୀ ଲିପି ବ୍ୟବହାର କରନ୍ତି। କୋଙ୍କଣୀ ଭାଷା ଭିନ୍ନ ଭିନ୍ନ ଲିପି ବ୍ୟବହାର କରୁଛି। କିନ୍ତୁ ଓଡ଼ିଆ ଭାଷା ଏକ ସୁନ୍ଦର ଲିପି ବ୍ୟବହାର କରୁଛି। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ମିଳିସାରିଛି। କିନ୍ତୁ ପରିତାପର ବିଷୟ ଯେ ଏସବୁ ସତ୍ତ୍ୱେ ଆଜିର ଶିଶୁ, କିଶୋର ଗଣ ଏହି ଭାଷା ପ୍ରତି ଆଗ୍ରହୀ ହେଉନାହାନ୍ତି। ଆମ ଅସ୍ମିତାର ମୁଖ୍ୟ ପ୍ରତୀକ ଭାଷା ଉପରେ ଆଗରୁ ଯେତେ ଯାହା ଆକ୍ରମଣ ହୋଇଥିଲା ତାହା ବାହାରୁ ହୋଇଥିଲା, ମାତ୍ର ଏବେ ଏହି ଆକ୍ରମଣ ଆମ ପରିବାର ଭିତରୁ ହିଁ ଆରମ୍ଭ ହେଉଛି। ଶେଷରେ ଗୋଟିଏ ବାକ୍ୟରେ କହିଲେ, ଓଡ଼ିଆ ଭାଷାର ବିକାଶ ସେତିକିବେଳେ ସମ୍ପୂର୍ଣ୍ଣ ହେବ ଯେତେବେଳେ ଜଣେ ଓଡ଼ିଆ ଭାଷାଭାଷୀ ଉପଲବ୍ଧି କରିବ ଯେ ଏଇ ଭାଷା ମାଧ୍ୟମରେ ସେ ଦେଶ ତଥା ବିଶ୍ୱରେ ଉପଲବ୍ଧ ସମସ୍ତ ଜ୍ଞାନ ହାସଲ କରିପାରିବ। ତେଣୁ ଏହା ସେତେବେଳେ ସମ୍ଭବ ହେବ ଯେବେ ଆମ ଓଡ଼ିଆ ଆମେ ନିଜେ ଜାଗୃତ କରିବା।

**ଢେଙ୍କାନାଳ, ମୋ: ୭୬୦୬୯୯୬୦୫୩**

# ଦାରୁ ଓ ଦିଘା



ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ

ଦିଘାରେ ଶ୍ରୀମନ୍ଦିର ନିର୍ମାଣ ହେଲା। ଦଇତା ଥିଲେ ଏହାର ମୁଖ୍ୟ ପୁରୋଧା। ମନ୍ଦିରରେ ଦାରୁବ୍ରହ୍ମ ପ୍ରତିଷ୍ଠା ହେଲେ। ପ୍ରତିଷ୍ଠା ସରୁ ନ ସରୁଣୁ ଦିଘା ହୋଇଗଲା 'ପୁରୁଷୋତ୍ତମ ଧାମ'। ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ତ ସାରା ପୃଥିବୀରେ ଚାଲିଛି, ମାତ୍ର ଜଗନ୍ନାଥଧାମ ତିଆରି ହେଲା ଦିଘାରେ କେତେକ ଦଇତାଙ୍କ ଲାଗି। ମନ୍ଦିର ନିର୍ମାଣ ଓ ମହାବିଗ୍ରହ ସ୍ଥାପନ ଭକ୍ତଗଣଙ୍କ ଭାବାବେଗର ସମ୍ଭୂତ। ଛିଦ୍ରାନ୍ୱେଷୀମାନେ କହିଲେଣି ନବକଳେବର ସମୟର ବଳକା ଦାରୁରେ ନୁହେଁ ବରଂ ଶିଳାରେ ମହାପ୍ରଭୁଙ୍କ ସ୍ୱରୂପ ନିର୍ମାଣ କରାଯାଇଛି। ଏହା ସତ ହୋଇଥିଲେ ଦୁଇଟା କଥା ପଦାକୁ ଆସୁଛି। ବଳକା ଦାରୁ ଦଇତା ଯୋଗାଇ ଥାଇପାରନ୍ତି। ଦ୍ୱିତୀୟ କଥା ଯଦି ପାଷାଣ ପ୍ରତିମା ହୋଇଥିବେ ତେବେ ଏହା ଏକ ଭିନ୍ନ ବିଷୟ। କାରଣ ମହାପ୍ରଭୁଙ୍କ ପାଷାଣପ୍ରତିମା ବିଶ୍ୱରେ ବିରଳ। ସିଏ ପାଷାଣ ନୁହନ୍ତି ମଣିଷ। ସିଏ ଦେହତ୍ୟାଗ କରନ୍ତି। ପାଷାଣରେ ଗଢ଼ାଇବା ହିଁ ବିଚିତ୍ରତା। ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବିଧାନ ମୁତାବକ ନବକଳେବର ସମୟରେ ଅଙ୍ଗଲାଗି ସେବକ ଦଇତାପତିମାନେ ବ୍ରହ୍ମ ପରିବର୍ତ୍ତନ କରାଇଥାନ୍ତ, ପୁରାତନ ବିଗ୍ରହରୁ ନୂତନ ବିଗ୍ରହକୁ। ଦାରୁ ପରିବର୍ତ୍ତନଶୀଳ, ବ୍ରହ୍ମ ନୁହେଁ। ମହାପ୍ରଭୁଙ୍କ ଇଚ୍ଛାରେ ତାଙ୍କ ଦାରବତନୁରେ ବ୍ରହ୍ମ ସଂସ୍ଥାପନ ଓ ଜୀବନ୍ୟାସ, ନୀଳକନ୍ଦରରେ ପ୍ରଥମେ ସ୍ୱହସ୍ତରେ ବ୍ରହ୍ମା କରାଇଥିଲେ। ଦାରବତନୁ ନିର୍ମାଣ ପରେ ମହାପ୍ରଭୁଙ୍କ ଆଜ୍ଞାମତେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କ ହସ୍ତରେ ବ୍ରହ୍ମ ସଂସ୍ଥାପନ କରାଇଥିଲେ କେଉଁ ଅଜ୍ଞାତ ସମୟରୁ । ସେଇ ସମୟରୁ ବ୍ରହ୍ମଦାରୁ ଉପାସନା ଚାଲିଛି। ସେବେଠୁ ଶ୍ରୀକ୍ଷେତ୍ର ଶ୍ରୀଧାମ, ପୁରୁଷୋତ୍ତମଧାମ, ମର୍ତ୍ତ୍ୟ ବୈକୁଣ୍ଠଧାମ ଇତ୍ୟାଦି।

ଆମ ପୁରାଣ ଆଧାରରେ କୁହାଯାଇପାରେ ଯେ ଶ୍ରୀକ୍ଷେତ୍ରଧାମ ବା ପୁରୁଷୋତ୍ତମଧାମ ବୈଦିକ ଯୁଗରୁ ଧାମ ବା କ୍ଷେତ୍ର ନାମରେ ବିଖ୍ୟାତ ଥିଲା। ବ୍ରହ୍ମାଙ୍କ ଦ୍ୱାରା ଦାରୁବ୍ରହ୍ମ ସ୍ଥାପନା ପରେ ଏହା ପୁରୁଷୋତ୍ତମ କ୍ଷେତ୍ର ବା ଧାମରେ ପରିଣତ ହୋଇଥିଲା। ସେବେଠୁ ପୁରୁଷୋତ୍ତମଧାମ କ୍ଷେତ୍ର ରାଜ ଅଟନ୍ତି। ଏହାପରେ ବାରମ୍ବାର ବିଧର୍ମୀ ଆକ୍ରମଣ ଓ ଲୁଣ୍ଠନର ଶିକାର ହୋଇଛି ଶ୍ରୀମନ୍ଦିର। ଯବନ ଆକ୍ରମଣ ଫଳରେ ୧୪୪ ବର୍ଷ ରତ୍ନସିଂହାସନ ଶୂନ୍ୟ ରହିଥିଲା। ଆଦି ଶଙ୍କରଙ୍କ ଆଗମନ ପରେ ପୁନର୍ବାର ୧୪୪ ବର୍ଷ ଅନ୍ତେ ନବକଳେବର କରାଯାଇ ଦାରୁବ୍ରହ୍ମ ସଂସ୍ଥାପିତ ହେଲେ। ସେ ପର୍ଯ୍ୟନ୍ତ ସୁବର୍ଣ୍ଣପୁରରେ ପାତାଳି ହୋଇଥିବା ଦାରୁ ମଧ୍ୟରୁ ବ୍ରହ୍ମ ପଦାର୍ଥଟି ଅକ୍ଷୁଣ୍ଣ ଅଣାଯାଇ ଆଦି ଶଙ୍କରଙ୍କ ଦ୍ୱାରା ନବ କଳେବର ହୋଇଥିଲ। ଅବଶ୍ୟ ବ୍ରହ୍ମପଦାର୍ଥଟି କ'ଣ ତାହା ଏବେ ବି ରହସ୍ୟାବୃତ। ମାତ୍ର ବ୍ରହ୍ମ ପଦାର୍ଥଟିକୁ ଆଦି ଶଙ୍କର ଜାଣିଥିଲେ ଓ ତଦନୁସାରେ ବ୍ୟବସ୍ଥା କରିଥିଲେ। ଭାରତର ଚାରିଦିଗରେ ଧାର୍ମିକ ବାତାବରଣ ବଜାୟ ଓ ସୁରକ୍ଷିତ ରଖିବା ଅଭିପ୍ରାୟରେ ଆଦି ଶଙ୍କର ୪ଟି ଧାମ ପ୍ରତିଷ୍ଠା କରିଥିଲେ। ସେଠାରେ ଶ୍ରେଷ୍ଠ ସନ୍ଥମାନଙ୍କୁ ନିଜ ପ୍ରତିନିଧି ଭାବେ ଅବସ୍ଥାପିତ କରାଇଥିଲେ। ଏଇ ଚାରିଧାମ ମାଧ୍ୟମରେ ଭାରତର ଧାର୍ମିକ ଗୌରବ ଅକ୍ଷୁଣ୍ଣ ରଖିବାର ଧାରା ଅନୁସୃତ ହୋଇ ଆସୁଅଛି। ଶିବାବତାର ଶଙ୍କର ପୁଣି ଚତୁଃଧାମ ମଧ୍ୟରେ ପୁରୁଷୋତ୍ତମକୁ ଶ୍ରେଷ୍ଠଧାମ ଭାବେ ବିବେଚନା କରିଯାଇଛନ୍ତି।

ପୁରୁଷୋତ୍ତମ ଶ୍ରୀକ୍ଷେତ୍ରର ଧର୍ମୀୟବାତାବରଣ ଓ ଧାମ ସୁରକ୍ଷା ପାଇଁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଗୋବର୍ଦ୍ଧନ ପୀଠ ରହିଛି। ଏହାର ପୀଠାଧୀଶ ମୂଳତଃ ମହାନ ସନ୍ଥ ନିଶ୍ଚଳାନନ୍ଦ ସରସ୍ୱତୀ।

ଧାମ କିଛି ସାଧାରଣ ଶବ୍ଦଟି ନୁହେଁ।
ଜଗନ୍ନାଥ ଧାମ ସେଇଟି, ଯେଉଁଠି
ଲୋକନାଥ ଶିବଯତ୍ର, ତୀର୍ଥରାଜ ମହୋଦଧି
ବିମଳା ଭୈରବୀ ଯତ୍ର, ଜଗନ୍ନାଥସ୍ତୁ ଭୈରବ।

ଅର୍ଥାତ୍ ଲୋକନାଥ, ବିମଳା ଓ ତୀର୍ଥରାଜ ମହୋଦଧି ଯଦି ଦିଘାରେ ଥିବେ ତେବେ ମହାଭୈରବ ଜଗନ୍ନାଥ ସେଠାରେ ଥିବେ। ତେଣୁ ଦିଘା ଧାମ ହେବାରେ ବାଧାନାହିଁ। ଏହା ନାହିଁ ଦୀଘା ଧାମ ହେବ କେମିତି ? କଙ୍କଣ ଲୋଭରେ ବାଘକୁ ପଙ୍କରୁ ଉଦ୍ଧାର କଲାପରେ ପଞ୍ଚତନ୍ତ୍ର କାହାଣୀରେ ବିଚରା ବ୍ରାହ୍ମଣଟି ବାଘର ଆହାର ହୋଇଥିଲା। ତେବେ ଏଠି କ'ଣ ହବ ? ଦାରୁ, ଦଇତା, ଦିଘାକୁ ନେଇ ତିଆରି ହୋଇଥିବା ଭୌଗୋଳିକ, ରାଜନୈତିକ, ଆଧ୍ୟାତ୍ମିକ, ମନସ୍ତାତ୍ତ୍ୱିକ, ଅର୍ଥନୈତିକ ତଥା ସାମାଜିକ ନାଟକଟି ସତରେ କିନ୍ତୁ ଏକ ଅନୁସନ୍ଧାନମୂଳକ ନାଟକ। ଉପସଂହାର ଦେଖିବାକୁ ବାକି ରହିଲା।

**ମହାସଚିବ, ଗୋବର୍ଦ୍ଧନ ପୀଠ, ପୁରୀ**
**ମୋ:୯୪୩୭୦୭୭୭୬୭**

## ଚିରନ୍ତନୀ

ମୋ ପ୍ରିୟ ଆସିଛି ଛାଡ଼ି ସିନ୍ଧୁ ସଇକତେ,
ଭ୍ରୁମୁଛି କାନନ ନଦୀ ପରାଣ ଉଷତେ,
ଆସିଅଛି ଛାଡ଼ି ଘର
ନିଜର କରୁଛି ପର
ନିତି ନୂଆ ଘର ମୋର ଏ ଜଗତ–ପଥେ !
–(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱତନ୍ତ୍ର 'କ' ଶ୍ରେଣୀ ରେଳଚାଳକ ଓ ପରିଚାଳକ ପଦବୀ ଆରମ୍ଭ କରାଯାଉ

ମହାଶୟ,

ଭଦ୍ରକ ରେଳଷ୍ଟେଶନ ବ୍ରିଟିଶ ସମୟରୁ ଏକ ପ୍ରମୁଖ ରେଳଷ୍ଟେଶନ ରୂପେ ପରିଗଣିତ ହୋଇଆସୁଛି। ପୂର୍ବରୁ ଏହା ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ଥିଲା ଏବେ ଏହା ପୂର୍ବ ଉତ୍ତର ରେଳ ଅଧୀନ। ଏହା ମଧ୍ୟ ଏହି ଦୁଇ ରେଳ ଜୋନ୍‌ର ସର୍ବଶ୍ରେଷ୍ଠ ପ୍ରମୁଖ ରେଳଷ୍ଟେଶନ ରୋଡ୍। ପୂର୍ବରୁ ଏଠାରେ ସ୍ୱତନ୍ତ୍ର 'କ' ଶ୍ରେଣୀର ରେଳଚାଳକ ପଦବୀ ରହିଥିଲା। ରାଜନୀତି କରାଯାଇ ଦୀର୍ଘବର୍ଷ ତଳୁ ଏହି ପଦବୀକୁ ଖୋର୍ଦ୍ଧା ରୋଡ୍‌କୁ ଉଠାଇ ନିଆଗଲା। ବର୍ତ୍ତମାନ ରେଳଗାଡ଼ି ସଂଖ୍ୟା ଯଥେଷ୍ଟ ବଢ଼ିଛି, ଆଗକୁ ମଧ୍ୟ ବଢ଼ି ବଢ଼ି ଚାଲିବ। ଏପରି ସ୍ଥଳେ ଭଦ୍ରକ ଷ୍ଟେଶନରେ ସ୍ୱତନ୍ତ୍ର 'କ' ଶ୍ରେଣୀ ରେଳ ଚାଳକ ଓ ପରିଚାଳକ ପଦବୀ ଆରମ୍ଭ କରାଯାଉ । କେନ୍ଦ୍ର ରେଳମନ୍ତ୍ରୀ ତୁରନ୍ତ ଏହା ଉପରେ ବିଚାର କରିବେ ବୋଲି ଆଶା।

**–ବୀରଭଦ୍ର ନାୟକ, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କ୍ରୋମାଇଟ ଡିପୋରେ ଖଣି ବିଭାଗର ଚଢ଼ାଉ

ଭଣ୍ଡାରିପୋଖରୀ,୧୦।୭(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର କହରାପୋଖରୀ ପେଟ୍ରୋଲ ପମ୍ପ ପାର୍ଶ୍ୱରେ ଥିବା ବିହାର ରାଜ୍ୟର କୁଲବଂଶ ସିଂଙ୍କ କ୍ରୋମାଇଟ ଡିପୋରେ ଗୁରୁବାର ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ବାରିପଦା ଉପନିର୍ଦ୍ଦେଶକ କାର୍ଯ୍ୟାଳୟର ଖଣି ଅଧିକାରୀ ଦିଲୀପ କୁମାର ମାହାନାଙ୍କ ନେତୃତ୍ୱରେ ଖଣି ବିଭାଗର କର୍ମଚାରୀମାନେ ଚଢ଼ାଉ କରିଥିଲେ। ସ୍ଥାନୀୟ ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବାବେଳେ ଥାନାଧିକାରୀ କମଳାକାନ୍ତ ଦାସ ଓ ଏଏସ୍ଆଇ ସୁଦର୍ଶନ ସେନଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ସକାଳୁ ଆରମ୍ଭ ହୋଇଥିବା ଏହି ଚଢ଼ାଉ ସନ୍ଧ୍ୟା ପର୍ଯ୍ୟନ୍ତ ଜାରି ରହିଥିଲା। ଏହି ଡିପୋରୁ ଜବତ କ୍ରୋମାଇଟ ଗୁଣ୍ଡକୁ ଟ୍ରକ୍ ଯୋଗେ ତହସିଲ କାର୍ଯ୍ୟାଳୟ ପରିସରକୁ ସ୍ଥାନାନ୍ତର କରାଯାଉଛି। ପ୍ରକ୍ରିୟା ଶେଷ ହେବା ପରେ ଏହାର ପରିମାଣ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସୂଚନା ଦିଆଯିବ ବୋଲି ଖଣି ଅଧିକାରୀ କହିଥିଲେ।

### ବୈତରଣୀରେ ଭାସୁଛି ମୃତ କୁମ୍ଭୀର



ଚାନ୍ଦବାଲି,୧୦।୭(କିଷାନ ପାତ୍ର)

ଚାନ୍ଦବାଲି ବନଖଣ୍ଡ ଅଧୀନ ବୈତରଣୀ ନଦୀରେ ଅରଣ୍ୟ ନିବାସ ନିକଟରେ ଗୁରୁବାର ଅପରାହ୍ନ ୧ଟା ବେଳେ ଏକ ବିରାଟ ମୃତ କୁମ୍ଭୀର ଭାସୁଥିବା ଦେଖିବାକୁ ମିଳିଛି। କୁମ୍ଭୀରର ଗୋଡ଼ ୪ଟି ଉପରକୁ ଥିବାବେଳେ ଲମ୍ବ ୧୦ଫୁଟ୍‌ରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଏହି ନଦୀରେ ଅନେକ କୁମ୍ଭୀର ଚଳପ୍ରଚଳ କରୁଥିବା ବେଳେ ଏହି କୁମ୍ଭୀରର ମୃତ୍ୟୁ ନେଇ ସ୍ପଷ୍ଟ ହୋଇନାହିଁ। ସରକାରୀ ରିପୋର୍ଟ ଅନୁସାରେ ବୈତରଣୀରେ ପ୍ରାୟ ୧୨ରୁ ଊର୍ଦ୍ଧ୍ୱ କୁମ୍ଭୀର ଅଛନ୍ତି। ଭଦ୍ରକ ଡିଏଫ୍‌ଓ ସୌଭାଗ୍ୟ କୁମାର ସାହୁ କହିଛନ୍ତି, ଏ ବିଷୟରେ ଚାନ୍ଦବାଲି ରେଞ୍ଜରଙ୍କୁ କୁହାଯାଇଛି। ମୃତ କୁମ୍ଭୀରକୁ ନଦୀରୁ ବାହାର କରାଯାଇ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ।

# ଶିକ୍ଷକ ବଦଳିକୁ ନେଇ ତେଜିଲା ଅସନ୍ତୋଷ

## ସ୍କୁଲରେ ତାଲା ପକାଇ ପ୍ରତିବାଦ



ଉତ୍ତରବାଡ଼(ଦ) ପ୍ରାଥମିକ ବିଦ୍ୟାଳୟ ଆଗରେ ଧାରଣାରତ ଛାତ୍ରୀଛାତ୍ର ଓ ଅଭିଭାବକ।

ଭଣ୍ଡାରିପୋଖରୀ,୧୦।୭(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକରେ ମଙ୍ଗଳବାର ୨୪ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବଦଳି କରାଯାଇଛି। ଏହି ବଦଳିକୁ ନେଇ ଛାତ୍ର ଓ ଅଭିଭାବକଙ୍କ ଅସନ୍ତୋଷ ତେଜିବାରେ ଲାଗିଛି। ଏଥିପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ ମନମୁଖି କାର୍ଯ୍ୟକଳାପକୁ ଦାୟୀ କରାଯାଇଛି। ଭାଜପା ଯୁବନେତା ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ ସାମାଜିକ ଗଣମାଧ୍ୟମରେ ଏହି ବଦଳି ନେଇ ପ୍ରଶ୍ନ ଉଠାଇଛନ୍ତି। ଜଣେ ମାତ୍ର ଶିକ୍ଷକ ଥିବା ୧୧ଟି ବିଦ୍ୟାଳୟ ପାଇଁ ୧୧ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଛି। ସେହିପରି ଛାତ୍ର, ଶିକ୍ଷକ ଅନୁପାତରେ ଅଧିକ ଶିକ୍ଷକ ଥିବା ବିଦ୍ୟାଳୟରୁ୧୩ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବଦଳି କରାଯାଇଥିବା ବିଇଓ ଅଧିର ରଞ୍ଜନ ତରାଇ କହିଛନ୍ତି। ହେଲେ ଏହା ବାସ୍ତବ ନୁହେଁ ବୋଲି ଜଣାଯାଇଛି। ମନ୍ଦ ଉଦ୍ଦେଶ୍ୟ ରଖି ବଦଳିରେ ବହୁ ହେରାଫେରି କରାଯାଇଥିବା ଅଭିଯୋଗ ହେଉଛି। ଏହି ବଦଳିକୁ ନେଇ ଷୋଳମପୁର ଓ ଉତ୍ତରବାଡ଼(ଦ) ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇ ଅଭିଭାବକ, ଛାତ୍ରୀଛାତ୍ର ପ୍ରତିବାଦ କରିଛନ୍ତି।

ଷୋଳମପୁର ପ୍ରାଥମିକ ବିଦ୍ୟାଳୟରେ ୭୫ ଛାତ୍ରୀଛାତ୍ରଙ୍କ ଅନୁପାତରେ ଠିକ୍ ୩ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଥିଲେ। ସରକାରୀ ଅନୁପାତ ଅନୁଯାୟୀ ଏହି ସ୍କୁଲରୁ କେହି ବଦଳି ହେବା କଥା ନୁହେଁ। ହେଲେ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଛି। ଏହାର ପ୍ରତିବାଦରେ ଅଭିଭାବକମାନେ ବୁଧବାର ବିଦ୍ୟାଳୟରେ ତାଲା ପକାଇବା ସହ ଧାରଣା ଦେଇଥିଲେ। ବିଇଓ ସେଠାକୁ ଯାଇ ତ୍ରୁଟି ସ୍ୱୀକାର କରିବା ସହ ଆଉ ଜଣେ ଶିକ୍ଷକ ୩ଦିନ ମଧ୍ୟରେ ଡେପୁଟେଶନରେ ଆସିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ଉତ୍ତରବାଡ଼(ଦ) ପ୍ରାଥମିକ ବିଦ୍ୟାଳୟର ଜଣେ ଦକ୍ଷ ଶିକ୍ଷୟିତ୍ରୀଙ୍କୁ ବଦଳି ପ୍ରତିବାଦରେ ତାଲା ପକାଇ ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣା ଦେଇଥିଲେ। ବିଇଓ ସେଠାକୁ ଯାଇ ନ ଥିବା ବେଳେ ଶିକ୍ଷା ସଂଯୋଜକ କ୍ଷୀରୋଦ କୁମାର ଜେନା ଏହାର ପ୍ରତିକାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍କୁଲରୁ ତାଲା ଖୋଲାଯାଇଥିଲା। ଏ ସମ୍ପର୍କରେ ବିଇଓ ତରାଇଙ୍କୁ ପଚାରିବାରୁ ସମସ୍ତ ବିଷୟରେ ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଇଥିବା କହିଛନ୍ତି।

## ଶିକ୍ଷକ ଅଭାବ, ବିଦ୍ୟାଳୟ ଆଗରେ ଧାରଣା



ବିଦ୍ୟାଳୟ ସାମ୍ନାରେ ଅଭିଭାବକ ଓ ଗ୍ରାମବାସୀ ଧାରଣାରେ ବସିଛନ୍ତି।

ବାସୁଦେବପୁର,୧୦।୭ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧୀନ ଇରମ ପଞ୍ଚାୟତସ୍ଥିତ ଶହୀଦ ସ୍ମୃତି ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ। ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ଆବଶ୍ୟକ ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଆସୁଥିଲା। ୧୯୫୬ରେ ସ୍ଥାପିତ ଏହି ପୁରାତନ ଶିକ୍ଷାନୁଷ୍ଠାନକୁ ତୁରନ୍ତ ଆବଶ୍ୟକ ଶିକ୍ଷକ ଯୋଗାଇଦେବା ଦାବିରେ ଅଭିଭାବକଙ୍କ ସମେତ ଗ୍ରାମବାସୀ ଗୁରୁବାର ପୂର୍ବାହ୍ନ ୧୦ଟାରୁ ବିଦ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଖବର ପାଇ ଏବିଇଓ ତପନ ଦ୍ୱିବେଦୀ, ସିଆର୍‌ସିସି ଲକ୍ଷ୍ମୀ ବେହେରା ବିଦ୍ୟାଳୟରେ ପହଞ୍ଚି ଗ୍ରାମବାସୀ, ଅଭିଭାବକ ଓ ପ୍ରଧାନଶିକ୍ଷକ ଅଶୋକ ମଲିକଙ୍କ ସହ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ଗୁରୁତ୍ୱର ସହ ନେଇ ଶିକ୍ଷା ବିଭାଗ ୨ ଶିକ୍ଷକଙ୍କୁ ଏହି ବିଦ୍ୟାଳୟକୁ ତୁରନ୍ତ ଯୋଗାଇଦେବା ପରେ ଅପରାହ୍ନ ୧ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ବିଦ୍ୟାଳୟରେ ୪୬୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଶିକ୍ଷାଦାନ ପାଇଁ ମାତ୍ର ୬ଜଣ ଶିକ୍ଷକ ଥିଲେ। ଆଉ ୨ଜଣ ଶିକ୍ଷକ ଏହି ବିଦ୍ୟାଳୟକୁ ଯୋଗାଇ ଦିଆଯାଇଥିବାରୁ ଅଞ୍ଚଳବାସୀ ଓ ଛାତ୍ରୀଛାତ୍ର ଖୁସିବ୍ୟକ୍ତ କରିଛନ୍ତି।

# ୨ କି.ମି. କାଦୁଅ ରାସ୍ତାରେ ଚାଲିଲେ ବରକନ୍ୟା

ଚାନ୍ଦବାଲି,୧୦।୭(କିଷାନ ପାତ୍ର)

ବିଲ ଭଳି ଗାଁ ରାସ୍ତା କାଦୁଅ ପଚ ପଚ। ବର୍ଷାଋତୁରେ ଗାଁକୁ ଗାଡ଼ି ମୋଟର ତ ଦୂରର କଥା, ଚାଲି ଚାଲି ଯିବା କଷ୍ଟକର। ଆଣ୍ଠୁଏ କାଦୁଅରେ ଯାତାୟାତ ପାଇଁ ଗାଁ ଲୋକେ ହଇରାଣ ହେଉଛନ୍ତି। ଗାଁକୁ ଭଲ ରାସ୍ତା ନ ଥିବାରୁ ଏକ ବାହାଘରରେ ବରଙ୍କୁ କାନ୍ଧରେ ବୋହି ନେବାକୁ ପଡ଼ିଛି। ବିବାହ ସରିବା ପରେ ଉଭୟ ବରକନ୍ୟା ମଧ୍ୟ ସେହି କାଦୁଅ ରାସ୍ତାରେ ୨ କି.ମି. ଚାଲିଛନ୍ତି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଚରଦିଆ ପଞ୍ଚାୟତର ଧ୍ରୁବପଲ୍ଲୀପୁର ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଘଟଣାଟି ଗତ ସୋମବାରର ହୋଇଥିବା ବେଳେ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ସୂଚନା ଅନୁଯାୟୀ, ଏହି ଗ୍ରାମର ଶତ୍ରୁଘ୍ନ ମଣ୍ଡଳ ନାମକ ଜଣେ ଯୁବକ ବାହା ହେବା ପାଇଁ ଚାନ୍ଦବାଲିସ୍ଥିତ ଶ୍ରୀକୃଷ୍ଣ ମନ୍ଦିରକୁ ଆସିଥିଲେ। ହେଲେ ରାସ୍ତା କାଦୁଅ ଓ ଅଣଓସାରିଆ ଥିବାରୁ ଗାଁକୁ ଗାଡ଼ି ଆସିପାରି ନ ଥିଲା। ବାଧହୋଇ ବରଯାତ୍ରୀଙ୍କ କାନ୍ଧରେ ବର ବସି ଗାଡ଼ି ପର୍ଯ୍ୟନ୍ତ ଯିବାକୁ ପଡ଼ିଥିଲା। ପୁଣି ବାହାଘର ପରେ ସେହି କାଦୁଅ ରାସ୍ତାରେ କନିଆଙ୍କୁ ଧରି ବରଯାତ୍ରୀଙ୍କ ସହ ୨ କିଲୋମିଟର ଚାଲି ଚାଲି ଘରକୁ ଫେରିଥିଲେ। ଗାଁକୁ ଭଲ ରାସ୍ତା ନ ଥିବାରୁ ଏଭଳି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ସରକାରୀ ଜାଗା ନ ଥିବାରୁ ଏହି ଗାଁକୁ ରାସ୍ତା ହୋଇପାରୁ ନାହିଁ ବୋଲି ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ ମାଝୀ କହିଛନ୍ତି।



ଚରଦିଆ ପଞ୍ଚାୟତର ଧ୍ରୁବପଲ୍ଲୀପୁର ଗ୍ରାମରେ କାଦୁଅ ରାସ୍ତାରେ ଯାଉଛନ୍ତି ବରକନ୍ୟା।

## ବିଦ୍ୟୁତ୍ ଆଘାତରେ ନାବାଳକଙ୍କ ଜୀବନ ଗଲା

ତିହିଡ଼ି,୧୦।୭(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ଅଚକ ପଞ୍ଚାୟତ ଉତ୍ତରବାହା ଗ୍ରାମର ଜଣେ ନାବାଳକଙ୍କ ବୁଧବାର ରାତି ୯ଟା ବେଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ସୁବାସ ସ୍ୱାଇଁଙ୍କ ପୁଅ ତାପସ(୧୭)। ସୂଚନା ଅନୁଯାୟୀ, ତାପସ ତାଙ୍କ ବଡ଼ଭାଇଙ୍କ ସହ ପାଲିଆବିନ୍ଧା ଗ୍ରାମରେ ଏକ ଚତୁର୍ଥୀ ଭୋଜି ପାଇଁ ଟେଣ୍ଟ କାମ କରିବାକୁ ଯାଇଥିଲେ। କାମ ସାରି ଫେରିବା ବେଳେ ବାଟରେ ପଡ଼ିଥିବା ଏକ ଛିଣ୍ଡା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ଗୁରୁବାର ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ବ୍ୟାଙ୍କ ସହକାରୀ କର୍ମଚାରୀଙ୍କୁ ସମ୍ପାଦକ ଦାୟିତ୍ୱ

### ଚାଇଁପୁର ସମବାୟ ସମିତିରେ ତାଲା ଝୁଲିବା ଘଟଣା

■ଖବର ପ୍ରକାଶ ପରେ ତତ୍ପରତା

ବନ୍ତ,୧୦।୭(ହରିନାରାୟଣ ମହାନ୍ତି)

ବନ୍ତ ସଦର ମହକୁମାସ୍ଥିତ ଚାଇଁପୁର ସେବା ସମବାୟ ସମିତିରେ ୩ ମାସ ଧରି ତାଲା ଝୁଲୁଛି। ଏନେଇ ଗତ ମଙ୍ଗଳବାର 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଯାଇଛି। ବୁଧବାର ବାଲେଶ୍ୱରସ୍ଥିତ ବିବିସିସି ବ୍ୟାଙ୍କ ମୁଖ୍ୟାଳୟର ସିଇଓ(ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ)ଙ୍କ ଚିଠି ନଂ.୨୮୨୮ ଅନୁଯାୟୀ ବନ୍ତସ୍ଥିତ ବିବିସିସି ବ୍ୟାଙ୍କ ଶାଖାର ସହକାରୀ କର୍ମଚାରୀ ରଞ୍ଜନ କୁମାର ରାଉତଙ୍କୁ ଚାଇଁପୁର ସମିତିର ସମ୍ପାଦକ ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଏହି ସମିତିର ସିଧାସଳଖ ସମ୍ପାଦକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇପାରିବ ଏବଂ ସମିତିର ଆବଶ୍ୟକତା ପୂରଣ କରାଯାଇପାରିବ। ଏହି ଦାୟିତ୍ୱ ତା–୩୧।୧୦।୨୦୨୫ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଭଦ୍ରକ ଏଆର୍‌ସିଏସ୍‌ଙ୍କ ଚିଠି ନଂ.୧୩୮୪, ୧୦।୭।୨୦୨୫ ଅନୁଯାୟୀ ବ୍ୟାଙ୍କ ସହକାରୀ କର୍ମଚାରୀ ରାଉତଙ୍କୁ ଏହି ସମିତିର ସମ୍ପାଦକ ଦାୟିତ୍ୱ ହସ୍ତାନ୍ତର ପାଇଁ ପୂର୍ବରୁ ନିଲମ୍ବିତ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରକାଶ ଯେ, ଉକ୍ତ ସମିତିକୁ କାର୍ଯ୍ୟକ୍ଷମ କରିବା ପାଇଁ ଗତ ମେ ୨୩ରେ ଜିଲାପାଳଙ୍କ ଚିଠି ନଂ. ୧୦୫୩ ଅନୁଯାୟୀ ବ୍ୟାଙ୍କର ସହକାରୀ କର୍ମଚାରୀ ରାଉତଙ୍କୁ ଏହି ସମିତିର ଅତିରିକ୍ତ ଦାୟିତ୍ୱ ପ୍ରଦାନ ନେଇ ନିର୍ଦ୍ଦେଶ ହୋଇଥିଲା। କୌଣସି କାରଣରୁ ସେ ସେତେବେଳେ ଦାୟିତ୍ୱ ନେଇପାରି ନ ଥିଲେ। ପରେ ଜୁନ୍ ୯ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି ନଂ.୧୧୫୩ ଅନୁଯାୟୀ ପଧାନପଡ଼ା ସମିତିର ସମ୍ପାଦକଙ୍କୁ ଏହି ସମିତିର ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ହୋଇଥିଲା। ଅନୁରୂପ ଭାବେ ସେ ମଧ୍ୟ କୌଣସି କାରଣରୁ ଦାୟିତ୍ୱ ନେଇପାରି ନ ଥିଲେ। ପୁନଶ୍ଚ ବ୍ୟାଙ୍କର ସହକାରୀ କର୍ମଚାରୀ ରାଉତଙ୍କୁ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ହୋଇଛି।

## ଭୂମିକନ୍ୟା ପକ୍ଷରୁ ଗୁରୁପୂର୍ଣ୍ଣିମା ପାଳିତ

ଭଦ୍ରକ, ୧୦।୭ (ରବିନାରାୟଣ ଖିଲାର)

ଭଦ୍ରକର ଭୂମିକନ୍ୟା ମହିଳା ସଙ୍ଗଠନ ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୧ଟା ବେଳେ ଗୁରୁପୂର୍ଣ୍ଣିମା ପାଳନ ସହ ସଙ୍ଗଠନର ପ୍ରଥମ ବାର୍ଷିକୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସଂଯୁକ୍ତା ବଳ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ତଥା ଖବରଦାତା ପ୍ରଦୀପ କୁମାର ବଳ, ସମ୍ପାଦିକା ଦମୟନ୍ତୀ ରାଉତ, ଉପସଭାପତି ଶଶିକଳା ମିଶ୍ର, ମମତା ବଳ, ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବ, ଶାନ୍ତିଲତା ବାରିକ ପ୍ରମୁଖ ଯୋଗଦେଇ ଗୁରୁପୂର୍ଣ୍ଣିମା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିସହ ବାର୍ଷିକ ଉତ୍ସବ ପାଳନ ନେଇ ମତାମତ ଦେଇଥିଲେ। ଆସନ୍ତା ଅଗଷ୍ଟ ୩ରେ ସଙ୍ଗଠନର ବାର୍ଷିକ ଉତ୍ସବ ପାଳନ ହେବ। ଏହି ଉତ୍ସବରେ ସମାଜରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଭିନ୍ନ ନୃତ୍ୟ ଅନୁଷ୍ଠାନ ପିଲାମାନଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇ ସମସ୍ତଙ୍କୁ ପୁରସ୍କୃତ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ଭଦ୍ରକର ବରିଷ୍ଠ ଆଇନଜୀବୀ ଅଞ୍ଜୁବାଳା ରାଉତଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଇନଜୀବୀ ରାଉତ ସଙ୍ଗଠନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବଧୂତ ଆଶ୍ରମରେ ଗୁରୁପୂଜନ

ଧାମନଗର,୧୦।୭ (ଦେବେନ୍ଦ୍ର ଆନ୍ଦିଆ)

ଗୁରୁପୂର୍ଣ୍ଣିମା ଅବସରରେ ଗୁରୁବାର ଧାମନଗର ବ୍ଲକ ଭାଜପା ମୁକୁନ୍ଦଦେବ ମଣ୍ଡଳ ପକ୍ଷରୁ ଦେହୁଡ଼ି ଆନନ୍ଦପୁରଠାରେ ଥିବା ବ୍ରହ୍ମ ଅବଧୂତ ଆଶ୍ରମରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁ ନାରାୟଣ ଚନ୍ଦ୍ର ଦାଶଙ୍କୁ ପୂଜା କରାଯାଇଥିଲା। ସେ ଗୁରୁପୂର୍ଣ୍ଣିମାର ପୌରାଣିକ ମହତ୍ୱ ବିଷୟରେ ଅବଗତ କରାଇଥିଲେ। ମଣ୍ଡଳ ସଭାପତି ପ୍ରମୋଦ କୁମାର ସୂତାର ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ଭାଜପା ନେତା ରମେଶ ଚନ୍ଦ୍ର ପତି, ବିଜୟ ଶଙ୍କର ନାୟକ, ସୁବ୍ରତ ସାମଲ, ବୃନ୍ଦାବନ ମହାନ୍ତି, କୁଳମଣି ଶତପଥୀ, ବିଶ୍ୱନାଥ ଦାସ, ନାରାୟଣ ବେହେରା, ଗଜେନ୍ଦ୍ର ମାଝୀ, ଲକ୍ଷ୍ମୀଧର ପାଣିଗ୍ରାହୀ, ଶ୍ରୀକାନ୍ତ ଯେନା ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଆଗରପଡ଼ା,୧୦।୭(ସୁଶାନ୍ତ ଦାଶ)

ଆଗରପଡ଼ା ଶିକ୍ଷା ସର୍କଲ ଓ ନରାଜପୁର କ୍ଲଷ୍ଟର ଅଧୀନ ଟିଙ୍କିରା ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ସୁମତୀ ମାଝୀଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାକୁ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ବରେଣ୍ୟ ଅତିଥି ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ମୁଖ୍ୟବକ୍ତା ନାରାୟଣ ଚନ୍ଦ୍ର ଲେଙ୍କା ଏବଂ ଅନ୍ୟତମ ଅତିଥି ଭାବେ ବିନୋଦିନୀ ମହାନ୍ତି ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଖଗେଶ୍ୱର ପଣ୍ଡା, ରଘୁନାଥ ରାଉତ, ସିଆର୍‌ସିସି ପ୍ରଦୀପ ପଲେଇ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମିନତି ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଚାରିଗାଁ ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟର ଶିକ୍ଷକ ପଞ୍ଚାନନ ପୃଷ୍ଟି ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଅମରେନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଗଦାଧର ଯେନା ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ପାର୍ବତୀ ସେଠୀ, ରଶ୍ମିତା ରଣା, ରୁକସାନା ଖାତୁନ, ଉର୍ମିଳା ପାଣିଗ୍ରାହୀଙ୍କ ସମେତ ବିଦ୍ୟାଳୟ କମିଟି ସଭାପତି ଗଜେନ୍ଦ୍ର ମଲିକ, ସଭ୍ୟ ସୁକାନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ

ବାସୁଦେବପୁର,୧୦।୭ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)



ଦୈତାରୀ ବେହେରା

ବାସୁଦେବପୁର ପୌରାଞ୍ଚଳ ଅଧୀନ ମଦାରୀ ପ୍ରବୋଧପୁର ଗ୍ରାମର ସାମାଜିକ କର୍ମୀ ତଥା ଶିଳ୍ପପତି ଦୈତାରୀ ବେହେରା(୮୨)ଙ୍କ ବୁଧବାର ରାତି ୨ଟା ବେଳେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ପୌରାଧ୍ୟକ୍ଷା ନିବେଦିତା ବେହେରାଙ୍କ ଶ୍ୱଶୁର ଓ ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରାଙ୍କ ବାପା। ସେ ସ୍ଥାୟୀ ଭାବେ ବାସୁଦେବପୁର ସହର ବାଲିକଲୋନୀରେ ରହିଆସୁଥିଲେ। ବୟସାଧିକ କାରଣରୁ ସେ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ବାସୁଦେବପୁରରେ ତାଙ୍କ ନିଜସ୍ୱ ନର୍ସିଂହୋମରେ ଚିକିତ୍ସାଧୀନ ଥିଲେ। ତାଙ୍କ ମରଶରୀରକୁ ବାଲିକଲୋନୀରୁ ବଜାର ପରିକ୍ରମା କରି ତାଙ୍କ ନିଜ ଗ୍ରାମରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ମୁକ୍ତିକାନ୍ତ ମଣ୍ଡଳ, ବରିଷ୍ଠ ଭାଜପା ନେତା ମାଧବାନନ୍ଦ ମଲ୍ଲିକ, ପୂର୍ବତନ କାଉନସିଲର ସୁରେଶ ଚନ୍ଦ୍ର ମହାନ୍ତି, କଂଗ୍ରେସ ନେତା ବିଜୟ ମହାନ୍ତି, ଗଙ୍ଗାଧର ବାରିକ୍, ସୂର୍ଯ୍ୟକାନ୍ତ ମଲ୍ଲିକ, କାଉନସିଲର କାର୍ତ୍ତିକ ଖିଲାର, ଚନ୍ଦ୍ରକାନ୍ତ ଦାସ, ବିଜେଡି ବ୍ଲକ ସଭାପତି ଦୀନବନ୍ଧୁ ଦାସ, ଶ୍ୟାମସୁନ୍ଦର ମହାନ୍ତି, ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ ପ୍ରମୁଖ ଶେଷଦର୍ଶନ କରିଥିଲେ।

# ଚାଲୁନି ବସ୍, ଶୋଷଣର ଶିକାର ଯାତ୍ରୀ



ଭଦ୍ରକ,୧୦।୭(ସନାତନ ରାଉତ)

ଡ୍ରାଇଭର ମହାସଂଘ ପକ୍ଷରୁ ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଗୁରୁବାର ୩ୟ ଦିନରେ ପହଞ୍ଚିଛି। ଭଦ୍ରକ ଜିଲାରେ ପ୍ରାୟ ୮ ହଜାର ଡ୍ରାଇଭର ଷ୍ଟିଅରିଂ ଛାଡ଼ି ନିଜ ନିଜ ବ୍ଲକ୍‌ରେ ଆନ୍ଦୋଳନରେ ବସିଛନ୍ତି। ଫଳରେ ଘରୋଇ ବସ୍ ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀମାନେ ଶୋଷଣର ଶିକାର ହେଉଛନ୍ତି।

ଭଦ୍ରକ ଜିଲାକୁ କେନ୍ଦୁଝର, ଭୁବନେଶ୍ୱର, ବାଲେଶ୍ୱର ସଂଯୋଗ କରୁଥିବା ବେଳେ ଜିଲାର ବନ୍ତ, ଆଗରପଡ଼ା, ଧାମନଗର, ଚାନ୍ଦବାଲି, ଭଣ୍ଡାରିପୋଖରୀ ଆଦି ପ୍ରମୁଖ ସ୍ଥାନକୁ ଭଦ୍ରକ ବନ୍ତଛକରୁ ପ୍ରତ୍ୟେହ ବସ୍ ଚଳାଚଳ କରିଥାଏ। ଏବେ ବସ୍ ଚଳାଚଳ ବନ୍ଦ ରହିଥିବାରୁ ବନ୍ତଛକରେ ଯାତ୍ରୀମାନେ ଦୀର୍ଘ ସମୟ ଧରି ନିଜ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ଅପେକ୍ଷା କରୁଛନ୍ତି। ଶେଷରେ ନିରାଶ ହୋଇ ସେମାନେ ଅଟୋ, କାର୍ ଭଡ଼ା କରି ଯିବାକୁ ବାଧ ହେଉଛନ୍ତି। ଭଦ୍ରକ ବନ୍ତଛକ ନିକଟସ୍ଥ ମାଛ ମାର୍କେଟ୍ ନିକଟରେ୧୬ନଂ. ଜାତୀୟ ରାଜପଥରେ ଭଦ୍ରକ ବ୍ଲକର ଡ୍ରାଇଭରମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଭଦ୍ରକ ବ୍ଲକରେ ପ୍ରାୟ ୧୩୦୦ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ରାଜ୍ୟ ସଂଘର ନିଷ୍ପତ୍ତି ଅନୁସାରେ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର ଜିଲା ସଭାପତି ଦିଲୀପ କୁମାର ସାହୁ କହିଛନ୍ତି।

### ଡ୍ରାଇଭରଙ୍କ ଆନ୍ଦୋଳନ ଜାରି

# ସାଳନ୍ଦୀ, ବୈତରଣୀ ପାର୍ଶ୍ୱରେ ଲାଗିବ ୨୦ ହଜାର ଚାରା

### ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ



ସମୀକ୍ଷା ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅଧିକାରୀମାନେ।

ଭଦ୍ରକ,୧୦।୭(ସନାତନ ରାଉତ)

ସାଳନ୍ଦୀ ଓ ବୈତରଣୀ ନଦୀ ପାର୍ଶ୍ୱରେ ୨୦ ହଜାର ଚାରା ଲାଗିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସେ ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସାଳନ୍ଦୀ ଓ ବୈତରଣୀ ନଦୀ ପାର୍ଶ୍ୱରେ ନୂତନ ବନୀକରଣ ପାଇଁ ବର୍ଷାଋତୁ ପ୍ରକୃତ ସମୟ। ବିଭିନ୍ନ ଏନ୍‌ଜିଓକୁ ନେଇ ଦୁଇ ନଦୀ ପାର୍ଶ୍ୱରେ ୨୦ ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯିବା ନେଇ ମନ୍ତ୍ରୀ ଆଲୋଚନା କରିବା ସହ ଏହାଦ୍ୱାରା ଗ୍ରୀନ୍ ଭଦ୍ରକ ମିଶନ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କହିଥିଲେ। ଏଥିସହ ମନ୍ତ୍ରୀ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈତରଣୀର କୋଚିଲାଠାରେ ଘେରିବନ୍ଧର ସର୍ଭେ, ବୈତରଣୀ ନଦୀକୁ ସାଳନ୍ଦୀ ସହ ସଂଯୋଗୀକରଣ, ତିହିଡ଼ି, ଧାମନଗର ରାସ୍ତାର ଉନ୍ନତୀକରଣ, ବରପୁତ୍ର ଐତିହ୍ୟ ଗ୍ରାମର ଉନ୍ନତୀକରଣ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ତିହିଡ଼ିର ମଙ୍ଗରାଜପୁରଠାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସ୍ଥାପନ ପାଇଁ ସ୍ଥାନ ନିରୂପଣ କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ। କ୍ରୀଡ଼ା ବିଭାଗର ସ୍ୱତନ୍ତ୍ର ଅଧିକାରୀ ରମେଶ କୁମାର ମହାନ୍ତି ଭଦ୍ରକ ନେହେରୁ ଷ୍ଟାଡିୟମ୍‌ର ଅଗ୍ରଗତି, ଜିଲାର ବିଭିନ୍ନ ଇନ୍‌ଡୋର ଷ୍ଟାଡିୟମ୍ କାର୍ଯ୍ୟକ୍ଷମ, ବ୍ଲକସ୍ତରୀୟ ଷ୍ଟାଡିୟମ୍ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିବା ପରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ଜିଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ସରୋଜ ଦତ୍ତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ କୁମାର ରାୟ, ବିଡିଓ ନିରଞ୍ଜନ ବାରିକ, ବନବିହାରୀ ଦିଣ୍ଡାଙ୍କ ସହ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଯୋଗ ଦେଇଥିଲେ।

## ସଂକ୍ଷେପରେ

### ମେସ୍‌ରେ ଛାତ୍ରୀଙ୍କ ଆତ୍ମହତ୍ୟା
#### ରୁମ୍‌ରୁ ମାନସିକ ରୋଗର ଔଷଧ ମିଳିଛି

କେନ୍ଦୁଝର,୧୦।୭(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସହରର ବ୍ରାହ୍ମଣୀଗାଁସ୍ଥିତ ରୂପେଶ ମେସ୍‌ରେ ରହୁଥିବା ଜଣେ ଛାତ୍ରୀ ଗୁରୁବାର ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀ ଜଣଙ୍କ ଯୋଡ଼ା ବ୍ଲକ୍ କିତାବେଡ଼ା ଗ୍ରାମର ଝରଣା ପଲେଇ(୨୦)। ସେ ଧରଣୀଧର ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ମାନସିକ ଚାପରେ ଥିବା ନେଇ ତାଙ୍କ ରୁମ୍‌ରୁ ମିଳିଥିବା ମେଡିସିନରୁ ଅନୁମାନ କରାଯାଉଛି। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ପ୍ରକାଶ ଯେ, ଝରଣା ଧରଣୀଧର ବିଶ୍ୱବିଦ୍ୟାଳୟରେ ପରିସରରେ ପିପିପି ମୋଡ୍‌ରେ ଚାଲିଥିବା ସେଲ୍ଫ ଫାଇନାନ୍ସ କୋର୍ସରେ ବିବିଏ ଦ୍ୱିତୀୟ ବର୍ଷ ପାଠ ପଢୁଥିଲେ। ବିଶ୍ୱବିଦ୍ୟାଳୟ ନିକଟ ରୂପେଶ ମେସ୍‌ରେ ରହୁଥିଲେ। ସକାଳେ ଘର୍ ସିଡ଼ି ରେଲିଂରେ ବେକରେ ଓଢ଼ଣୀ ଲଗାଇ ଝୁଲିପଡ଼ିଥିଲେ। ପୋଲିସ ଖବର ପଇ ପହଞ୍ଚି ମୃତଦେହ ଜବତ କରିଥିଲା। ପରିବାର ଲୋକେ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି। ଏ ନେଇ ଏକ ମାମଲା(ନଂ.୭୧/୨୦୨୫) ରୁଜୁହୋଇଛି। ସେ କେଉଁ ଚାପରେ ଥିଲେ ଏବଂ କାହିଁକି ଜୀବନ ହାରିଲେ ତାହାର ତଦନ୍ତ ଜାରିରହିଛି।

### ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶ

କେନ୍ଦୁଝର,୧୦।୭(ଦୀପକ ମିଶ୍ର): କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରୀକ୍ଷା-୨୦୨୫ର ଫଳ ଗୁରୁବାର ପ୍ରକାଶିତ ହୋଇଛି। କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଥିଲା। ବିଭିନ୍ନ ବିଭାଗରେ ମୋଟ ୩୫୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସଫଳତା ହାର ୯୩.୭୧ ପ୍ରତିଶତ ରହିଛି। ଓଡ଼ିଆ, ଉଦ୍ଭିଦବିଜ୍ଞାନ, ପ୍ରାଣୀବିଜ୍ଞାନ, ରାଜନୀତି ବିଜ୍ଞାନ, ସଂସ୍କୃତ ଓ ବାଣିଜ୍ୟରେ ପାଶହାର ଶତ ପ୍ରତିଶତ ରହିଛି। ପ୍ରାଣୀବିଜ୍ଞାନ ଛାତ୍ର ରୁଦ୍ର ଅଭିଷେକ ନାୟକ ସର୍ବାଧିକ ୧୭୮୯ ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ପରୀକ୍ଷା ନିୟନ୍ତ୍ରକ ପ୍ରଦୀପ ପଣ୍ଡା, ସହନିୟନ୍ତ୍ରକ ଡ. ରୁଦ୍ରକାନ୍ତ ମାଝୀ ସୂଚନା ଦେଇଛନ୍ତି। ପରୀକ୍ଷା ନିୟନ୍ତ୍ରକ, ଉପନିୟନ୍ତ୍ରକ କୁଳପତି ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରଭୁପ୍ରସାଦ ଦାସ୍‌ଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଛେନାପଦି,୧୦।୭(ନିରାକାର ପରିଡ଼ା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପଞ୍ଚୁଗୋଛିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋଲେଖ ସେଠୀଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ୨୦୦୭-୨୦୧୨ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ମଧ୍ୟ ପ୍ରାର୍ଥୀ ହୋଇଥିଲେ। ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପଞ୍ଚୁଗୋଛିଆ ସରପଞ୍ଚ ଦିନେଶ ସେଠୀ ବାସଭବନରେ ପହଞ୍ଚି ଶୋକାକୁଳ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ବୈତରଣୀ ନଦୀ କୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ଜ୍ଞାନରଞ୍ଜନ ସେଠୀ ମୁଖାଗ୍ନି ଦେଇଥିଲେ।

# ଛାତରେ ପଲିଥିନ, ତଳେ ବାଲ୍‌ଟି

**ଦୟନୀୟ ଅବସ୍ଥାରେ ସିଡିପିଓଙ୍କ କାର୍ଯ୍ୟାଳୟ**

**ଦୁର୍ବଳ ଛାତ ତଳେ ହେଉଛି କାର୍ଯ୍ୟ**

ଚମ୍ପୁଆ, ୧୦।୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ (ସିଡିପିଓ)ଙ୍କ କାର୍ଯ୍ୟାଳୟରେ ଦୟନୀୟସ୍ଥିତି ଦେଖିବାକୁ ମିଳିଛି। କାର୍ଯ୍ୟାଳୟର ଛାତ ଦୁର୍ବଳ ହୋଇପଡ଼ିଥିବା ବେଳେ ବର୍ଷାହେଲେ ପାଣି ଗଳୁଛି। କମ୍ପ୍ୟୁଟର ଓ କାଗଜପତ୍ର ସୁରକ୍ଷା ପାଇଁ ଛାତରେ ପଲିଥିନ ଟଙ୍ଗା ଯାଇଛି। ପଲିଥିନରୁ ଝରୁଥିବା ବର୍ଷା ପାଣିକୁ ଅଟକାବାକୁ ଗୃହ ମଝିରେ ବାଲ୍‌ଟି ରଖାଯାଇଛି। କର୍ମଚାରୀମାନେ ବିପଦପୂର୍ଣ୍ଣଭାବେ କାମ କରିବାକୁ ବାଧ ହେଉଥିବା କହିଛନ୍ତି। ତୁରନ୍ତ ନୂତନ ଗୃହ ନିର୍ମାଣ କରିବାକୁ ଦାବି ହୋଇଛି।

ପ୍ରକାଶ ଯେ, କାର୍ଯ୍ୟାଳୟରେ ୨ ଗୋଟି ଗୃହ ଅଫିସ କାର୍ଯ୍ୟରେ ବ୍ୟବହାର ହେଉଛି। ଅନ୍ୟ ଏକ ଗୃହ କାର୍ଯ୍ୟାଳୟ ଅଧିକାରିଣୀ ବ୍ୟବହାର କରୁଛନ୍ତି। ମାତ୍ର ଘର ଛାତ ସମ୍ପୂର୍ଣ୍ଣ ଭାବେ ଦୁର୍ବଳ ହୋଇଯାଇଥିବାରୁ ୩ ଗୋଟି ଗୃହରେ ବର୍ଷାଜଳକୁ ରୋକିବା ପାଇଁ ଛାତ ତଳେ ପଲିଥିନ ଟଙ୍ଗାଯାଇଛି। ଦୀର୍ଘଦିନ ହେବ ଏଭଳି ଅବ୍ୟବସ୍ଥା ଭିତରେ କାର୍ଯ୍ୟ ହେଉଥିବା କର୍ମଚାରୀମାନେ କହିଛନ୍ତି। ଏପରିକି କାନ୍ଥ ଫାଟି ମଧ୍ୟ ବର୍ଷା ପାଣି ଲିକ୍ କରୁଛି। ବଡ଼ ବର୍ଷା ହେଲେ ଛାତରୁ ପାଣି ଗଳି ଅଫିସ କାର୍ଯ୍ୟାଳୟରେ ଲହଡ଼ି ମାରୁଛି। କାର୍ଯ୍ୟାଳୟକୁ ମରାମତି ତଥା ନୂତନ ଗୃହ ଯୋଗାଇଦେବାକୁ ଦୀର୍ଘଦିନ ହେବ ପୂର୍ବରୁ ଥିବା ସିଡିପିଓ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିଲାନାହିଁ। ବର୍ତ୍ତମାନର ସିଡିପିଓ ଲକ୍ଷ୍ମୀକାନ୍ତି ମାରାଣ୍ଡିଙ୍କ କହିବା ଅନୁଯାୟୀ, ପୂର୍ବରୁ ଏହି କାର୍ଯ୍ୟାଳୟ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର କାର୍ଯ୍ୟାଳୟ ନିର୍ମାଣ ପାଇଁ ଯେତିକି ଅର୍ଥର ଆବଶ୍ୟକ ସେତିକି ଆସି ନ ଥିବାରୁ କାର୍ଯ୍ୟ ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ ବିଡିଓଙ୍କଠାରୁ ଆରମ୍ଭ କରି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଅବଗତ କରାଯାଇଛି। ମାତ୍ର ଫଳାଫଳ କିଛି ମିଳିପାରିଲାନାହିଁ। ଆମକୁ ପ୍ରତ୍ୟେକ ଦିନ ଜିଲା କାର୍ଯ୍ୟାଳୟକୁ ରିପୋର୍ଟ ଦେବାକୁ ପଡୁଛି। ବର୍ଷାଜଳ ଯୋଗୁ କମ୍ପ୍ୟୁଟରଠାରୁ ଆରମ୍ଭକରି ବିଭିନ୍ନ ଜରୁରୀ କାଗଜପତ୍ର ନଷ୍ଟହେବା ସମ୍ଭାବନା ରହିଛି। ତେଣୁ ଆମେ ବାଧ ହୋଇ ପଲିଥିନ ଟାଙ୍ଗି କର୍ମଚାରୀଙ୍କୁ ବସାଇ କାର୍ଯ୍ୟ କରାଇବାକୁ ପଡୁଛି। ଶୁଣିବାକୁ ମିଳିଛି ଓମ୍ବାଡିସିରୁ କାର୍ଯ୍ୟାଳୟ ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି।



ଛତରେ ପଲିଥିନ ଓ ତଳେ ବାଲ୍‌ଟି ରଖାଯାଇଛି।

### ଶିଶୁ ବିଦ୍ୟାମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ

ବଡ଼ବିଲ,୧୦।୭ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମହର୍ଷି ବ୍ୟାସଦେବଙ୍କ ଜନ୍ମଦିନ ଅବସରରେ ଗୁରୁବାର ଦିନ 'ଗୁରୁପୂର୍ଣ୍ଣିମା ଉତ୍ସବ' ଯଥାରୀତି ପାଳିତ ହୋଇଛି। ବନ୍ଦନା ପ୍ରାର୍ଥନାପରେ ଗୈରିକ ଧ୍ୱଜ ଉତ୍ତୋଳନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ସେବିକାଙ୍କ ଦ୍ୱାରା ଗୁରୁ ପୂଜନ ସହିତ ଗୁରୁଦକ୍ଷିଣା ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଶରତଚନ୍ଦ୍ର ପାତ୍ର ଓ ବୈକୁଣ୍ଠ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ ବିପିନ ବିହାରୀ ଖଣ୍ଡାୟୀ ଗୁରୁପୂର୍ଣ୍ଣିମାର ମହତ୍ତ୍ୱ ସମ୍ବନ୍ଧରେ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ଧ୍ୱଜ ଅବତରଣ ହୋଇଥିଲା। କାର୍ଯ୍ୟକ୍ରମରେ ମୋଟ ୪୫୦ଜଣ ଛାତ୍ରୀଛାତ୍ରଙ୍କ ସହ ସମସ୍ତ ସେବାବ୍ରତୀ ଉପସ୍ଥିତ ରହିଥିଲେ।

### କୀଟନାଶକ ପିଇ ଯୁବକଙ୍କ ଆତ୍ମହତ୍ୟା

ଢେଙ୍କିକୋଟ,୧୦।୭ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଭୋଲବେଡ଼ା ପଞ୍ଚାୟତ ଭୋଲବେଡ଼ା ଗ୍ରାମରେ କୀଟନାଶକ ପିଇ ଜଣେ ଆତ୍ମହତ୍ୟା କରିଛନ୍ତି। ମୃତକ ଗ୍ରାମର ବସନ୍ତ ମହାରଣା(୪୦)। ବୁଧବାର ଘରେ ଝଗଡ଼ା ହୋଇଥିଲା। ପରେ ବସନ୍ତ ଅପରାହ୍ନ ୫ଟାରେ ରାଗରେ ଘରେ ଥିବା କୀଟନାଶକ ପିଇଦେଇଥିଲେ। ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଘଟଗାଁ ଥାନାରେ ଏକ ମାମଲା (ନଂ.୩୧/୨୫) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଚୋରି ମାମଲା ବୃଦ୍ଧିକୁ ନେଇ ଉଦ୍‌ବେଗ

**ଆମ ପୋଲିସ ବୈଠକ**



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ, ବଣିକ ସଂଘ ସଦସ୍ୟ, ସ୍ଥାନୀୟ ବୁଦ୍ଧିଜୀବୀମାନେ।

ପାଟଣା,୧୦।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନାରେ ବୁଧବାର ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ମାନସ କୁମାର ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ବଣିକ ସଂଘ ସଦସ୍ୟ ଉପସ୍ଥିତ ଥିଲେ। ପାଟଣା ବଜାର ଅଞ୍ଚଳରେ ଚୋରି ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଥାନା ଅଧିକାରୀ ସୀମିତ ସଂଖ୍ୟକ ପୋଲିସ କର୍ମଚାରୀ ଥିବାରୁ ବଜାର କମିଟି ତରଫରୁ ଜଣେ ରାତ୍ର ଜଗୁଆଳି ନିଯୁକ୍ତି କରିବାକୁ ବ୍ୟବସାୟୀଙ୍କୁ ଅନୁରୋଧ କରିଥିଲେ। ରାତି ପାଟ୍ରୋଲିଂକୁ ଆହୁରି କଡ଼ାକଡ଼ି କରାଯିବାକୁ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବ୍ୟବସାୟୀ ପ୍ରତିଷ୍ଠାନର ସମ୍ମୁଖ ଓ ପଛ ପାର୍ଶ୍ୱରେ ଲାଇଟ ଲଗାଇବାକୁ ସମ୍ମତି ପ୍ରକାଶ ପାଇଥିଲା। ଏଏସ୍‌ଆଇ ସରୋଜ ସେଠୀ, ଗୌରହରି ଗାରଡ଼ିଆ, ସାମାଜିକକର୍ମୀ ଅଜୟ ଦାଶ, ଡା. ଯୋଷବନ୍ତ ମହାନ୍ତ, ସଦେବ ବେହେରା, ଦିନବନ୍ଧୁ ମିଶ୍ର, ତୋଷିବି ଆଲମ, କମଳାକାନ୍ତ ପତି, କାମିନୀକାନ୍ତ ଦ୍ୱିବେଦୀ, ବୀରବର ଦାଶ, ସଞ୍ଜୁ ଭଞ୍ଜ, ପିଣ୍ଟୁ ଆଲମ, ଏସକେ ମନସୁର ଆଲାମ, ସାକିଲ ଆଲାମ, ପ୍ରମୁଖ ବଣିକ ସଂଘର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ବର୍ଗର ଲୋକେ ଉପସ୍ଥିତି ଥିଲେ।

### ୩୬ ଲିଟର ମଦ ଜବତ, ୩ ଗିରଫ

ପାଟଣା,୧୦।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଅବକାରୀ ପୋଲିସ ଗୁରୁବାର ୩ ସ୍ଥାନରେ ଚଢ଼ାଉ କରିଛି। ମୋଟ ୩୬ଲିଟର ମହୁଲି ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ହେଉଛନ୍ତି କେନ୍ଦେଇପୋଷିର ସାବିତ୍ରୀ ବେହେରା, ସିଳିଦାର ବାବୁଲି ମୁଣ୍ଡା, ମଧାପୁରର ରବିନ ମୁଣ୍ଡା। ସେମାନଙ୍କ ନିକଟରୁ ଯଥାକ୍ରମେ ୧୦ଲିଟର, ୧୫ ଲିଟର ଓ ୧୧ ଲିଟର ବେଆଇନ ଦେଶୀ ମହୁଲି ମଦ ଜବତ ହୋଇଛି। ଚଢ଼ାଉରେ ଅବକାରୀ ଥାନା ଅଧିକାରୀ ଗିରିଜା ନନ୍ଦ ଜେନା, ଏଏସ୍‌ଆଇ ତ୍ରିବେଣୀ ମହାନ୍ତ, କନେଷ୍ଟବଳ ସୁନା ରାମ ଟୁଡୁ ପ୍ରମୁଖ ସାମିଲ ହୋଇଥିଲା।

### ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ବଉଳା,୧୦।୭(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସରକାରୀ ଉଚ୍ଚ ବିଦ୍ୟାଳୟ ମରେଗାଁର ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ତ୍ରିପାଠୀ, କ୍ରୀଡ଼ା ଶିକ୍ଷକ ସଦାଶିବ ନାୟକ ଓ ସହକାରୀ ଶିକ୍ଷୟିତ୍ରୀ ମମତା ପାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜିତା ବେଗମ୍‌ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ଓଷ୍ଟା ସମ୍ପାଦକ ରଞ୍ଜନ ଘଡ଼େଇ, ବିଶିଷ୍ଟ ଅତିଥି ଓଷ୍ଟା କେନ୍ଦୁଝରର ସାଂଗଠନିକ ଚିନ୍ତାମଣି ଜେନା, ମୁଖ୍ୟ ବକ୍ତାଭାବେ ଓଷ୍ଟା କେନ୍ଦୁଝରର ଉପଦେଷ୍ଟା ସାନ୍ତନୁ ମିଶ୍ର, ସମ୍ମାନିତ ଅତିଥି ପ୍ରାକ୍ତନ ବିଇଓ ଧନେଶ୍ୱର ଖଣ୍ଡେଇ, ଏବିଇଓ ପ୍ରମୋଦ ନାୟକ, ସିଆରସିସି ସାନ୍ତନୁ ନାୟକ, ଜିଲା ଓଷ୍ଟା ସଦସ୍ୟ ନିରାକାର ମହାପାତ୍ର, ପରିଚାଳନା କମିଟିର ସଭାପତି ଶରତ ସେଠୀ, ଅବସରପ୍ରାପ୍ତ ଡ. ବସନ୍ତ ନାୟକ ଯୋଗଦେଇଥିଲେ। ଅତିଥି ମାନେ ବିଦାୟୀ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ଉତ୍ତରୀୟ ଓ ଉପହାର ଦେଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦାୟୀ ଶିକ୍ଷକଙ୍କୁ ଅଭିଭାବକ ଛାତ୍ରୀଛାତ୍ର ଗ୍ରାମ ପରିକ୍ରମା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, କମିଟିର ସମସ୍ତ ସଦସ୍ୟା, ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସିବିଆଇ, ବିଚାର ବିଭାଗୀୟ ତଦନ୍ତ ଦାବିକଲେ ବିରୋଧୀ

**ନାବାଳିକାଙ୍କୁ ଅସଦାଚରଣ ମାମଲା**

କେନ୍ଦୁଝର,୧୦।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୁରୁଣା ସହରରେ ରଥଯାତ୍ରା ଦେଖି ଫେରିବା ବେଳେ ଜଣେ ଆଦିବାସୀ ନାବାଳିକାଙ୍କୁ ୫ ଯୁବକ ଅପହରଣ କରିନେଇ ଅସଦାଚରଣ କରିଥିଲେ। ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମାମଲରେ ବିରୋଧୀ ବିଜେଡି ଓ କଂଗ୍ରେସ ଉଦବେଗ୍ ପ୍ରକାଶ କରି ସିବିଆଇ ଓ ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି।

ଘଟଣାକୁ ନେଇ ବିଜେଡି ଜିଲା ସଭାପତି ଆଶୀଷ ଚକ୍ରବର୍ତ୍ତୀ କହିଛନ୍ତି, ପୋଲିସ ଏତଲା ଭିତିରେ ମାମଲା ରୁଜୁ କରିଥିବା କହୁଛି। ମାତ୍ର ଜଣେ ଆଦିବାସୀ ନାବାଳିକାଙ୍କ ପ୍ରତି ଅସଦାଚରଣ ହୋଇଥିବା ଦର୍ଶାଉଛନ୍ତି। ତେବେ ପୋଲିସ କାହା ଚାପରେ ପୋକ୍‌ସୋ କିମ୍ବା ଏସ୍‌ଟି/ଏସ୍‌ସି ଆଇନ ଅନୁଯାୟୀ ଦଫା ଲଗାଇନାହିଁ ବୋଲି କହିଛନ୍ତି। ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରାଗଲେ ସତ୍ୟାସତ୍ୟ ପଦାକୁ ଆସିପାରିବ ବୋଲି କହିଛନ୍ତି। ପିସିସି ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଜଣେ ଆଦିବାସୀ ନାବାଳିକା ପ୍ରତି ଏଭଳି ଘଟଣା ଘଟିଛି। ସେ ନିଜେ ଉକ୍ତ ଗ୍ରାମକୁ ଯାଇ ପୀଡ଼ିତାଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା କରିଛନ୍ତି। ପୋଲିସ ଠିକ୍ ଭାବରେ ତଦନ୍ତ ନ କରି ଘଟଣାକୁ ଭିନ୍ନ ମୋଡ଼ ଦେଉଛି। ପରିବାର ଲୋକଙ୍କୁ ଭୟଭୀତ କରାଯାଉଛି। ଏଣୁ ପୀଡ଼ିତାଙ୍କ ପରିବାରଙ୍କୁ ସୁରକ୍ଷା ଦେବା ସହ ଘଟଣାର ଜୁଡିସିଆଲ ତଦନ୍ତ କରାଯାଉ। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଏତଲା ଆଧାରରେ ମାମଲା ରୁଜୁ ହୋଇ ୫ ଜଣଙ୍କୁ ଧରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରକାଶଯୋଗ୍ୟ, ରଥଯାତ୍ରା ଦେଖି ନାବାଳିକା ୩ ସମ୍ପର୍କୀୟଙ୍କ ସହିତ ଫେରୁଥିବା ବେଳେ ଏକ ଜିପରେ ୫ ଜଣ ଯୁବକ ଆସି ଅସଦାଚରଣ କରିବା ସହ ଗାଡ଼ିରେ ନେଇଯାଇଥିଲେ। ପୋଲିସ ସୂଚନା ପାଇ ଖୋଗାଖୋଜି ନାବାଳିକାଙ୍କୁ ଉଦ୍ଧାର କରିଥିଲା।

# କେନ୍ଦୁଝରରେ ଶ୍ରମ ଆଇନ ନିଷ୍କ୍ରିୟ

- ହୋଟେଲ, ରେଷ୍ଟୁରାଣ୍ଟରେ କାମ କରୁଛନ୍ତି ଶିଶୁ ଶ୍ରମିକ
- ଜିଲାରେ ଶ୍ରମିକଙ୍କୁ ମିଳୁନି କାମ
- କାର୍ଡ ବଣ୍ଟନରେ ବିଭାଗୀୟ କାର୍ଯ୍ୟ ସୀମିତ

କେନ୍ଦୁଝର,୧୦।୭(ଦୀପକ ମିଶ୍ର)

କେନ୍ଦୁଝର ଜିଲାରେ ଶ୍ରମିକ ସମସ୍ୟା ବଢ଼ିବଢ଼ି ଚାଲିଛି। ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ, ହୋଟେଲ, ରେଷ୍ଟୁରାଣ୍ଟ, ମଲ୍ ସବୁଠି ଶିଶୁ ଶ୍ରମିକ କାମ କରୁଛନ୍ତି। ବାହାରୁ ଆସି ଲୋକ କାମ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କୁ କାମ ମିଳୁନାହିଁ। ନିୟମ ଅନୁଯାୟୀ ଜିଲାରେ ପ୍ରତିଷ୍ଠା ହୋଇଥିବା କମ୍ପାନୀ, କାରଖାନା ସ୍ଥାନୀୟ ଲୋକଙ୍କୁ ଅଣଦେଖା କରୁଛି। ଶ୍ରମ ବିଭାଗ କେବଳ ଶ୍ରମିକ କାର୍ଡ ବଣ୍ଟନ କରି ନିଜ କାର୍ଯ୍ୟ ସାରିଦେଉଥିବା ଅଭିଯୋଗ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଶ୍ରମିକ ସମସ୍ୟାର ସମାଧାନ ଓ ଶିଶୁ ଶ୍ରମିକ ଉଚ୍ଛେଦ ଉପରେ ଗୁରୁତ୍ୱ ଦିଆଯାଉଛି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ଶ୍ରମ ବିଭାଗ ଏକ ପ୍ରକାର ନିଷ୍କ୍ରିୟ ହୋଇପଡ଼ିଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ପରିବାରର ଆର୍ଥିକ ସଙ୍କଟ ଯୋଗୁ ଅନେକ ଶିଶୁ ପାଠପଢ଼ା ଛାଡୁଥିବା ବେଳେ ହୋଟେଲ, ରେଷ୍ଟୁରାଣ୍ଟରେ ସେମାନଙ୍କୁ ପ୍ରଲୋଭନ ଦେଖାଇ କାମ କରାଯାଉଛି। ଏଥିପ୍ରତି ଶ୍ରମ ବିଭାଗର ଅଙ୍କୁଶ ନ ଥିବାରୁ ଶିଶୁ ଶ୍ରମିକ ପ୍ରଥା ବ୍ୟାପକ ଭାବେ ବଢ଼ି ଚାଲିଛି। ବିଭାଗୀୟ ଅଧିକାରୀମାନେ କାଁଭାଁ ରେଷ୍ଟୁରାଣ୍ଟ ଓ ବ୍ୟବସାୟ ଅନୁଷ୍ଠାନଗୁଡ଼ିକରେ ଚଢ଼ାଉକରି ଜରିମାନା କରୁଛନ୍ତି। ପୁଣି କିଛି ମାସ ପରେ ସମାନ ଅବସ୍ଥା ଦେଖାଯାଉଛି। ଚଢ଼ାଉ ପରେ ଉକ୍ତ ବ୍ୟବସାୟ ପ୍ରତିଷ୍ଠାନର ପରିଚାଳକ କିମ୍ବା ମାଲିକଙ୍କୁ ୫୦, ୦୦୦ ହଜାର ଟଙ୍କା ଜରିମାନା ସହ ଜେଲଦଣ୍ଡ ପ୍ରାବଧାନ ଥିବା ବେଳେ ଜିଲାରେ କେତେଜଣଙ୍କୁ ଶିଶୁ ଶ୍ରମିକ ନିୟୋଜନ ପାଇଁ ଜେଲଦଣ୍ଡ ହୋଇଛି ଶ୍ରମିକ ନେତା ଦୁର୍ଯ୍ୟୋଧନ ନାଏକ ପଚାରିଛନ୍ତି। ଉଦ୍ଧାର ହୋଇଥିବା ଶିଶୁ ଶ୍ରମିକଙ୍କ ଶିକ୍ଷା ବ୍ୟବସ୍ଥା, ପରିବାରର ଆର୍ଥିକ ଅବସ୍ଥା, ଶିଶୁ ଶ୍ରମିକଙ୍କ ଶିକ୍ଷା ବ୍ୟବସ୍ଥା ଉପରେ ଶ୍ରମ ବିଭାଗ ପକ୍ଷରୁ ପ୍ରଶାସନ ଓ ବିଭିନ୍ନ ବିଭାଗ ସହ ଯୋଗାଯୋଗ କରି ଥଇଥାନ କରିବା କଥା। ଏ ଦିଗରେ ବିଭାଗ କିଛି କରୁ ନ ଥିବାରୁ ଶିଶୁ ଶ୍ରମିକ ପ୍ରଥାରେ ଅଙ୍କୁଶ ଲାଗୁ ନ ଥିବା ଅଭିଯୋଗ ହେଉଛି।

ଏଥିସହ ସ୍ଥାନୀୟ ଶ୍ରମିକମାନେ କାମ ପାଉ ନ ଥିବା ବେଳେ କେତେଜଣ ଠିକାଦାର ପଶ୍ଚିମବଙ୍ଗରୁ ମିସ୍ତ୍ରି ଓ ଶ୍ରମିକ ଆଣି କାମ କରାଉଛନ୍ତି। ଠିକାଦାରମାନେ ଜିଲା ଶ୍ରମ ବିଭାଗରେ ପଞ୍ଜୀକରଣ କରୁ ନ ଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନାହିଁ। ଅନେକେ ଲାଇସେନ୍ସକୁ ନବୀକରଣ କରୁନାହାନ୍ତି ବୋଲି ଶ୍ରମିକ ନେତା ନାଏକ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରମିକଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ କେନ୍ଦୁଝରରେ ଶ୍ରମ ବିଭାଗ କେବଳ ଶ୍ରମିକ କାର୍ଡ ବଣ୍ଟନରେ ସୀମିତ ଥିବା କହିଛନ୍ତି। ଅନ୍ୟପକ୍ଷେ ଜିଲାରେ ପ୍ରତିଷ୍ଠା ହୋଇଥିବା ଲୁହା କାରଖାନା ଓ ଅନ୍ୟ କମ୍ପାନୀରେ ଶ୍ରମ ଆଇନ ବିଲକୁଲ କାର୍ଯ୍ୟ କରୁ ନ ଥିବା ବେଳେ ଏ ଦିଗରେ ବିଭାଗ କି ପଦକ୍ଷେପ ନେଇଛି ବୋଲି ପ୍ରଶ୍ନ କରିଛନ୍ତି। ଡିଭିଜନାଲ ଶ୍ରମ କମିଶନର ସୂର୍ଯ୍ୟନାରାୟଣ ମାଳି କହିଛନ୍ତି, ଶ୍ରମ ବିଭାଗ ଜିଲାରେ ଶ୍ରମିକଙ୍କ ସମସ୍ୟା ଦିଗରେ ସମ୍ବେଦନଶୀଳ ଅଛି। ଜିଲାରେ କାର୍ଯ୍ୟ କରୁଥିବା କାରଖାନାଗୁଡ଼ିକରେ ବିଭିନ୍ନ ସମୟରେ ପର୍ଯ୍ୟାୟକ୍ରମେ ପ୍ରଣୟନ ହେଉଥିବା ଶ୍ରମିକ ଆଇନକୁ ଦୃଢ଼ ଭାବେ କାର୍ଯ୍ୟକାରୀ କରାଯାଉଛି। ବିଭିନ୍ନ ସମୟରେ ଚଢ଼ାଉ କରାଯିବାର ମଧ୍ୟ ବ୍ୟବସ୍ଥା କରାଯାଇଛି।

## ୫ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ବାରିପଦା,୧୦।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଅବକାରୀ ବିଭାଗ ଗୁରୁବାର ଚଢ଼ାଉ କରି ବିପୁଳ ପରିମାଣ ଗଞ୍ଜେଇ ଜବତ କରିଛି। ୧୮ନଂ.ଜାତୀୟ ରାଜପଥ ବାଙ୍ଗିରିପୋଷି ଥାନା ବୁଢ଼ାମରା ଅଞ୍ଚଳରୁ ୫୨କିଗ୍ରା ଗଞ୍ଜେଇ ଜବତ କରିଥିବା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଜବତ ଗଞ୍ଜେଇର ମୂଲ୍ୟ ୫ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କହଁର କହିଛନ୍ତି।

ସୂଚନାଯୋଗ୍ୟ, ବୁଢ଼ାମରା ଛକସ୍ଥିତ ଏକ ଫାର୍ମ ହାଉସରେ ଗଞ୍ଜେଇ ଥିବା ନେଇ ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବାରିପଦା ଅବକାରୀ ବିଭାଗର ମୋବାଇଲ ଟିମ୍ ଚଢ଼ାଉ କରି ଗଞ୍ଜେଇ କରିଥିଲା। ଅଭିଯୁକ୍ତ ଖସି ପଳାଇଥିବା ବେଳେ ତାଙ୍କୁ ଧରିବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି କହଁର ପ୍ରକାଶ କରିଛନ୍ତି।



ଅବକାରୀ କର୍ମଚାରୀମାନେ ଜବତ କରିଥିବା ଗଞ୍ଜେଇ ।

### ବାରିପଦାରେ ସେକ୍ସ ର୍‍ୟାକେଟ ଠାବ

ବାରିପଦା,୧୦।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

| 380 | ବାଦିପାଲି | 159 | 307 | 0.22 | 0.220 | ଆଟ ସାଧାରଣ | ନିଜସ୍ୱ |
| 381 | ବାଦିପାଲି | 202/169 | 305 | 0.04 | 0.040 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 382 | ବାଦିପାଲି | 202/169 | 304 | 0.05 | 0.050 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 383 | ବାଦିପାଲି | 159 | 313 | 0.03 | 0.030 | ଆଡି | ନିଜସ୍ୱ |
| 384 | ବାଦିପାଲି | 159 | 309 | 0.03 | 0.030 | ବେର୍ଣ୍ଣା ସାଧାରଣ/2 | ନିଜସ୍ୱ |
| 385 | ବାଦିପାଲି | 159 | 309/1602 | 0.15 | 0.150 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 386 | ବାଦିପାଲି | 15 | 303 | 0.26 | 0.260 | ଆଟ ଉନହରି | ନିଜସ୍ୱ |
| 387 | ବାଦିପାଲି | 38 | 335 | 0.19 | 0.190 | ବେର୍ଣ୍ଣା ସାଧାରଣ/3 | ନିଜସ୍ୱ |
| 388 | ବାଦିପାଲି | 106 | 344 | 0.2 | 0.200 | ମାଳ ସାଧାରଣ | ନିଜସ୍ୱ |
| 389 | ବାଦିପାଲି | 152 | 340 | 0.65 | 0.650 | ମାଳ ସାଧାରଣ/3 | ନିଜସ୍ୱ |
| 390 | ବାଦିପାଲି | 106 | 342 | 0.56 | 0.560 | ମାଳ ସାଧାରଣ/3 | ନିଜସ୍ୱ |
| 391 | ବାଦିପାଲି | 15 | 284 | 0.64 | 0.320 | ବାହାଲ ସାଧାରଣ/2 | ନିଜସ୍ୱ |
| 392 | ବାଦିପାଲି | 15 | 302 | 0.09 | 0.054 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 393 | ବାଦିପାଲି | 15 | 301 | 0.06 | 0.060 | ଆଟ ଉନହରି | ନିଜସ୍ୱ |
| 394 | ବାଦିପାଲି | 38 | 332 | 0.16 | 0.160 | ମାଳ ସାଧାରଣ | ନିଜସ୍ୱ |
| 395 | ବାଦିପାଲି | 81 | 320 | 0.7 | 0.700 | ଆଟ ଉନହରି | ନିଜସ୍ୱ |
| 396 | ବାଦିପାଲି | 81 | 300 | 0.68 | 0.680 | ବେର୍ଣ୍ଣା ସାଧାରଣ/13 | ନିଜସ୍ୱ |
| 397 | ବାଦିପାଲି | 38 | 319 | 0.29 | 0.290 | ମାଳ ସାଧାରଣ | ନିଜସ୍ୱ |
| 398 | ବାଦିପାଲି | 81 | 338 | 0.39 | 0.390 | ଆଟ ସାଧାରଣ | ନିଜସ୍ୱ |
| 399 | ବାଦିପାଲି | 106 | 343 | 0.43 | 0.418 | ମାଳ ସାଧାରଣ | ନିଜସ୍ୱ |
| 400 | ବାଦିପାଲି | 106 | 345 | 0.76 | 0.220 | ଆଟ ଉନହରି | ନିଜସ୍ୱ |
| 401 | ବାଦିପାଲି | 161 | 346 | 0.53 | 0.530 | ମାଳ ସାଧାରଣ | ନିଜସ୍ୱ |
| 402 | ବାଦିପାଲି | 106 | 328 | 0.37 | 0.015 | ଆଟ ଉନହରି | ନିଜସ୍ୱ |
| 403 | ବାଦିପାଲି | 81 | 329 | 0.44 | 0.373 | ଆଟ ଉନହରି | ନିଜସ୍ୱ |
| 404 | ବାଦିପାଲି | 152 | 339 | 0.75 | 0.750 | ଆଟ ଉନହରି | ନିଜସ୍ୱ |
| 405 | ବାଦିପାଲି | 202/18 | 339/1538 | 0.63 | 0.045 | ଆଟ ଉନହରି | ନିଜସ୍ୱ |
| 406 | ବାଦିପାଲି | 106 | 342/1617 | 0.22 | 0.043 | ମାଳ ସାଧାରଣ | ନିଜସ୍ୱ |
| 407 | ବାଦିପାଲି | 191 | 542 | 0.63 | 0.089 | ବାହାଲ ସାଧାରଣ | ନିଜସ୍ୱ |
| 408 | ବାଦିପାଲି | 122 | 543 | 0.51 | 0.151 | ବାହାଲ ସାଧାରଣ | ନିଜସ୍ୱ |
| 409 | ବାଦିପାଲି | 11 | 545 | 0.62 | 0.431 | ବାହାଲ ସାଧାରଣ | ନିଜସ୍ୱ |
| 410 | ବାଦିପାଲି | 159 | 314 | 0.25 | 0.250 | ବେର୍ଣ୍ଣା ସାଧାରଣ/2 | ନିଜସ୍ୱ |
| 411 | ବାଦିପାଲି | 202/352 | 314/2216 | 0.25 | 0.250 | ବେର୍ଣ୍ଣା ସାଧାରଣ/2 | ନିଜସ୍ୱ |
| 412 | ବାଦିପାଲି | 202/352 | 314/2215 | 0.03 | 0.030 | ଆଡି | ନିଜସ୍ୱ |
| 413 | ବାଦିପାଲି | 202/289 | 243 | 0.68 | 0.680 | ବେର୍ଣ୍ଣା ସାଧାରଣ/3 | ନିଜସ୍ୱ |
| 414 | ବାଦିପାଲି | 85 | 244 | 0.77 | 0.770 | ଆଟ ଉନହରି | ନିଜସ୍ୱ |
| 415 | ବାଦିପାଲି | 85 | 242 | 1.12 | 1.120 | ବେର୍ଣ୍ଣା ସାଧାରଣ/3 | ନିଜସ୍ୱ |
| 416 | ବାଦିପାଲି | 71 | 517 | 1.2 | 1.200 | ବାହାଲ ସାଧାରଣ | ନିଜସ୍ୱ |
| 417 | ବାଦିପାଲି | 12 | 519 | 0.62 | 0.62 | ବାହାଲ ସାଧାରଣ | ନିଜସ୍ୱ |
| 418 | ବାଦିପାଲି | 42 | 559 | 0.99 | 0.990 | ବାହାଲ ସାଧାରଣ/2 | ନିଜସ୍ୱ |
| 419 | ବାଦିପାଲି | 165 | 513 | 1.72 | 1.201 | ବାହାଲ ସାଧାରଣ/3 | ନିଜସ୍ୱ |
| 420 | ବାଦିପାଲି | 159 | 310 | 0.17 | 0.170 | ମାଳ ସାଧାରଣ | ନିଜସ୍ୱ |
| 421 | ବାଦିପାଲି | 202/290 | 275 | 0.18 | 0.180 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 422 | ବାଦିପାଲି | 159 | 276 | 0.18 | 0.180 | ମାଳ ସାଧାରଣ | ନିଜସ୍ୱ |
| 423 | ବାଦିପାଲି | 85 | 271 | 0.32 | 0.320 | ଆଟ ଉନହରି | ନିଜସ୍ୱ |
| 424 | ବାଦିପାଲି | 159 | 321 | 0.61 | 0.610 | ଆଟ ଉନହରି | ନିଜସ୍ୱ |
| 425 | ବାଦିପାଲି | 202/406 | 327/2269 | 0.38 | 0.080 | ବେର୍ଣ୍ଣା ସାଧାରଣ/3 | ନିଜସ୍ୱ |
| 426 | ବାଦିପାଲି | 81 | 320 | 0.7 | 0.700 | ମାଳ ସାଧାରଣ | ନିଜସ୍ୱ |
| 427 | ବାଦିପାଲି | 202/215 | 327/2039 | 0.68 | 0.68 | ବେର୍ଣ୍ଣା ସାଧାରଣ/3 | ନିଜସ୍ୱ |
| 428 | ବାଦିପାଲି | 5 | 327 | 0.14 | 0.14 | ବେର୍ଣ୍ଣା ସାଧାରଣ/3 | ନିଜସ୍ୱ |
| 429 | ବାଦିପାଲି | 81 | 297 | 0.69 | 0.404 | ଆଟ ଉନହରି | ନିଜସ୍ୱ |
| 430 | ବାଦିପାଲି | 81 | 330 | 0.080 | 0.080 | ମାଳ ସାଧାରଣ | ନିଜସ୍ୱ |
| 431 | ବାଦିପାଲି | 159 | 308 | 0.070 | 0.07 | ଆଟ ଉନହରି | ନିଜସ୍ୱ |
| 432 | ବାଦିପାଲି | 159 | 1603 | 0.050 | 0.03 | ମାଳ ସାଧାରଣ | ନିଜସ୍ୱ |
| 433 | ବାଦିପାଲି | 202/290 | 311 | 0.100 | 0.1 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 434 | ବାଦିପାଲି | 202 | 514 | 1.32 | 0.705 | ବାହାଲ ସାଧାରଣ | ନିଜସ୍ୱ |
| 435 | ବାଦିପାଲି | 71 | 518 | 0.04 | 0.017 | ଆଟ ସାଧାରଣ | ନିଜସ୍ୱ |
| 436 | ବାଦିପାଲି | 184 | 548 | 0.29 | 0.29 | ବାହାଲ ସାଧାରଣ | ନିଜସ୍ୱ |
| 437 | ବାଦିପାଲି | 11 | 547/1547 | 0.16 | 0.082 | ବାହାଲ ସାଧାରଣ | ନିଜସ୍ୱ |
| 438 | ବାଦିପାଲି | 11 | 547 | 0.38 | 0.37 | ବାହାଲ ସାଧାରଣ | ନିଜସ୍ୱ |
| 439 | ବାଦିପାଲି | 80 | 229 | 0.08 | 0.005 | ମାଳ ସାଧାରଣ | ନିଜସ୍ୱ |
| 440 | ବାଦିପାଲି | 164 | 562 | 0.1 | 0.04 | ମାଳ ସାଧାରଣ/3 | ନିଜସ୍ୱ |
| 441 | ବାଦିପାଲି | 13 | 561/1760 | 0.4 | 0.01 | ମାଳ ସାଧାରଣ | ନିଜସ୍ୱ |
| 442 | ବାଦିପାଲି | 42 | 566 | 3.58 | 1.39 | ବାହାଲ ସାଧାରଣ/5 | ନିଜସ୍ୱ |
| 443 | ବାଦିପାଲି | 122 | 912 | 0.69 | 0.005 | ମାଳ ସାଧାରଣ | ନିଜସ୍ୱ |
| 444 | ବାଦିପାଲି | 148 | 714 | 0.14 | 0.005 | ବାହାଲ ସାଧାରଣ | ନିଜସ୍ୱ |
| 445 | ବାଦିପାଲି | 195 | 894 | 0.84 | 0.052 | ବେର୍ଣ୍ଣା ସାଧାରଣ/6 | ନିଜସ୍ୱ |
| 446 | ବାଦିପାଲି | 202/400 | 759 | 0.160 | 0.005 | ମାଳ ସାଧାରଣ/4 | ନିଜସ୍ୱ |
| | | | ମୋଟ - | 110.71 | 55.744 | | |
| 447 | ମାଝୀପାଲି | 37 | 388 | 0.36 | 1.028 | ବେର୍ଣ୍ଣା ସାଧାରଣ/9 | ନିଜସ୍ୱ |
| 448 | ମାଝୀପାଲି | 19 | 389 | 0.37 | 0.37 | ବେର୍ଣ୍ଣା ସାଧାରଣ/3 | ନିଜସ୍ୱ |
| 449 | ମାଝୀପାଲି | 55 | 390 | 0.21 | 0.168 | ମାଳ ସାଧାରଣ | ନିଜସ୍ୱ |
| 450 | ମାଝୀପାଲି | 19 | 391 | 0.13 | 0.091 | ମାଳ ସାଧାରଣ | ନିଜସ୍ୱ |
| 451 | ମାଝୀପାଲି | 52 | 430 | 0.59 | 0.06 | ଆଟ ସାଧାରଣ | ନିଜସ୍ୱ |
| 452 | ମାଝୀପାଲି | 19 | 384 | 0.6 | 0.6 | ବେର୍ଣ୍ଣା ସାଧାରଣ/2 | ନିଜସ୍ୱ |
| 453 | ମାଝୀପାଲି | 75/153 | 385 | 0.67 | 0.544 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 454 | ମାଝୀପାଲି | 75/159 | 393 | 0.79 | 0.386 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 455 | ମାଝୀପାଲି | 75/153 | 386 | 0.52 | 0.157 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 456 | ମାଝୀପାଲି | 75/159 | 387 | 0.62 | 0.226 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 457 | ମାଝୀପାଲି | 37 | 396 | 0.48 | 0.005 | ବେର୍ଣ୍ଣା ସାଧାରଣ/9 | ନିଜସ୍ୱ |
| 458 | ମାଝୀପାଲି | 14 | 292/736 | 0.6 | 0.175 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 459 | ମାଝୀପାଲି | 14 | 380 | 2.8 | 0.095 | ବେର୍ଣ୍ଣା ପାଣି 2/11 | ନିଜସ୍ୱ |
| 460 | ମାଝୀପାଲି | 19 | 383 | 1.5 | 0.766 | ବେର୍ଣ୍ଣା ସାଧାରଣ/4 | ନିଜସ୍ୱ |
| 461 | ମାଝୀପାଲି | 19 | 381 | 0.31 | 0.212 | ବେର୍ଣ୍ଣା ସାଧାରଣ/2 | ନିଜସ୍ୱ |
| 462 | ମାଝୀପାଲି | 55 | 382 | 0.74 | 0.443 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 463 | ମାଝୀପାଲି | 19 | 398 | 1.77 | 0.02 | ବେର୍ଣ୍ଣା ପାଣି 2/12 | ନିଜସ୍ୱ |
| 464 | ମାଝୀପାଲି | 19 | 399 | 0.49 | 0.29 | ବେର୍ଣ୍ଣା ପାଣି 2/5 | ନିଜସ୍ୱ |
| 465 | ମାଝୀପାଲି | 55 | 400 | 0.31 | 0.173 | ବେର୍ଣ୍ଣା ପାଣି ଦୁଇ | ନିଜସ୍ୱ |
| 466 | ମାଝୀପାଲି | 19 | 402 | 0.3 | 0.142 | ବେର୍ଣ୍ଣା ସାଧାରଣ/3 | ନିଜସ୍ୱ |
| 467 | ମାଝୀପାଲି | 19 | 401 | 0.14 | 0.14 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 468 | ମାଝୀପାଲି | 19 | 404 | 0.1 | 0.1 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 469 | ମାଝୀପାଲି | 66 | 372 | 0.08 | 0.08 | ବାହାଲ ପାଣି ଦୁଇ | ନିଜସ୍ୱ |
| 470 | ମାଝୀପାଲି | 66 | 372/803 | 0.06 | 0.06 | ବାହାଲ ପାଣି ଦୁଇ | ନିଜସ୍ୱ |
| 471 | ମାଝୀପାଲି | 53 | 402/743 | 0.02 | 0.02 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 472 | ମାଝୀପାଲି | 53 | 403/742 | 0.08 | 0.08 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 473 | ମାଝୀପାଲି | 53 | 405/746 | 0.02 | 0.02 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 474 | ମାଝୀପାଲି | 19 | 405/745 | 0.06 | 0.06 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 475 | ମାଝୀପାଲି | 75/7 | 549/856 | 0.34 | 0.34 | ବାହାଲ ପାଣି ଦୁଇ | ନିଜସ୍ୱ |
| 476 | ମାଝୀପାଲି | 19 | 399 | 0.49 | 0.414 | ବେର୍ଣ୍ଣା ପାଣି 2/5 | ନିଜସ୍ୱ |
| 477 | ମାଝୀପାଲି | 18 | 408 | 0.16 | 0.16 | ବାହାଲ ପାଣି ଦୁଇ | ନିଜସ୍ୱ |
| 478 | ମାଝୀପାଲି | 18 | 408/715 | 0.05 | 0.05 | ବାହାଲ ପାଣି ଦୁଇ | ନିଜସ୍ୱ |
| 479 | ମାଝୀପାଲି | 27 | 409 | 0.14 | 0.14 | ବାହାଲ ପାଣି ଦୁଇ | ନିଜସ୍ୱ |
| 480 | ମାଝୀପାଲି | 75/54 | 365/828 | 0.15 | 0.021 | ବାହାଲ ପାଣି ଦୁଇ | ନିଜସ୍ୱ |
| 481 | ମାଝୀପାଲି | 75/54 | 355/829 | 0.42 | 0.267 | ବାହାଲ ପାଣି ଦୁଇ | ନିଜସ୍ୱ |
| 482 | ମାଝୀପାଲି | 75/54 | 365 | 0.25 | 0.211 | ବାହାଲ ପାଣି ଦୁଇ | ନିଜସ୍ୱ |
| 483 | ମାଝୀପାଲି | 75/31 | 362 | 0.05 | 0.004 | କୂପ | ନିଜସ୍ୱ |
| 484 | ମାଝୀପାଲି | 75/54 | 363 | 0.08 | 0.056 | ମାଳ ସାଧାରଣ | ନିଜସ୍ୱ |
| 485 | ମାଝୀପାଲି | 75/54 | 364 | 0.07 | 0.07 | ମାଳ ସାଧାରଣ | ନିଜସ୍ୱ |
| 486 | ମାଝୀପାଲି | 71 | 352 | 0.12 | 0.12 | ମାଳ ସାଧାରଣ | ନିଜସ୍ୱ |
| 487 | ମାଝୀପାଲି | 45 | 353 | 0.2 | 0.2 | ମାଳ ସାଧାରଣ | ନିଜସ୍ୱ |
| 488 | ମାଝୀପାଲି | 45 | 354 | 0.08 | 0.08 | ବଗାୟତ/1 | ନିଜସ୍ୱ |
| 489 | ମାଝୀପାଲି | 71 | 461 | 0.33 | 0.095 | ବାହାଲ ପାଣି ଦୁଇ | ନିଜସ୍ୱ |
| 490 | ମାଝୀପାଲି | 48 | 548 | 0.25 | 0.25 | ମାଳ ସାଧାରଣ | ନିଜସ୍ୱ |
| 491 | ମାଝୀପାଲି | 48 | 549 | 0.34 | 0.272 | ବାହାଲ ପାଣି 2/3 | ନିଜସ୍ୱ |
| 492 | ମାଝୀପାଲି | 48 | 550 | 0.72 | 0.385 | ମାଳ ସାଧାରଣ | ନିଜସ୍ୱ |

ପରବର୍ତ୍ତୀ ପୃଷ୍ଠାରେ ଦେଖନ୍ତୁ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବଜାରରେ ୱାନ୍‌ପ୍ଲସ୍‌ର ନର୍ଡ ୫ସିରିଜ

ଭୁବନେଶ୍ୱର,୧୦।୭: 'ୱାନ୍‌ପ୍ଲସ୍'ର ବହୁ ପ୍ରତୀକ୍ଷିତ ତଥା ନର୍ଡ ସିରିଜ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ୱାନ୍ ପ୍ଲସ୍ ନର୍ଡ ୫ ଏବଂ ୱାନ୍‌ପ୍ଲସ୍ ନର୍ଡ ସିଇ୫ ସହିତ ୱାନ ପ୍ଲସ୍ ବଡ୍ସ୍ ୪କୁ ଅନାବରଣ କରାଯାଇଛି। ୱାନ୍‌ପ୍ଲସ୍ ନର୍ଡ ସିରିଜ୍ ଇଣ୍ଡଷ୍ଟ୍ରିର ଫ୍ଲାଗ୍‌ଶିପ୍ ଟେକ୍ନୋଲୋଜି ସହ ମିନିମାଲ୍ ଡିଜାଇନକୁ ଯୋଡ଼ି ସାରା ବିଶ୍ୱରେ ବ୍ୟବହାରକାରୀଙ୍କ ବିଶ୍ୱାସ ଓ ଭଲପାଇବା ଅର୍ଜନ କରିଛି ବୋଲି ୱାନ୍‌ପ୍ଲସ୍‌ର ପ୍ରତିଷ୍ଠାତା ପିଟେ ଲାଉ କହିଛନ୍ତି।

# କୋଲକାତାରେ ଟ୍ରାଭେଲ ଟ୍ରେଡ୍ ଫେୟାର ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୭(ଅନୁରାଧା ମହାରଣା)

ଭାରତର ସର୍ବବୃହତ୍ ଟ୍ରାଭେଲ ଶୋ' ନେଟ୍‌ୱର୍କ ଟ୍ରାଭେଲ ଟ୍ରେଡ୍ ଫେୟାର(ଟିଟିଏଫ୍) ଏକ ଏକ୍ସକ୍ଲୁସିଭ ବି୨ବି ଇଭେଣ୍ଟ ଭାବେ କୋଲକାତାରେ ଆରମ୍ଭ ହୋଇଛି। ଜମ୍ମୁ ଓ କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଫେୟାର ଜୁଲାଇ ୧୦ରୁ ୧୨ ଯାଏଁ ବିଶ୍ୱ ବଙ୍ଗଳା ମେଳା ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଛି। ପୂର୍ବ ଭାରତର ସବୁଠାରୁ ପୁରାତନ ଓ ବିଶ୍ୱସ୍ତ ଟ୍ରାଭେଲ ଟ୍ରେଡ୍ ଶୋ' ଭାବେ ପରିଚିତ ଟିଟିଏଫ୍ ୨୫ଟିରୁ ଅଧିକ ଭାରତୀୟ ରାଜ୍ୟ ଓ ୧୪ଟିରୁ ଅଧିକ ଦେଶରୁ ୫୦୦ରୁ ଅଧିକ ପ୍ରଦର୍ଶକ ଏବଂ ୫,୫୦୦ରୁ ଅଧିକ ଗ୍ରାହକଙ୍କୁ ଏକାଠି କରୁଛି। ଦୁର୍ଗାପୂଜା ଓ ଦୀପାବଳି ପୂର୍ବରୁ ଏହା ଟ୍ରାଭେଲ ପ୍ରଫେସନାଲଙ୍କ ପାଇଁ ନେଟ୍‌ୱର୍କିଂ ଓ ବ୍ୟବସାୟିକ ସୁଯୋଗର ଏକ ପ୍ରମୁଖ ପ୍ଲାଟ୍‌ଫର୍ମ ହେବ ବୋଲି ଆଶା କରାଯାଉଛି। ଉଦ୍‌ଘାଟନ ଅବସରରେ ସିକ୍କିମର ଉପ-ବାଚସ୍ପତି ରାଜକୁମାରୀ ଥାପା, ଥାଇଲାଣ୍ଡର କନସୁଲ ଜେନେରାଲ ସିରିପୋର୍ନ ତାନ୍ତିପାନ୍ୟାଥେପ, ଛତିଶଗଡ଼ ଟୁରିଜମ ବୋର୍ଡର ଅଧକ୍ଷ ନୀଲୁ ଶର୍ମା ଓ ଏସିଟିର ସଂଯୋଜକ ରାଜ ବସୁ ଉପସ୍ଥିତ ଥିଲେ। ଇଣ୍ଡିଆ ଟୁରିଜମ, ଓଡ଼ିଶା ଟୁରିଜମ, ଜମ୍ମୁ ଓ କଶ୍ମୀର ଟୁରିଜମ, ଥାଇଲାଣ୍ଡ ଟୁରିଜମ ଅଥରିଟି ସମେତ ଅନେକ ଟୁରିଜମ ବୋର୍ଡ ଏବଂ ରାମୋଜୀ ଫିଲ୍ମ ସିଟି, ରାଡିସନ ହୋଟେଲ ଗ୍ରୁପ୍ ପରି ବେସରକାରୀ ପ୍ରଦର୍ଶକମାନେ ସାମିଲ ଅଛନ୍ତି।

# ଜେଏଜି ମାଧ୍ୟମରେ ସହାୟତା



ଭୁବନେଶ୍ୱର,୧୦।୭

ପଲିସୀ ବଜାରର ବହୁ ପ୍ରତୀକ୍ଷିତ ତଥା ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଜିତୋ ଅପ୍‌ନା ଘର ବା ଜେଏଜି'ର ୫ମ ସଂସ୍କରଣ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଶ୍ରେଷ୍ଠ ପ୍ରଦର୍ଶନୀକାରୀଙ୍କୁ ସ୍ୱତନ୍ତ୍ର ପଦ୍ଧତିରେ ବିଜେତା ଘୋଷଣା ସହ ପୁରସ୍କୃତ କରାଯାଇଥିଲା। ଅପରପକ୍ଷରେ ବିଜେତାମାନଙ୍କୁ 'ସ୍ପିନ୍ ଦି ହ୍ୱିଲ' କାର୍ଯ୍ୟକ୍ରମ ଜରିଆରେ ମନୋନୀତ କରାଯାଇଥିଲା, ଯାହା ଏକ ରୋମାଞ୍ଚକାରୀ ଅନୁଭୂତି ଆଣି ଦେଇଥିଲା। କମ୍ପାନୀର ବରିଷ୍ଠ ନେତୃବୃନ୍ଦ ଟିକଟ ସଂଖ୍ୟା ବିଜେତାମାନଙ୍କ ନାମ ଘୋଷଣା କରିବାକୁ ମଞ୍ଚରେ ଉପସ୍ଥିତ ହେବା ସହ ବିଜେତାମାନଙ୍କ ନାମ ଘୋଷଣା କରାଯିବା ସମୟରେ ସମୁଦାୟ ପ୍ରକୋଷ୍ଠ ଆନନ୍ଦ ଉଲ୍ଲାସ ଏବଂ ଭାବପ୍ରବଣତାରେ ପୂରି ଉଠିଥିଲା, ଯାହା ବାସ୍ତବରେ ଉପସ୍ଥିତ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ଆଣି ଦେଇଥିଲା। ଏ ସମ୍ପର୍କରେ କମ୍ପାନୀର ଜଏଣ୍ଟ ଗ୍ରୁପ୍ ସିଇଓ ସର୍ବବୀର ସିଂ କହିଥିଲେ, 'ଜିତୋ ଅପ୍‌ନା ଘର ସର୍ବଦା କେବଳ ଏକ ପ୍ରତିଯୋଗିତାଠାରୁ ଅନେକ କିଛି ଅଧିକ ହୋଇ ରହି ଆସିଛି। ଏହା ଉତ୍ସର୍ଗୀକୃତ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ, ପ୍ରଦର୍ଶନକୁ ଆଗେଇ ନେବା ଏବଂ ଶୀର୍ଷ ପ୍ରତିଭାମାନଙ୍କୁ ବଜାୟ ରଖିବାରେ ସହାୟତା କରିବାକୁ ଏକ ନିର୍ଣ୍ଣାୟକ ପ୍ରୟାସ ହୋଇଛି। ଉଲ୍ଲେଖଯୋଗ୍ୟ, ପଲିସୀ ବଜାର ଆଜି ସୁଦ୍ଧା ଜେଏଜି ମାଧ୍ୟମରେ କର୍ମଚାରୀଙ୍କୁ ୩୯ଟି ବାସଗୃହ, ୨୪ କାର୍ ଏବଂ ନଗଦ ଅର୍ଥ ପ୍ରୋତ୍ସାହନ ଭଳି ମୋଟ ୪୦ କୋଟି ଟଙ୍କାର ଫାଇଦା ପ୍ରଦାନ କରିଛି। କେବଳ ଜେଏଜିର ୫ମ ସଂସ୍କରଣରେ ୧୦ଜଣ ଆଡଭାଇଜରଙ୍କୁ ବାସଗୃହ ଏବଂ ୮ଜଣ ଆଡଭାଇଜରଙ୍କୁ କାର୍ ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଏଥି ସହ ଆଡଭାଇଜରଙ୍କୁ ସେମାନେ ଏକ ବାସଗୃହ ଅଥବା ଏକ କାର୍ ମାଲିକାନା ହାସଲ କରିଥିଲେ ମଧ୍ୟ ସେମାନଙ୍କ ପ୍ରଦର୍ଶନ ଆଧାରରେ ୧୧କୋଟି ଟଙ୍କା ଅର୍ଥ ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା।

Classified Everyday
0674-2580101, 9692975378



REAL ESTATE
SALE

Resort / Cottage at New Puri 19Lakhs, Sandalwood Project 3Lakhs. 8908113985.
D-1225

**Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668.** D-76287

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ **5K.M 1500sqft.** କିଣି ଘର କରନ୍ତୁ। **7978947520** D-76283

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.**
D-76288

**3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347.** D-1241

କଟକ - ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital- 2** ଏବଂ **Grand Bazar(NH-16)** ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604** D-76281

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

**Duplex sale near AIIMS Hospital Bhubaneswar, apartment Sum Hospital. 9777433701.**
D-76285

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



FOR RENT

3 Office space- 1. 2000sqft. in 1st floor, 2. 780sqft. 2nd floor fully furnished Office, 3. 1000sqft. in 3rd floor at 5- Janpath, Unit-3, Kharvelnagar behind Kalsi petrol pump, Bhubaneswar, Odisha-751001. Readily available to operate. Contact: 9437001845, 7504050186. D-76839

LOST

This is to bring to the notice of the General Public that one ID Card of Mr. Rajesh Ku. Swain issued by ICICI Bank Ltd. having ID Card No.- 2525107 has been found missing and/ or lost on 20.06.2025. Anyone, who finds the said ID Card, is requested to return the said ID Card to the Manager Debt Services & Management Group, ICICI Bank Limited, Bhubaneswar. Therefore, all the customers of ICICI Bank Limited are hereby notified not to make any payment to any unauthorised person holding the said ID Card No.- 2525107. Please take further notice that anybody making payment to any person holding the said ID Card shall do so at his/her own costs, risk and peril and ICICI Bank shall not be bound and/or responsible for any payment.
Date:20.06.2025
Place:
D-1238

AFFIDAVIT

By virtue of an affidavit sworn before Executive Magistrate, Bheden, dated- 08.07.2025, I, Jagannath Barik, Address: At/P.O.- Ainlapali, P.S.- Bheden, Dist.- Bargarh, PIN- 768104 declare that I have changed my daughter's name from Shree to Tanushree Rani Barik. Henceforth, she shall be known as Tanushree Rani Barik for all purposes. D-1240

I, Jagdish Kumar Jena, S/o- Gayadhar Jena, resident of B-401, Snehalata Apartment, Vivekananda Marg, Nageswartangi, Bhubaneswar, P.O.- Old Town, P.S.- Shree Lingaraj, Dist.- Khordha, PIN- 751002, Odisha declare by this affidavit No.- 649, dtd. 08.07.2025. That now onwards I shall be known as JAGADISH KUMAR JENA for all future purposes. D-1246

By virtue of an affidavit sworn before the Notary Public, Balangir, No.- 4478, date- 16.05.25, I, Sangita Gadtya, W/o. Sarjan Barik, R/o. Village- Khairmal Mundapala, P.O.- Kulutapada, P.S.- Tusura, Dist.- Balangir- 767067, declare that I have changed my name from Sangita Barik to Sangita Gadtya. Henceforth I shall be known as Sangita Gadtya for all purposes.
Sangita Gadtya
D-1242

I, Murttiala Jagadamba, W/o- Late Venkat Rama Rao Mutiala, resident of Village- Saraspali, P.O.- Sankirda, P.S.- Bheden, Dist.- Bargarh, PIN- 768103, Odisha, declare by this affidavit No.- 24, dtd- 04.05.2025, that now onwards, I shall be known as Mutiala Jagadamba for all future purposes. D-1243

I, Akshya Kumar Sahoo, S/o. Late Raghunath Sahoo, At/ P.O.- Barpali, Ward No.- 2, P.S./- Tah Barpali, Dist.- Bargarh, do hereby changed my name from Akshay Kumar Sahu to Akshya Kumar Sahoo, by virtue of an affidavit sworn before Notary Public Barpali on dt- 09.07.2025.
Akshya Kumar Sahoo
D-1241

By virtue of an affidavit sworn before the Executive Magistrate, Bhubaneswar on dtd- 13.03.2025. I, Smruti Sudipta Tripathy, W/o- Bishnu Prasad Tripathy resident of Plot- 59, Goutam Nagar, Bhubanewar, PIN- 751014, Odisha, declare that I have change my name from Smruti Sudipta Panda to Smruti Sudipta Tripathy. Henceforth, I shall be known as Smruti Sudipta Tripathy for all purposes. D-1240

By virtue of an affidavit sworn before the Notary Public. Muniguda on dated- 07.07.2025, (SL No.- 569/25), I, Saira Hadrenga of Village- Tagapankal, P.O.- Chandrapur, P.S.- Chandrapur, Dist.- Rayagada, declare that I have changed my name from Saira Banu to Saira Hadrenga. Henceforth, I shall be known as Saira Hadrenga for all purposes.
Saira Hadrenga
D-1244

LEGAL NOTICE

IN THE COURT OF THE ADDL SUB COLLECTOR, CUTTACK.
Remand Revision Petition No.- 2292/2001
Abdul Uhab Khan & Others ....Petitioners
Vrs
Punananda Malik & Others ....Opp. parties
Summons/Notice for service by Advertisement in a Daily Oriya News Paper (O.V.R.20 of CPC)
To
1. Puni Bibi, D/o-Late Rasid Khan, Address- Kakatpur, Dist.- Puri, 2. Rehmat Khan, S/o-Late Rasid Khan, At- Majhikhanda, P.O.-Niali, Dist.- Cuttack, 3. Kuni Bibi, D/o- Late Rasid Khan, At- Majhikhanda, P.O.-Niali, Dist- Cuttack, 4. Rajani Bibi, D/o-Late Rasid Khan, Address- Uttarpradesh
Whereas, the petitioners have instituted the above mentioned Consolidation Case U/s 37(2) of the OCH. & PFL. Act, 1972 against the Hal Khata No.- 315, Plot No.- 867, Area A0.18 dec. of Mouza Badakorkor, P.S.- Govindpur, Dist.- Cuttack. You are hereby summoned to appear in this Court either in person or by a pleader on dt. 24.07. 2025 at about 11 O' clock to answer the same, failing which the remand revision petition will be disposed up in accordance with law.
Given under my hand and the seal of the Court this 07th July, 2025
By the order of
07.07.2025
Sd./- Addl. Sub-Collector, Cuttack Sadar.
Place- Cuttack
Date-07.07.2025
D-1245

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

Letter No.-1159, dt- 17.06.2025
ମାନ୍ୟବର ଆଡିସନାଲ୍ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଆଡ଼ିସନାଲ୍ ରିଭିଜନ୍ କୋର୍ଟ ନଂ- ୪ଙ୍କ ଅଦାଲତ, ଭୁବନେଶ୍ୱର, ଓ.ଏସ୍.ଏସ୍. କେଶ ନଂ- ୨୫୫/୨୦୨୪
ପ୍ରଶାନ୍ତ କୁମାର ନାୟକ ...ବାଦୀ/ଦରଖାସ୍ତକାରୀ
ବନାମ
ବିକ୍ରମ କେଶରୀ ରାୟ ଓ ଅନ୍ୟମାନେ ପ୍ରତିବାଦୀମାନେ/ଅପରପକ୍ଷ
ପ୍ରାପ୍ତେଷୁ,
୧. ବିକ୍ରମ କେଶରୀ ରାୟ, ପିତା- ୰ଗୋବିନ୍ଦ ଚନ୍ଦ୍ର ରାୟ, ସା/ପୋ: ବଡ଼ହାଟ, ତ୍ରିଲୋଚନପୁର, ଥାନା- ଅଗରପଡ଼ା, ଜିଲ୍ଲା- ଭଦ୍ରକ, ୨. ଉମେଶ ଚନ୍ଦ୍ର ସାମନ୍ତରାୟ, ପିତା- ୰ସର୍ବେଶ୍ୱର ସାମନ୍ତରାୟ, ପୋଷ୍ୟ ପିତା- ୰ଜୋଗେନ୍ଦ୍ରନାଥ ବଡ଼ଜେନା, ସା/ପୋ/ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୩. ପ୍ରସନ୍ନ କୁମାର ସାମନ୍ତରାୟ, ପିତା- ୰ସର୍ବେଶ୍ୱର ସାମନ୍ତରାୟ, ସା/ପୋ/ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୪. ମହେଶ୍ୱର ସାମନ୍ତରାୟ, ପିତା- ମଧୁସୂଦନ ସାମନ୍ତରାୟ, ସା/ପୋ- ଗଡ଼ କସନ୍ଦା, ଥାନା- ରଣପୁର, ଜିଲ୍ଲା- ନୟାଗଡ଼, ...ପ୍ରତିବାଦୀ ନଂ.- ୧ରୁ ୪
ନୋଟିସ୍
ସିପିସି ଅର୍ଡର ନଂ. ୫, ରୁଲ୍ ୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ୍ କମିଶନର, ଆଡିସନାଲ୍ ରିଭିଜନ କୋର୍ଟ ନଂ. ୪, ଭୁବନେଶ୍ୱର ଅଦାଲତରେ ବାଦୀ, ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ଼ ପାଇଁ ଉପଯୁକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୧ ଠାରୁ ୪ଙ୍କ ଠିକଣାରେ ନୋଟିସ୍ ରେଜିଷ୍ଟ୍ରି ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ୍ ବିନା ଜାରି ହୋଇ ଫେରି ଆସିଥିଲା।
ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ. ୧ ଠାରୁ ୪ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି କି ଯେ, ଉପରୋକ୍ତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ୍ ରିଭିଜନ୍ କୋର୍ଟ ନଂ. ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ତା୧୮।୦୮।୨୦୨୫ରିଖ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।
ତଫସିଲ ବୃତ୍ତି
ଜିଲ୍ଲା- ଖୋର୍ଦ୍ଧା, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ମୌଜା- ଭୁଆସୁଣୀ, ସାବକ ଖାତା ନଂ.- ୧୨୧, ପ୍ଲଟ୍ ନଂ.-୫୬୨ ଏହାର ହାଲ୍ ଖାତା ନଂ.-୬୪୩, ପ୍ଲଟ୍ ନଂ.-୨୫୦୧, ମୋଟ୍ ଏରିଆ- ଏ୧.୩୦୬ଡି. ସ୍ୱଧରୁ ଏରିଆ- ଏ୦.୧୦୦ଡି., ଏହା ସବ୍ ପ୍ଲଟ୍ ନଂ.- A। ଚୌହଦୀ: ଉତ୍ତର- ସବ୍ ପ୍ଲଟ୍ ନଂ.- J, ଦକ୍ଷିଣ- ପ୍ଲଟ୍ ନଂ.- ୫୬୩, ପୂର୍ବ- ସବ୍ ପ୍ଲଟ୍ ନଂ.- B, ରାସ୍ତା, ପଶ୍ଚିମ- ସରକାରୀ ରାସ୍ତା।
ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ. ୧ ରୁ ୪ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।
ସ୍ୱା./- ଆଡିସନାଲ ରିଭିଜନ୍ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୨୩୯

# ସହଭାଗିତାରେ ବ୍ୟବସାୟର ସମ୍ପ୍ରସାରଣ

ଭୁବନେଶ୍ୱର,୧୦।୭

ବର୍ତ୍ତମାନ ସମୟରେ ଗ୍ରାହକ ଅନ୍‌ଲାଇନ କାରବାରକୁ ଅଧିକ ପସନ୍ଦ କରୁଥିଲାବେଳେ ଉପଭୋକ୍ତାଙ୍କ ଚାହିଦା ଅନୁଯାୟୀ କମ୍ପାନୀଗୁଡିକ ମଧ୍ୟ ଅନ୍‌ଲାଇନରେ ବ୍ୟବସାୟ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଫଳରେ ସହଭାଗିତା ମାଧ୍ୟମରେ କମ୍ପାନୀଗୁଡିକ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ପସନ୍ଦ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମିଶୋ ସହ ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଏବଂ କେନଭ୍ୟୁ ଇଣ୍ଡିଆ ସହଭାଗିତା ସ୍ଥାପନ କରିଛନ୍ତି। ସାରା ଭାରତର ଗ୍ରାହକମାନଙ୍କୁ ଦୈନନ୍ଦିନ ସୁସ୍ଥତା, ପାନୀୟ ଏବଂ ବ୍ୟକ୍ତିଗତ ଯତ୍ନ ଉତ୍ପାଦର ଏକ ବିସ୍ତୃତ ଚୟନ ପ୍ରଦାନ କରିବା ପାଇଁ ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଏବଂ କେନଭ୍ୟୁ ଇଣ୍ଡିଆ ମିଶୋ ମଲ୍‌ରେ ଯୋଗଦାନ କରିଛନ୍ତି, ଯାହାକି ଗ୍ରାହକମାନଙ୍କୁ ବ୍ୟକ୍ତିଗତ ଯତ୍ନଠାରୁ ଆରମ୍ଭକରି ସୁସ୍ଥତା ଏବଂ ପାନୀୟ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଦୈନନ୍ଦିନ ଆବଶ୍ୟକ ସାମଗ୍ରୀର ସହଜ ପ୍ରବେଶ ପ୍ରଦାନ କରିବ। ଏହା ମାଧ୍ୟମରେ ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଏବଂ କେନଭ୍ୟୁ ଇଣ୍ଡିଆର ପ୍ରମୁଖ ଉତ୍ପାଦଗୁଡ଼ିକ ବର୍ତ୍ତମାନ ଅନେକ ଲକ୍ଷ ମିଶୋ କ୍ରେତାଙ୍କ ପାଇଁ ସହଜରେ ଉପଲବ୍ଧ ହେବ। ଟାଟା କଞ୍ଜ୍ୟୁମର ପ୍ରଡକ୍ଟ ଏବଂ କେନଭ୍ୟୁ ଇଣ୍ଡିଆ ମିଶୋ ସହ ସେମାନଙ୍କର ସହଭାଗିତାକୁ ଆହୁରି ଘନିଷ୍ଠ କରିବା ସହ ସେମାନେ ଡିଜିଟାଲ- ପ୍ରଥମ ଗ୍ରାହକଙ୍କ ଏକ ଦ୍ରୁତ-ବର୍ଦ୍ଧିଷ୍ଣୁ ଏବଂ ବିବିଧ ଆଧାରରେ ପହଞ୍ଚି ପାରୁଛନ୍ତି।

ବିଶେଷଜ୍ଞଙ୍କ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶରତ ଚନ୍ଦ୍ର ମହାପାତ୍ର
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୩।୦୪।୧୯୪୪
ତିରୋଧାନ: ୦୧।୦୭।୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମେ ଆମକୁ ଛାଡି ଚାଲିଜିବା ଟା ବିଧି ନିର୍ଦ୍ଦିଷ୍ଟ ଥିଲା। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ଉପରେ ସଦା ସର୍ବଦା ଥାଉ। ଶ୍ରୀଜଗନ୍ନାଥ ମହାପ୍ରଭୁ ତୁମର ପବିତ୍ର ଆତ୍ମା କୁ ଶାନ୍ତି ଦିଅନ୍ତୁ।
-:ଶୋକସନ୍ତପ୍ତ:-
ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୧୨୪୭

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୧୦।୭ (ଅଭୟ ଦାଶ)

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୩୪୬ (୩୪୫.୮୦) ପଏଣ୍ଟ ହ୍ରାସ ଘଟି ୮୩,୧୯୦ (୮୩,୧୯୦.୨୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୨୧ (୧୨୦.୮୫) ପଏଣ୍ଟ କମି ୨୫,୩୫୫ (୨୫,୩୫୫.୨୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଶକ୍ତି ଖର୍ଚ୍ଚରେ ୩୦% ହ୍ରାସ

ଭୁବନେଶ୍ୱର,୧୦।୭

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଭିଟ୍ରିଫାଇଡ୍ ଏବଂ ଚମକଦାର ଟାଇଲ୍ସ ଉତ୍ପାଦନକାରୀ ଏକ୍ସଜାରୋ ଟାଇଲ୍ସ ଲିମିଟେଡ୍ ଗୁଜରାଟର ଇଦରର ଗୋରୋଲଠାରେ ଏକ ୫ ମେଗାୱାଟ ଡିସି ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଘୋଷଣା କରିଛି। ଉକ୍ତ ପ୍ରକଳ୍ପରେ ବର୍ତ୍ତମାନ ବାର୍ଷିକ ପ୍ରାୟ ୨୧ ନିୟୁତ ବିଦ୍ୟୁତ୍ ୟୁନିଟ୍ ବ୍ୟବହାର ହେଉଛି। ଫଳରେ ସୌର ଶକ୍ତି ବର୍ତ୍ତମାନ କାର୍ଯ୍ୟକୁ ସମର୍ଥନ କରୁଥିବାରୁ କମ୍ପାନୀ ବାର୍ଷିକ ପ୍ରାୟ ୫.୬୭ କୋଟି ଟଙ୍କା ସଞ୍ଚୟ କରିବ ବୋଲି ଆଶା କରୁଛି, ଯାହାଦ୍ୱାରା ୟୁନିଟ୍‌ରେ ଶକ୍ତି ଖର୍ଚ୍ଚରେ ୩୦% ହ୍ରାସ ଘଟିବ। ଏକ୍ସଜାରୋ ଟାଇଲ୍ସ ଲିମିଟେଡ୍‌ର ଏମ୍‌ଡି ମୁକେଶ କୁମାର ବି ପଟେଲ କହିଛନ୍ତି, ସୌର ପ୍ରକଳ୍ପ ଆମର ବ୍ୟବସାୟିକ କାର୍ଯ୍ୟକୁ ବିଶ୍ୱସ୍ତରୀୟ ସ୍ଥାୟିତା ଲକ୍ଷ୍ୟ ସହିତ ଯୋଡ଼ିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହୋଇଥିଲାବେଳେ ଏହା କେବଳ ଆମର ଖର୍ଚ୍ଚ ଦକ୍ଷତାକୁ ସୁଦୃଢ଼ କରେ ନାହିଁ ବରଂ ସ୍ୱଚ୍ଛ ଶକ୍ତି ଏବଂ ପରିବେଶ ଦାୟିତ୍ୱ ପ୍ରତି ଆମର ପ୍ରତିବଦ୍ଧତାକୁ ମଧ୍ୟ ଦର୍ଶାଏ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଅତୁଳନୀୟ ନୀରଜ

**ଜାଭେଲିନ୍ ଷ୍ଟାର ନୀରଜ ଚୋପ୍ରା ଭାରତ ପାଇ ଯେଉଁ ସଫଳତା ଅର୍ଜନ କରିଛନ୍ତି ତାହା ଅତୁଳନୀୟ। ଅଲିମ୍ପିକ୍ସ ଟାଇଟଲ ହେଉ କି ବିଶ୍ୱ ଚାମ୍ପିୟନଶିପ୍ ସବୁଥିରେ ସ୍ଥିର ପ୍ରଦର୍ଶନ ଦେଇ ସେ ଅନେକ କିଛି ପ୍ରମାଣ କରିଛନ୍ତି। ବହୁ ପ୍ରତୀକ୍ଷିତ ୯୦ ମିଟର ଦୂରତା ଅତିକ୍ରମ କରିବା ପରେ ସେ ସର୍ବଦା ଚର୍ଚ୍ଚାରେ ରହି ଆସିଛନ୍ତି...**



ନୀରଜ ଚୋପ୍ରା



ଏନ୍‌ସି କ୍ଲାସିକରେ ପ୍ରଥମ ୩ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ

ନୀରଜ ଚୋପ୍ରା ଭାରତର ଗର୍ବ ଓ ଗୌରବ। ଏହା ପଛରେ ଯେଉଁ ସଫଳତା ରହିଛି ତାହା ଅଦ୍ୱିତୀୟ। ଅଲିମ୍ପିକ୍ସ ଟାଇଟଲ ହେଉ କି ରନରଅପ୍ ସଫଳତା ସେସବୁ ନୀରଜଙ୍କର ସ୍ଥିର ପ୍ରଦର୍ଶନର ପ୍ରମାଣ ବହନ କରେ। କ୍ରମାଗତ ୨୪ଟି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ସେ ଯେଉଁ ଚାଲେଞ୍ଜ ରଖିଛନ୍ତି ତାହା ଅଭେଦ୍ୟ ବୋଲି ପ୍ରତିଦ୍ୱନ୍ଦ୍ୱୀମାନେ ସ୍ପଷ୍ଟ ଅଛନ୍ତି। ଜୁଲାଇ ୫ରେ ବେଙ୍ଗାଲୁରୁ ଶ୍ରୀ କାନ୍ତିରେଭା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି 'ନୀରଜ ଚୋପ୍ରା କ୍ଲାସିକ୍'। ଏଠାରେ ମଧ୍ୟ ନୀରଜ ତାଙ୍କ ସଫଳତାର ସ୍ୱାକ୍ଷର ଛାଡ଼ିଥିଲେ। ସେ ୮୬.୧୮ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ଚାମ୍ପିୟନ ହୋଇଥିଲେ। କେନିଆର ଜୁଲିଅସ ୟେଗୋ ୮୪.୫୧ ମିଟର ଓ ଶ୍ରୀଲଙ୍କାର ରମେଶ ପଥିରାଗେ ୮୪.୩୪ ମିଟର ଦୂରକୁ ଫିଙ୍ଗି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେପ୍ଟେମ୍ବରରେ ଜାପାନରେ ଅନୁଷ୍ଠିତ ହେବ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍। ଏହାକୁ ଲକ୍ଷ୍ୟରେ ରଖି ନୀରଜ ସମ୍ପ୍ରତି ପ୍ରସ୍ତୁତିରେ ଅଛନ୍ତି। ଭାରତରେ ଜାଭେଲିନ୍ କ୍ରୀଡ଼ାର ପ୍ରସାରରେ ନୀରଜଙ୍କ ଅବଦାନ ସମ୍ପର୍କରେ **ଇଭାନ୍ କୁମାର ସାହୁଙ୍କ** ଆଲେଖ୍ୟ...

ହରିୟାଣାର ପାନିପଥ ନିବାସୀ ଅଲିମ୍ପିଆନ୍ ନୀରଜ ଚୋପ୍ରା ଜଣେ ଜାଭେଲିନ୍ ଷ୍ଟାର୍। ତାଙ୍କ ଯୋଗୁ ଜାଭେଲିନ୍ ପରି ଏକ ପ୍ରମୁଖ ଦୌଡ଼କୁଦ କ୍ରୀଡ଼ା ଭାରତରେ ପ୍ରସାର ଲାଭ କରିପାରିଛି। ପୁରୀ ଜିଲା ବ୍ରହ୍ମଗିରିର କିଶୋର ଜେନା ଏହାର ଜଣେ ଉତ୍କୃଷ୍ଟ ନମୁନା। ନୀରଜ ଦୁଇଟି ଲଗାତର ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବାରେ ଭାରତର ପ୍ରଥମ ଆଥ୍‌ଲେଟ। ତେବେ ୯୦ ମିଟର ଦୂରତା ହାସଲ ୨୭ ବର୍ଷୀୟ ନୀରଜଙ୍କ ପାଇଁ ଏକ ଚାଲେଞ୍ଜ ହୋଇ ରହିଥିଲା। ସେ ୮୯.୯୪ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ୨୦୨୨ ଷ୍ଟକ୍‌ହୋମ୍ ଡାଇମଣ୍ଡ ଲିଗ୍ ଆଥ୍‌ଲେଟିକ୍ସ ମିଟ୍‌ରେ ଚାମ୍ପିୟନ ହୋଇଥିଲେ। ଏହା ଥିଲା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ହିମାଚଳ ପ୍ରଦେଶର ହିମାନୀ ମୋର୍ ଜଣେ ପୂର୍ବତନ ଟେନିସ ଖେଳାଳି। ଏବେ ସେ ଟେନିସ କ୍ରୀଡ଼ା ପରିଚାଳିକା ଭୂମିକାରେ ଅବତୀର୍ଣ୍ଣ। ନୀରଜ-ହିମାନୀ ସମ୍ପର୍କ ବହୁ ପୁରୁଣା। ପ୍ରେମୀ ଯୁଗଳ ଚଳିତ ବର୍ଷ ଜାନୁଆରୀ ୧୬ରେ ହିମାଚଳର ଶିମଲାରେ ବିବାହ କଲେ। ହିମାନୀ ନୀରଜଙ୍କ ପରି ଜଣେ ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ପତ୍ନୀ ହେବା ପରେ ଏହା ନୀରଜଙ୍କ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଥିଲା। ଚଳିତ ବର୍ଷ ପ୍ରାରମ୍ଭରେ ନୀରଜ ଚେକ୍ ରିପବ୍ଲିକ୍‌ର ଅଲିମ୍ପିକ୍ ଚାମ୍ପିୟନ୍ ଜାନ୍ ଜାଲେଜ୍‌ନୀଙ୍କୁ ପ୍ରଶିକ୍ଷକ ଭାବେ ନେଇଥିଲେ। ନୂଆ ପ୍ରଶିକ୍ଷକ ସାଙ୍ଗକୁ ନୂଆ ବୈବାହିକ ଜୀବନ ଆରମ୍ଭ ପରେ ନୀରଜ ଏପ୍ରିଲରେ ହିଁ ବର୍ଷର ପ୍ରଥମ ଟାଇଟଲ ହାସଲ କଲେ। ଦକ୍ଷିଣ ଆଫ୍ରିକାର ପୋଟ୍ଚ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟରେ ଚାମ୍ପିୟନ ହେଉ ହେଉ ମେ' ମାସରେ ଦୋହା ଡାଇମଣ୍ଡ ଲିଗ୍ ଚରଣ ଅନୁଷ୍ଠିତ ହେଲା। ଏଠାରେ ନୀରଜ ଓ ଜର୍ମାନୀର ଜୁଲିଆନ ୱେବରଙ୍କ ମଧ୍ୟରେ ମୁଖ୍ୟତଃ ମୁକାବିଲା ହୋଇଥିଲା। ୱେବରଙ୍କୁ ନୀରଜ ହରାଇ ପାରି ନ ଥିଲେ ବି ତାଙ୍କର ବହୁ ପ୍ରତୀକ୍ଷିତ ୯୦ ମିଟର ଦୂରତା ହାସଲ କଲେ। ନୀରଜ ୯୦.୨୩ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗିଥିଲେ, ମାତ୍ର ୱେବର ୯୧.୦୬ ମିଟର ହାସଲ କରି ଚାମ୍ପିୟନ୍ ହୋଇଥିଲେ। ବିଶ୍ୱ ୯୦ ମିଟର କ୍ଲବରେ ଥିଲେ ୨୪ ଜଣ ଜାଭେଲିନ୍ ଥ୍ରୋୟର। ନୀରଜ ଏମାନଙ୍କ ସହିତ କାନ୍ଧ ମିଳାଇଛନ୍ତି। ଏସିଆର ୨ ଜଣ ଖେଳାଳି ପାକିସ୍ତାନର ଅର୍ସଦ୍ ନଦୀମ୍ (୯୨.୯୭ ମି.) ଓ ଚାଇନିଜ୍ ତାଇପେର ଚାଓ ତାଇସୁନ୍ ଗେଙ୍ଗ୍ (୯୧.୩୬ ମି.) ଏହି କ୍ଲବ୍‌ରେ ଥିଲେ। ଜୁନ୍ ୨୦ରେ ଅନୁଷ୍ଠିତ ହେଲା ପ୍ୟାରିସ ଡାଇମଣ୍ଡ ଲିଗ୍ ପ୍ରତିଯୋଗିତା। ଏଥିରେ ନୀରଜଙ୍କୁ ମିଶାଇ ୯୦ ମି. କ୍ଲବରେ ଥିବା ୫ ଆଥ୍‌ଲେଟ ଭାଗ ନେଇଥିଲେ। ମାତ୍ର ନୀରଜ ୱେବରଙ୍କ ଉପରେ ଭାରି ପଡ଼ିଥିଲେ। ୮୮.୧୬ ମି. ଦୂରତା ହାସଲ କରି ନୀରଜ ଚାମ୍ପିୟନ ଏବଂ ୮୭.୮୮ ମି. ସହ ୱେବର ରନରଅପ ହୋଇଥିଲେ। ଚଳିତ ବର୍ଷ ନୀରଜଙ୍କର ଏହା ଦ୍ୱିତୀୟ ଚାମ୍ପିୟନଶିପ୍ ଟାଇଟଲ।

ନୀରଜଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୭ରେ। ଜୁନିୟର ବିଶ୍ୱ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍‌ରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ଜିଣିଥିଲେ। ସେହି ବର୍ଷ ପ୍ରଥମ ଥର ପ୍ୟାରିସ ଡାଇମଣ୍ଡ ଲିଗ୍‌ରେ ଯୋଗ ଦେଇ ୫ମ ସ୍ଥାନରେ ରହିଥିଲେ। ବିଶ୍ୱର ବିଜୟ ହାସଲ ରେକର୍ଡ ନୀରଜଙ୍କ ନାମରେ ଅଛି। ଜୁନିୟର ଓ ସିନିୟର ବିଶ୍ୱ ଚାମ୍ପିୟନ୍ ନୀରଜ କ୍ରମାଗତ ୨୪ ପ୍ରତିଯୋଗିତାରେ ପଦକ ବିଜୟୀ ହୋଇ ଭାରତରେ 'ଗୋଲ୍‌ଡେନ ବୟ' ନାମରେ ପରିଚିତ। ସୁଇଜରଲାଣ୍ଡର ଲୌସାନେ, ଜର୍ମାନୀର ଜୁରିଚ୍ ଓ ପୋଲାଣ୍ଡର ଜାନୁଜ୍ କୁସୋସିନ୍‌ସ୍କି ଆମନ୍ତ୍ରଣୀୟ ଟୁର୍ନାମେଣ୍ଟ ମଧ୍ୟ ନୀରଜଙ୍କର ଏକ ସଫଳ କ୍ଷେତ୍ର। ଜୁଲିଆନଙ୍କୁ ବାଦ୍ ଦେଲେ ଗ୍ରେନେଡାର ଅଣ୍ଡରସନ୍ ପିଟର୍ସ, ବ୍ରାଜିଲର ଲୁଇସ ମୁରାସିଓ ଡି' ସିଲ୍‌ଭା, ଆଡ୍ରିଆନ୍ ମାଇ ଦେରା, କେନିଆର ଜୁଲିୟସ ୟୋଗୋ ଓ ଜର୍ମାନୀର ଥୋମାସ୍ ରୋଲର ହେଉଛନ୍ତି ନୀରଜ ଚୋପ୍ରାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ। ୱାର୍ଲ୍ଡ ଆଥ୍‌ଲେଟିକ୍ସ ବିଶ୍ୱ ର‌୍ୟାଙ୍କିଙ୍ଗ୍ ତାଲିକାର ୧ ନଂ. ସ୍ଥାନକୁ ଫେରିଛନ୍ତି ସେ। ଗ୍ରେନେଡାର ଅଣ୍ଡରସନ୍ ପିଟର୍ସ, ଜର୍ମାନୀର ୱେବର, ପାକିସ୍ତାନର ଅର୍ସାଦ୍ ନଦୀମ ଓ କେନିଆର ଜାକ୍ୟୁବ୍ ବଦଲେଚ୍ ଯଥାକ୍ରମେ ଦ୍ୱିତୀୟରୁ ୫ମ ସ୍ଥାନରେ ଅଛନ୍ତି।

ହରିୟାଣାର ପାନିପଥ ନିବାସୀ ଏହି ମହାନ୍ ଖେଳାଳି ଜାଭେଲିନ୍ କ୍ରୀଡ଼ାର ଶ୍ରୀବୃଦ୍ଧି କରି ହାସଲ କରିଛନ୍ତି ଅନେକ ଅର୍ଥ ପୁରସ୍କାର ଓ ପ୍ରଶଂସା। ଅର୍ଜୁନ ପୁରସ୍କାର, ଖେଳରତ୍ନ ଓ ପଦ୍ମଶ୍ରୀ ଉପାଧି ଅନ୍ୟତମ। ପାନିପଥସ୍ଥିତ ଡିଏଭି କଲେଜ ଓ ଲଭ୍‌ଲୀ ପ୍ରଫେଶନାଲ ବିଶ୍ୱବିଦ୍ୟାଳୟରେ ପଢ଼ିଥିଲେ। ସାମରିକ କ୍ଷେତ୍ରରେ ପରମ ବିଶିଷ୍ଟ ସେବା ପଦକ ହାସଲ ସହ ଅବୈତନିକ ଲ୍ୟୁଟନାଣ୍ଟ କଲୋନେଲ ପଦବୀରେ ଅଛନ୍ତି। ପ୍ରତିବନ୍ଧ ନୀରଜ ତାଙ୍କ ୧.୮୬ ମିଟର ଉଚ୍ଚତା, ୮୬ କେଜି ଓଜନ ଓ ସର୍ବୋପରି ସୌମ୍ୟ ରୂପ ଓ ବିପୁଳ ସଫଳତା ଯୋଗୁ ଆଜି ସାରା ବିଶ୍ୱରେ ପରିଚିତ। ନୀରଜଙ୍କ ଜନପ୍ରିୟ ବ୍ୟକ୍ତିତ୍ୱ ଭାରତର ସୁନାମ ବୃଦ୍ଧି କରିଛି। ଦେଶ, ବିଦେଶରେ ସେ ୨୦ରୁ ଅଧିକ ବ୍ରାଣ୍ଡ ଉତ୍ପାଦ ପାଇଁ ବିଜ୍ଞାପନ ଫିଲ୍ମରେ ଅଭିନୟ କରିଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଓ ପରବର୍ତ୍ତୀ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ରୌପ୍ୟ ପଦକ ଜିତିବା ପରେ ନୀରଜଙ୍କ ଅନ୍ତର୍ଜାତୀୟ ସ୍ତରର ବ୍ୟକ୍ତିତ୍ୱ ବେଶ୍ ଉର୍ଦ୍ଧ୍ୱକୁ ଯାଇଥିଲା।

**ଏନ୍‌ସି କ୍ଲାସିକ୍ ପଦକ ବିଜେତା**
ସ୍ୱର୍ଣ୍ଣ: ନୀରଜ ଚୋପ୍ରା (୮୬.୧୮ ମିଟର)
ରୌପ୍ୟ: ଜୁଲିଅସ ୟେଗୋ (୮୪.୫୧ ମିଟର)
ବ୍ରୋଞ୍ଜ: ରମେଶ ପଥିରାଗେ (୮୪.୩୪ ମିଟର)

---

**ଲିଙ୍ଗ ଯୋଗ୍ୟତା ମାମଲା**

## ସିମେନ୍ୟାଙ୍କୁ ନିରପେକ୍ଷ ଶୁଣାଣି ମିଳି ନାହିଁ: କୋର୍ଟ

**ଜେନେଭା, ୧୦।୭ (ଏପି):** ଦୁଇ ଥରର ଅଲିମ୍ପିକ ଚାମ୍ପିୟନ ରନର କାଷ୍ଟର ସିମେନ୍ୟାଙ୍କୁ ୟୁରୋପିଆନ ମାନବାଧିକାର କୋର୍ଟରେ ଗୁରୁବାର ଟ୍ରାକ୍ ଓ ଫିଲ୍ଡର ଲିଙ୍ଗ ଯୋଗ୍ୟତା ନିୟମ ବିରୋଧରେ ୭ ବର୍ଷ ଧରି ଚାଲିଆସୁଥିବା ମାମଲାରେ ଆଂଶିକ ସଫଳତା ମିଳିଛି। କୋର୍ଟଙ୍କ ୧୭ ଜଣିଆ ଖଣ୍ଡପୀଠ ୧୫-୨ ଭୋଟ ସହ କହିଛନ୍ତି ଯେ ସୁଇଜରଲାଣ୍ଡର ସୁପ୍ରିମକୋର୍ଟରେ



ସେମେନ୍ୟାଙ୍କ ଉପଯୁକ୍ତ ଶୁଣାଣି ଅଧିକାର ଉଲ୍ଲଂଘନ ହୋଇଛି। ଟ୍ରାକ୍ସର ୱାର୍ଲ୍ଡ ଆଥ୍‌ଲେଟିକ୍ସ ସପକ୍ଷରେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ (କାସ୍) ଦ୍ୱାରା ଦିଆଯାଇଥିବା ରାୟକୁ ସେମେନ୍ୟା ସୁଇଜରଲାଣ୍ଡର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତାଙ୍କ ମାମଲାର ଶୁଣାଣି ଏବେ ଲାଉସାନେସ୍ଥିତ ସ୍ୱିସ୍ ଫେଡେରାଲ କୋର୍ଟରେ ହେବ। ପୁରୁଷ କ୍ରୋମୋଜମ ଢାଞ୍ଚା ଓ ପ୍ରାକୃତିକ ଭାବେ ଉଚ୍ଚ ଟେଷ୍ଟୋଷ୍ଟେରନ ସ୍ତର ଥିବା ଖେଳାଳିଙ୍କୁ ମୁକ୍ତ ଭାବେ ମହିଳା କ୍ରୀଡ଼ାରେ ଭାଗ ନେବାକୁ ଅନୁମତି ଦେବା ପାଇଁ ସେମେନ୍ୟା ଟ୍ରାକ୍ସର ପରିଚାଳନାକାରୀ ସଂସ୍ଥାକୁ କାସ୍‌ରେ ଚ୍ୟାଲେଞ୍ଜ କରିଥିଲେ।

---

# ଭାରତୀୟ ଦଳରେ କିଟ୍‌ରୁ ସର୍ବାଧିକ ୪୦ ଖେଳାଳି

**ଭୁବନେଶ୍ୱର, ୧୦।୭ (ତପନ ସ୍ୱାଇଁ)**

ଜର୍ମାନୀର ରାଇନ-ରୁହରଠାରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଚଳିତ ମାସ ୧୬ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଘୋଷିତ ୪୦୭ (କ୍ରୀଡ଼ାବିତ୍, କୋଚ୍ ଓ ଅଫିସିଆଲ) ଜଣିଆ ଭାରତୀୟ ଦଳରେ କିଟ୍ ବିଶ୍ୱବିଦ୍ୟାଳୟରୁ ସର୍ବାଧିକ ୪୦ ସ୍ଥାନ ପାଇଛନ୍ତି। ଚଳିତବର୍ଷ ବିଶ୍ୱବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ବିଭିନ୍ନ ସମୟରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ୧୦୦୦ରୁ ଉର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଦେଶର ୪୦୦ ବିଶ୍ୱବିଦ୍ୟାଳୟ ଏହି ଚୟନ ପ୍ରକ୍ରିୟାରେ ସାମିଲ୍ ହୋଇଥିବା ବେଳେ ଶର୍ଟଲିଷ୍ଟ ଅନୁସାରେ ୭୧ଟି ବିଶ୍ୱବିଦ୍ୟାଳୟରୁ ୩ଶହ ଶ୍ରେଷ୍ଠ କ୍ରୀଡ଼ାବିତ୍ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଚୟନ କରାଯାଇଥିଲା। କିଟ୍‌ର ୪୦ ଖେଳାଳି ୭ଟି କ୍ରୀଡ଼ା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତର କୌଣସି ଗୋଟିଏ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏତେ ସଂଖ୍ୟକ ଖେଳାଳି ପ୍ରତିନିଧିତ୍ୱ କରିବା ଏହା ହେଉଛି ପ୍ରଥମ। କିଟ୍ ପଛକୁ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟରୁ ଦ୍ୱିତୀୟ ସର୍ବାଧିକ ୨୮ ଓ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରୁ ୨୨ ଜଣ ଆଥଲେଟ୍ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ପାଇଁ ଦଳରେ କ୍ରୀଡ଼ା ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କୁ ମିଶାଇ ମୋଟ ୧୦୭ଜଣ ଏହି ଗସ୍ତରେ ସାମିଲ ହୋଇଛନ୍ତି। ସେମାନେ ଖେଳାଳିମାନଙ୍କୁ ବୈଷୟିକ, ଡାକ୍ତରୀ ସେବା ତଥା ଲଜିଷ୍ଟିକ୍ ସହାୟତା ଆଦି ଯୋଗାଇ ଦେବେ। ଭାରତୀୟ ପ୍ରତିନିଧି ଦଳରେ ସାମିଲ ହୋଇଥିବା କ୍ରୀଡ଼ା ଅଧିକାରୀ ଏବଂ ପ୍ରଶିକ୍ଷକଙ୍କ ମଧ୍ୟରେ ରହିଛନ୍ତି ପୂର୍ବତନ ଅଲିମ୍ପିଆନ୍ ଏବଂ ଅର୍ଜୁନ ପୁରସ୍କାର ବିଜେତା ରାହୁଲ ବାନାର୍ଜୀ, ଜାତୀୟ ତୀରନ୍ଦାଜ ପ୍ରଶିକ୍ଷକ ସୁରିନ୍ଦର ସିଂ, ଅନ୍ତର୍ଜାତୀୟ ଆଥ୍‌ଲେଟିକ୍ସ ପ୍ରଶିକ୍ଷକ ସଞ୍ଜୟ ଗଡ଼ନାୟକ, ଅନ୍ତର୍ଜାତୀୟ ଭଲିବଲ୍ ପ୍ରଶିକ୍ଷକ ଲୋଟକ ବିନ୍ଦୁ ଦାଶ ଏବଂ ଅନ୍ତର୍ଜାତୀୟ ଟେନିସ୍ ପ୍ରଶିକ୍ଷକ ଟଡ୍ କ୍ଲାର୍କ ପ୍ରମୁଖ। ଭାରତୀୟ ଦଳରେ ସ୍ଥାନ ପାଇଥିବା କିଟ୍ ବିଶ୍ୱବିଦ୍ୟାଳୟର ଆଥ୍‌ଲେଟ, କୋଚ୍ ଓ ଅଧିକାରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଆଥ୍‌ଲେଟଙ୍କୁ ମନୋବଳ ବଢ଼ାଇଥିଲେ। କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ କ୍ରୀଡ଼ାକୁ ଅଗ୍ରାଧିକାର ସହ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ କିଟ୍ ଓ କିସ୍ କିପରି ଅଗ୍ରଣୀ ଭୂମିକା ନିର୍ବାହ କରି ଆସିଛି ତାହା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ କୁଳପତି ଶରଣଜିତ ସିଂ, କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତି, ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ ଓ ଆଥଲେଟିକ୍ସ ପ୍ରଶିକ୍ଷକ ସଞ୍ଜୟ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କିଟ୍ ଦଳରେ ଓଡ଼ିଶାର ୯ ଖେଳାଳି ଥିବାବେଳେ ଉତ୍କଳରୁ ପ୍ରତ୍ୟାଶା ରାୟ ଓ ସମ୍ବଲପୁରରୁ ଏହସାସ ହୋତା ଭାଗନେବେ। ପ୍ରକାଶଯୋଗ୍ୟ, ୧୯୫୯ରୁ ଆରମ୍ଭ ହୋଇ ଆସୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ୧୭ରୁ ୨୫ ବର୍ଷର ଖେଳାଳି ପ୍ରତିନିଧିତ୍ୱ କରି ଆସୁଛନ୍ତି। କିଟ୍ ପକ୍ଷରୁ ପ୍ରତିନିଧିତ୍ୱ କରି ଦୂତୀ ଚାନ୍ଦ ଏହି ମହା ମଞ୍ଚରେ ପ୍ରଥମ ଭାରତୀୟ ଆଥଲେଟ୍ ଭାବେ ସ୍ୱର୍ଣ୍ଣ ପଦକ ଜିତି ସମସ୍ତଙ୍କୁ ଗର୍ବିତ କରିଛନ୍ତି। ସେହିପରି ଅମ୍ଳାନ ବୋରଗୋହେନ ଓ ପ୍ରିୟଙ୍କା ପ୍ରମୁଖ ମଧ ପଦକ ହାସଲ କରିଛନ୍ତି।



ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା କିଟ୍ ବିଶ୍ୱବିଦ୍ୟାଳୟର ଆଥଲେଟ୍‌ଙ୍କ ସହ ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।

## ସ୍ୱପ୍ନ ସାକାର ହୋଇଛି

"ଆସନ୍ତା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତୀୟ ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ସର୍ବାଧିକ ୪୦ ଖେଳାଳି ସାମିଲ ହୋଇଛନ୍ତି। ଫଳରେ ମୋ ସ୍ୱପ୍ନ ସାକାର ହୋଇଛି ବୋଲି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରକାଶ କରିଛନ୍ତି। ଅନ୍ୟ ସମସ୍ତ ବିଶ୍ୱବିଦ୍ୟାଳୟ ଅପେକ୍ଷା ବିଶ୍ୱ ମଞ୍ଚରେ ଏଠାରୁ ଅଧିକ ଖେଳାଳି ପ୍ରତିନିଧିତ୍ୱ କରିବା ଗର୍ବର କଥା। ରାଜ୍ୟ ହିସାବରେ ଦେଖିବାକୁ ଗଲେ ପଞ୍ଜାବ (୭୨ ଜଣ) ପଛକୁ ଓଡ଼ିଶାରୁ ଦ୍ୱିତୀୟ ସର୍ବାଧିକ ୪୨ ଖେଳାଳି ଭାଗ ନେବାକୁ ଯାଉଛନ୍ତି। କିଟ୍‌ରୁ ୪୦ ଜଣଙ୍କ ସହିତ ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳରୁ ଜଣେ ଲେଖାଏ ଖେଳାଳି ରହିଛନ୍ତି। କିଟ୍ ସର୍ବଦା ଶିକ୍ଷା ସହିତ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେଇ ଆସିଛି। କିଟ୍‌ର କ୍ରୀଡ଼ାବିତ୍ ଯେଭଳି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖେଳିବାର ସୁଯୋଗ ପାଇବା ସହ ସଫଳତା ହାସଲ କରିବେ ସେ ଦିଗରେ ଆମେ ସର୍ବଦା ଯତ୍ନଶୀଳ ରହି ଆସିଛୁ। ଏପରି କି ୨୦୧୯ଠାରୁ ୨୦୨୫ ପର୍ଯ୍ୟନ୍ତ ସମସ୍ତ ଟୁର୍ନାମେଣ୍ଟରେ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ ଏବଂ ପଞ୍ଜୀକରଣ ପାଇଁ ଆବଶ୍ୟକ ଫି' ମଧ କିଟ୍ ପକ୍ଷରୁ ଆଗୁଆ ପଇଠ କରାଯାଇଛି" ବୋଲି ଅଚ୍ୟୁତ ପ୍ରକାଶ କରିଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ଅଚ୍ୟୁତ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି।

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

# ତୃତୀୟ ଟେଷ୍ଟ: ଇଂଲଣ୍ଡ ୧୮୮/୪

**ଲର୍ଡ୍ସ, ୧୦।୭**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାରଠାରୁ ତୃତୀୟ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଯାଇଛି। କିମ୍ବଦନ୍ତୀ ଭାରତୀୟ ବ୍ୟାଟର ସଚିନ ତେନ୍ଦୁଲକର ଘଣ୍ଟି ବଜାଇ ମ୍ୟାଚ୍ ଆରମ୍ଭ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପ୍ରଥମ ଦିନରେ ୫୯ ଓଭର ଶେଷ ସୁଦ୍ଧା ୪ ଉଇକେଟ ହରାଇ ୧୮୮ ରନ କରିଛି। ରିପୋର୍ଟ ଲେଖା ହେବା ବେଳକୁ ଜୋ ରୁଟ ୬୭ ଓ ଅଧିନାୟକ ବେନ ଷ୍ଟୋକ୍ସ ୧୧ ରନରେ ବ୍ୟାଟିଂ କରୁଛନ୍ତି। ଏହି ମ୍ୟାଚ୍ ଲାଗି ଭାରତୀୟ ଦଳରେ କେବଳ ଗୋଟିଏ ପରିବର୍ତ୍ତନ କରାଯାଇଛି। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ବାଦ୍ ଦିଆଯାଇ ତାଙ୍କ ବଦଳରେ ଯଶପ୍ରୀତ ବୁମରାଙ୍କୁ ସାମିଲ କରାଯାଇଛି।

ଟସ୍ ଜିତି ଇଂଲଣ୍ଡ ଅଧିନାୟକ ଷ୍ଟୋକ୍ସ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଚଳିତ ସିରିଜ୍‌ରେ ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ ଲଗାତର ତୃତୀୟ ଥର ପାଇଁ ଟସ୍‌ରେ ହାରିଛନ୍ତି। ଅପେକ୍ଷାକୃତ କମ୍ ବାଉନ୍ସ କରୁଥିବା ପିଚ୍‌ରେ ଜ୍ୟାକ କ୍ରଲି ଓ ବେନ ଡକେଟଙ୍କ ଓପନିଂ ଯୋଡ଼ି ଧୈର୍ଯ୍ୟର ସହ ଭାରତୀୟ ପେସ୍ ଆଟାକ୍‌ର ସମ୍ମୁଖୀନ ହୋଇଥିଲେ। ଦୁହେଁ ପ୍ରଥମ ଉଇକେଟ ପାଇଁ ୪୩ ରନ କରିଥିଲେ। ଦୁଇ ଓପନରଙ୍କୁ ନୀତିଶ କୁମାର ରେଡ୍ଡୀ ଗୋଟିଏ ଓଭରରେ ପାଭିଲିଅନ୍ ପଠାଇଥିଲେ। କ୍ରଲି ୧୮ ଓ ଡକେଟ ୨୩ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଓଲି ପୋପ ଓ ରୁଟ୍ ତୃତୀୟ ଉଇକେଟରେ ୧୦୯ ରନ ଯୋଡ଼ିଥିଲେ। ୪ ଚୌକା ସହ ୪୪ ରନ କରି ସେଟ୍ ଜଣାପଡୁଥିବା ପୋପଙ୍କୁ ରବୀନ୍ଦ୍ର ଜାଡେଜା ଆଉଟ୍ କରିଥିଲେ। ସେହିଭଳି ନୂଆ ୱାର୍ଲ୍ଡ ନଂ-୧ ଟେଷ୍ଟ ବ୍ୟାଟର ହ୍ୟାରୀ ବ୍ରୁକ (୧୧)ଙ୍କୁ ବୁମରା କ୍ଲିନ ବୋଲ୍ଡ କରିଥିଲେ। ଭାରତ ପକ୍ଷରୁ ନୀତିଶ କୁମାର ରେଡ୍ଡୀ ଦୁଇ ଉଇକେଟ ନେଇଥିବା ବେଳେ ବୁମରା ଓ ଜାଡେଜା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।



ନୀତିଶ କୁମାର ରେଡ୍ଡୀ ଉଇକେଟ ନେବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୫୯ ଓଭରରେ ୧୮୮/୪(ଜୋରୁଟ୍-୬୭*, ଓଲିପୋପ-୪୪, ବେନ ଡକେଟ-୨୩, ନୀତି କୁମାର ରେଡ୍ଡୀ-୨/୩୫, ରବୀନ୍ଦ୍ର ଜାଡେଜା-୧/୧୫, ଯଶପ୍ରୀତ ବୁମରା-୧/୩୨)।

## ପନ୍ତ ଆହତ

ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତୀୟ ଉଇକେଟକିପର ରିଷଭ ପନ୍ତ ଆହତ ହୋଇଛନ୍ତି। ଇଂଲଣ୍ଡର ପ୍ରଥମ ଇନିଂସର ୩୪ତମ ଓଭରରେ ଯଶପ୍ରୀତ ବୁମରା ବୋଲିଂ କରୁଥିବା ବେଳେ ଲେଗ୍ ସାଇଡ୍‌ରେ ଯାଇଥିବା ଏକ ବଲକୁ ରୋକିବା ପାଇଁ ପନ୍ତ ଡ୍ରାଇଭ ମାରିଥିଲେ। କିନ୍ତୁ ବଲ ତାଙ୍କ ହାତରେ ବାଜିଥିଲା। ଏଥିଯୋଗୁ ପଡ଼ିଆରେ ତାଙ୍କର ଚିକିତ୍ସା କରାଯାଇଥିଲା। ହେଲେ ତାହାର କୌଣସି ସୁଫଳତା ତାଙ୍କୁ ମିଳି ନ ଥିଲା। ବୁମରାଙ୍କ ଓଭର ଶେଷ ହେବା ପରେ ସେ ଫିଲ୍ଡରୁ ଚାଲି ଯାଇଥିଲେ। ପନ୍ତଙ୍କ ବଦଳରେ ଧ୍ରୁବ ଜୁରେଲ ଉଇକେଟକିପିଂ କରିଥିଲେ, ଯିଏକି ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନାହାନ୍ତି।

## ଇଂଲଣ୍ଡ ବିପକ୍ଷ ଟି୨୦: ଭାରତୀୟ ମହିଳା ଦଳର ପ୍ରଥମ ସିରିଜ୍ ବିଜୟ

**ମାଞ୍ଚେଷ୍ଟର, ୧୦।୭(ପି.ଟି.):** ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ତୃତୀୟ ଟି୨୦ ମ୍ୟାଚ୍‌କୁ ଭାରତୀୟ ଦଳ ୩ ଓଭର ପୂର୍ବରୁ ୬ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୩-୧ରେ ଆଗୁଆ ରହିଛି। ଇଂଲଣ୍ଡ ବିପକ୍ଷରେ ଏହା ଭାରତୀୟ ମହିଳା ଦଳର ପ୍ରଥମ ଟି୨୦ ସିରିଜ୍ ବିଜୟ। ଜବରଦସ୍ତ ବୋଲିଂ ପ୍ରଦର୍ଶନ ଲାଗି ରାଧା ଯାଦବଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୧୨୬ ରନ କରିଥିଲା। ଦଳ ପାଇଁ ସୋଫିଆ ଡଙ୍କଲି ୨୨ ଓ ଟାମି ବେଉମଣ୍ଟ ୨୦ ରନ କରିଥିଲେ। ଭାରତ ପକ୍ଷରୁ ରାଧା ଯାଦବ ଓ ଶ୍ରୀ ଚରାନି ୨ ଲେଖାଏ ଉଇକେଟ ନେଇଥିଲେ। ଜବବାରେ ଭାରତ ୧୭ ଓଭରରେ ୪ ଉଇକେଟରେ ୧୨୭ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପକ୍ଷରୁ ସ୍ମୃତି ମନ୍ଧାନା ୩୨, ଶେଫାଳୀ ବର୍ମା ୩୧ ଓ ଅଧିନାୟକ ହରମନପ୍ରୀତ କୌର ୨୬ ରନ କରି ଆଉଟ୍ ହୋଇଥିବା ବେଳେ ଜେମିମା ରୋଡ୍ରିଗୁଏଜ ୨୪ ରନ କରି ଆଉଟ୍ ହୋଇଥିଲେ। ଇଂଲଣ୍ଡ ଲାଗି ଚାର୍ଲଟ ଡିନ, ସୋଫି ଏଲଲେଷ୍ଟୋନ ଓ ଇସି ୱଙ୍ଗ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଏମ୍‌ସିସି ମ୍ୟୁଜିୟମରେ ତେନ୍ଦୁଲକରଙ୍କ ପ୍ରତିଛବି

**ଲଣ୍ଡନ, ୧୦।୭(ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାର ତୃତୀୟ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ କିମ୍ବଦନ୍ତୀ ଭାରତୀୟ ବ୍ୟାଟର ସଚିନ ତେନ୍ଦୁଲକରଙ୍କ ଏକ ପ୍ରତିଛବି ଲର୍ଡ୍ସସ୍ଥିତ ଏମ୍‌ସିସି ମ୍ୟୁଜିୟମରେ ଉନ୍ମୋଚିତ କରାଯାଇଛି। ୧୮ ବର୍ଷ ତଳେ ନିଆଯାଇଥିବା ଫଟୋରୁ ଷ୍ଟୁଆର୍ଟ ପିଅରସନ ରାଇଟ୍ ଚିତ୍ର କରିଛନ୍ତି। ଏହାକୁ ଏବେ କିଛି ମାସ ପାଇଁ ଏମ୍‌ସିସି ମ୍ୟୁଜିୟମରେ ରଖାଯିବ ଏବଂ ପରେ ଏହାକୁ ପାଭିଲିଅନକୁ ସ୍ଥାନାନ୍ତର କରାଯିବ। ପିଅରସନ ରାଇଟ୍ ପୂର୍ବରୁ କପିଲ ଦେବ, ବିଶନ ସିଂ ବେଦୀ ଓ ଦିଲୀପ ଭେଙ୍ଗସରକାରଙ୍କ ଛବି ଆଙ୍କିଥିଲେ। ଏହି ଅବସରରେ ତେନ୍ଦୁଲକର କହିଛନ୍ତି ଯେ, ଏହା ମୋ ପାଇଁ ବହୁତ ବଡ଼ ସମ୍ମାନ। ୧୯୮୩ରେ ଭାରତ ବିଶ୍ୱକପ୍ ଜିତିଲା ବେଳେ ହିଁ ମୁଁ ଲର୍ଡ୍ସକୁ ପ୍ରଥମ ଥର ଦେଖିଥିଲି। ଆମ ଅଧିନାୟକ କପିଲ ଦେବ ବିଶ୍ୱକପ୍ ଉଠାଉଥିବା ଦେଖିଥିଲି। ସେଠାରୁ ହିଁ ମୋର କ୍ରିକେଟ ଅଭିଯାନ ଆରମ୍ଭ ହୋଇଥିଲା। ଆଜି ମୋ ଛବି ପାଭିଲିଅନରେ ଲାଗିବାକୁ ଯାଉଥିବାରୁ ମୋ ଜୀବନ ପୂରା ହୋଇଥିବା ଅନୁଭବ ହେଉଛି। ଏହା ମୋ ପାଇଁ ଖୁବ୍ ସ୍ୱତନ୍ତ୍ର।




## ଲିଜେଣ୍ଡ ଲିଗ୍ କ୍ରିକେଟ ଫେରିବ

**ନୂଆଦିଲ୍ଲୀ, ୧୦।୭ (ପି.ଟି.)**

ଅବସରପ୍ରାପ୍ତ ଖେଳାଳିମାନଙ୍କୁ ନେଇ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି୨୦ ଇଭେଣ୍ଟ ଲିଜେଣ୍ଡ ଲିଗ୍ କ୍ରିକେଟ ଫେରିବ। ଏହାର ଚତୁର୍ଥ ସିଜନ ନଭେମ୍ବର ୧୯ରୁ ଡିସେମ୍ବର ୧୩ ପର୍ଯ୍ୟନ୍ତ ଭାରତର ୭ଟି ସହରରେ ଅନୁଷ୍ଠିତ ହେବ। ଲିଗ୍ ଚେୟାରମ୍ୟାନ ବିବେକ ଖୁସାଲାନି ଏକ ପ୍ରେସ୍ ଇସ୍ତାହାର ଜରିଆରେ ସୂଚନା ଦେଇଛନ୍ତି। ଇଭେଣ୍ଟର ଅତୀତ ସିଜନଗୁଡ଼ିକରେ ଶିଖର ଧାୱନ, ସୁରେଶ ରାଇନା, ଆରୋନ୍ ଫିଞ୍ଚ, ମାର୍ଟିନ ଗୁପ୍‌ଟିଲ, ଗୌତମ ଗମ୍ଭୀର, ଖ୍ରୀସ୍ ଗେଲ୍, ହାସିମ୍ ଅମ୍ଲା ଓ ରସ୍ ଟେଲଙ୍କ ଭଳି ଖେଳାଳି ସ୍ଥାନ ପାଇଥିଲେ।

# ଫାଇନାଲରେ ଆନିସିମୋଭା

**ଲଣ୍ଡନ, ୧୦।୭**

ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବେଲଡନ ଚାମ୍ପିୟନଶିପ୍‌ରେ ୧୩ତମ ସିଡ୍ ଆମାଣ୍ଡା ଆନିସିମୋଭା ବିପର୍ଯ୍ୟୟ ଘଟାଇ ଫାଇନାଲରେ ପ୍ରବେଶ କରିଛନ୍ତି। ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ପରାଜୟ ସହ ସେମିଫାଇନାଲରୁ ଅଭିଯାନ ଶେଷ କରିଛନ୍ତି।

**ୱିମ୍ବେଲଡନ୍ ଟେନିସ୍**

ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ୍‌ରେ ୨୩ ବର୍ଷୀୟା ଆନିସିମୋଭା ୬-୪, ୪-୬, ୬-୪ ସେଟ୍‌ରେ ସାବାଲେଙ୍କାଙ୍କୁ ପରାସ୍ତ କରିଛନ୍ତି। ପ୍ରାୟ ୩ ଘଣ୍ଟା ଧରି ଚାଲିଥିବା ମ୍ୟାଚ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ବିଜୟରୁ ଅଭିଯାନ ଆରମ୍ଭ କରିଥିବା ଆନିସିମୋଭାଙ୍କୁ ଦ୍ୱିତୀୟ ସେଟ୍‌ରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। କିନ୍ତୁ ତୃତୀୟ ସେଟ୍‌କୁ ଜିତି ସେ କ୍ୟାରିୟରରେ ପ୍ରଥମ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଶନିବାର ଖେଳାଯିବାକୁ ଥିବା ଫାଇନାଲରେ ସେ କାହାକୁ ଭେଟିବେ, ତାହା ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ। କିନ୍ତୁ ଗତ ୭ ବର୍ଷ ଭଳି ଏଥର ମଧ୍ୟ ମହିଳା ସିଙ୍ଗଲ୍ସରେ ନୂଆ ଖେଳାଳି ଚାମ୍ପିୟନ ହେବେ ବୋଲି ସ୍ପଷ୍ଟ ହୋଇଛି।



ମ୍ୟାଚ୍ ଜିତିବା ପରେ ଆମାଣ୍ଡା ଆନିସିମୋଭା।

## ଅଣଖେଳୁଆଡ଼ ବ୍ୟବହାର ଲାଗି ୧୫ ଖେଳାଳି ଦଣ୍ଡିତ

**ଲଣ୍ଡନ, ୧୦।୭(ଏପି):** ବଡ଼ ପାଟିରେ ଖରାପ ଭାଷାରେ ଗାଳି କରିବା, ର୍‌ୟାକେଟ୍ ଭାଙ୍ଗିବା ଓ ଅଣଖେଳୁଆଡ଼ ବ୍ୟବହାର ଲାଗି ଚଳିତ ୱିମ୍ବେଲଡନ ଚାମ୍ପିୟନଶିପ୍‌ରେ ଟେନିସ ଖେଳାଳିଙ୍କୁ ଜରିମାନା କରାଯାଇଛି। ଅଲ୍ ଇଂଲଣ୍ଡ କ୍ଲବ ପକ୍ଷରୁ ନୂଆ ଜରିମାନା ତାଲିକା ଜାରି କରାଯାଇଛି। ଏଥିରେ ୨୦୨୪ ପୁରୁଷ ଡବଲ୍ସ ଚାମ୍ପିୟନ ହେନରୀ ପାଟେନଙ୍କୁ ଗାଳି କରିବା ଲାଗି ୧୨,୫୦୦ ଡଲାର (୧୦.୪୪ ଲକ୍ଷ) ଜରିମାନା କରାଯାଇଛି, ଯାହାକି ସବୁଠୁ ବଡ଼ ଜରିମାନା। ସେ ଗତ ଜୁନ ୨୯ ତାରିଖରେ ପ୍ରାକ୍ଟିସ ଗ୍ରାଉଣ୍ଡରେ ଜଣେ ଷ୍ଟାଫ୍ ସଦସ୍ୟଙ୍କୁ ଗାଳିଗୁଲଜ କରିଥିଲେ। ସେହିଭଳି ଆମାଣ୍ଡା ଆନିସିମୋଭାଙ୍କୁ ଅଣଖେଳୁଆଡ଼ ବ୍ୟବହାର ଲାଗି ୪୦୦୦ ଡଲାର ଜରିମାନା କରାଯାଇଛି। ସମାନ କାରଣ ପାଇଁ ଫ୍ରେଞ୍ଚ ଡବଲ୍ସ ଖେଳାଳି ଥେଓ ଆରିବେଜଙ୍କୁ ୭,୫୦୦ ଡଲାର ଜରିମାନା କରାଯାଇଛି। ମୋଟ ଉପରେ ୭ ପୁରୁଷ ଓ ୮ ମହିଳା ଖେଳାଳିଙ୍କୁ ଜରିମାନା କରାଯାଇଛି।

# ଭାରତ ଏ’ ୬-୦ଗୋଲ୍‌ରେ ବିଜୟୀ

**ଇଣ୍ଡୋଭେନ୍, ୧୦।୭ (ପି.ଟି.)**

ୟୁରୋପିଆନ ଟୁର୍‌ରେ ଭାରତୀୟ ‘ଏ’ ପୁରୁଷ ହକି ଦଳ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛି। ସ୍ଥାନୀୟ ହକି କ୍ଲବ ଓରାଞ୍ଜେ-ରୁଡ୍‌ଠାରେ ଖେଳାଯାଇଥିବା ମ୍ୟାଚରେ ଦଳ ୬-୦ ଗୋଲ୍‌ରେ ଆୟର୍ଲାଣ୍ଡକୁ ହରାଇ ଦେଇଛି। ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚରେ ଭାରତ ‘ଏ’ ଦଳ ୬-୧ ଗୋଲ୍‌ରେ ବିଜୟ ଲାଭ କରିଥିଲା। ଭାରତ ‘ଏ’ ପକ୍ଷରୁ ଉତ୍ତମ ସିଂ ପ୍ରଥମ ଗୋଲ ସ୍କୋର କରିଥିଲେ। ଅଧିନାୟକ ସଞ୍ଜୟ ଗୋଲ୍‌ରେ ଦଳ ୨-୦ଗୋଲରେ ଅଗ୍ରଣୀ ଲାଭ କରିଥିଲା। ପରେ ମିଡ୍‌ଫିଲ୍ଡର ମହମ୍ମଦ ରାହିଲ ମୋସିନ ପଛକୁ ପଛ ଦୁଇଟି ଗୋଲ୍ ସ୍କୋର କରିଥିଲେ। ଅମନଦୀପ ଲାକ୍ରା ଓ ବରୁଣ କୁମାର ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଭାରତ ‘ଏ’ ଏହାର ପରବର୍ତ୍ତୀ ମ୍ୟାଚ ଶନିବାର ଫ୍ରାନ୍ସ ବିପକ୍ଷରେ ଖେଳିବ। ଦଳ ଫ୍ରେଞ୍ଚ୍ ଟିମ୍ ବିପକ୍ଷରେ ଅନୁରୂପ ଭଲ ପ୍ରଦର୍ଶନ କରିବ ବୋଲି କୋଚ୍ ଶିବେନ୍ଦ୍ର ସିଂ ଆଶା ପ୍ରକାଶ କରି କହିଛନ୍ତି। ୟୁରୋପ ଟୁର୍‌ରେ ଥିବା ଭାରତ ଦୁଇ ସପ୍ତାହ ମଧ୍ୟରେ ଆୟର୍ଲାଣ୍ଡ ଓ ଫ୍ରାନ୍ସ ବ୍ୟତୀତ ଇଂଲଣ୍ଡ, ବେଲଜିୟମ ଏବଂ ଆୟୋଜକ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ।

**ୟୁରୋପିଆନ ଟୁର୍**



ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତରେ ଭାରତର ମହମ୍ମଦ ରାହିଲ ମୋସିନ।

## ହକି ଇଣ୍ଡିଆର ୩୩ ଜଣିଆ ସମ୍ଭାବ୍ୟ ତାଲିକାରେ ଓଡ଼ିଶାର ୪

**ବେଙ୍ଗାଲୁରୁ, ୧୦।୭ (ପି.ଟି.):** ଜାତୀୟ ପୁରୁଷ ହକି ଦଳର କୋଚିଂ କ୍ୟାମ୍ପ ଜୁଲାଇ ୧୪ରୁ ଅଗଷ୍ଟ ୭ ପର୍ଯ୍ୟନ୍ତ ସ୍ଥାନୀୟ ସାଇ ସେଣ୍ଟରଠାରେ ଅନୁଷ୍ଠିତ ହେବ। ଏଥିପାଇଁ ହକି ଇଣ୍ଡିଆ ତରଫରୁ ଏକ ୩୩ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅମିତ ରୋହିଦାସ, ଅମନଦୀପ ଲାକ୍ରା ଶିଳାନନ୍ଦ ଲାକ୍ରା ଓ ନୀଲମ ସଞ୍ଜୀପ ଖେସ୍। ଆଗକୁ ଦୁଇଟି ବଡ଼ ଅନ୍ତର୍ଜାତୀୟ ଇଭେଣ୍ଟ ଖେଳିବାକୁ ଥିବାରୁ ଏହି କ୍ୟାମ୍ପ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ଦଳ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ରାଜଗିରିରେ ହିରୋ ଏସିଆ କପ୍ ଖେଳିବ। ଏସିଆ କପ୍‌ର ବିଜେତା ଆସନ୍ତା ଅଗଷ୍ଟ ୧୪ରୁ ୩୦ ପର୍ଯ୍ୟନ୍ତ ହେବାକୁଥିବା ଫିଫା ପୁରୁଷ ବିଶ୍ୱ କପ୍ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏହି ମେଗା ଇଭେଣ୍ଟକୁ ଉଭୟ ବେଲ୍‌ଜିୟମ ଓ ନେଦରଲାଣ୍ଡ୍ସ ମିଳିତ ଭାବେ ଆୟୋଜନ କରୁଛନ୍ତି। ୟୁରୋପରେ ପ୍ରୋ-ଲିଗ୍ ୨୦୨୪-୨୫ ଅଭିଯାନରେ ଭାରତ ଖେଳିଥିବା ୮ଟି ମ୍ୟାଚ ମଧ୍ୟରୁ କେବଳ ଗୋଟିଏରେ ବିଜୟ ଲାଭ କରି ଟେବୁଲର ୮ମ ସ୍ଥାନରେ ରହିଥିଲା। ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ଆସନ୍ତା ଟୁର୍ନାମେଣ୍ଟଗୁଡ଼ିକରେ ଦଳର ଦୋଷଦୁର୍ବଳତା ସଜାଡ଼ିବା ଦିଗରେ କୋଚିଂ ଷ୍ଟାଫ୍‌ମାନେ ବିଶେଷ ଧ୍ୟାନ ଦେବେ। ଦଳର ବର୍ତ୍ତମାନ ଭାରତ ‘ଏ’ ଦଳ ସହିତ ୟୁରୋପ ଟୁର୍‌ରେ ଥିବା ବରୁଣ କୁମାରଙ୍କୁ ଡିଫେନ୍ସ ଲାଇନ୍‌ରୁ ବାଦ୍ ଦିଆଯାଇଛି। କିନ୍ତୁ ଶୁଣିବାକୁ ମିଳୁଛି ଯେ, ମୁଖ୍ୟ କୋଚ୍ କ୍ରେଗ୍ ଫଲ୍‌ଟନ ଭାରତ‘ଏ’ ଦଳର ପ୍ରଦର୍ଶନ ବିଚାରକୁ ନେବେ। ଅତିକମ୍‌ରେ ଅଷ୍ଟ୍ରେଲିଆ ଟୁର୍ ପାଇଁ କେତେଜଣ ଖେଳାଳିଙ୍କୁ ସାମିଲ କରିପାରନ୍ତି। ଏହି ମ୍ୟାଚ୍‌ଗୁଡ଼ିକ ପର୍ଥରେ ଅଗଷ୍ଟ ୮ରୁ ୨୨ ପର୍ଯ୍ୟନ୍ତ ଖେଳାଯିବ।

**ଖେଳାଳି ତାଲିକା**–ଗୋଲ୍‌କିପର: କ୍ରିଶନ ବି. ପାଠକ, ସୁରଜ କାର୍‌କେରା, ପୱନ ମୋହିତ ଏସ୍। ଡିଫେଣ୍ଡର: ସୁମିତ, ଅମିତ ରୋହିଦାସ, ନିଲମ ସଞ୍ଜୀବ ଖେସ୍, ହରମନପ୍ରୀତ୍ ସିଂ, ଜରମନପ୍ରୀତ ସିଂ, ସଞ୍ଜୟ, ୟଶଦୀପ ସିୱାଚ୍, ଅମନଦୀପ ଲାକ୍ରା। ମିଡ୍ ଫିଲ୍ଡର: ରାଜ କୁମାର ପାଲ୍, ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ, ରାଜୀନ୍ଦର ସିଂ, ମନପ୍ରୀତ୍ ସିଂ, ବିବେକ ସାଗର ପ୍ରସାଦ, ସମଶେର ସିଂ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ପୁଭାନ୍ନା ସି.ବି. ବିଷ୍ଣୁକାନ୍ତ ସିଂ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ